RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -247 ସଂଖ୍ୟା-୨୪୭
ଭୁବନେଶ୍ୱର, ମଙ୍ଗଳବାର ୧୬ ଡିସେମ୍ବର ୨୦୨୫
Bhubaneswar, Tuesday 16 December, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଭୁବନେଶ୍ୱରରେ 'ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର' ପ୍ରତିଷ୍ଠା

## ଅନୁମୋଦନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୧୨(ନି.ପ୍ର.):: ଆଗରୁ ଓଡ଼ିଶା ଲୋକଙ୍କୁ ଭିସା ପାଇଁ ଆଉ କୋଲକାତା, ଦିଲ୍ଲୀ କିମ୍ବା ହାଇଦ୍ରାବାଦ ଯିବାକୁ ପଡୁଥିଲା। ହେଲେ ଆଉ ସେଭଳି ଅସୁବିଧାର ସମ୍ମୁଖୀନ ହେବେ ନାହିଁ ଓଡିଶାବାସୀ। ଏହାର ସମାଧାନ ଲାଗି ରାଜ୍ୟ ସରକାର ପ୍ରଚେଷ୍ଟା କରିଛନ୍ତି। ଓଡିଶା ସରକାର ଭୁବନେଶ୍ୱରରେ ପ୍ରତିଷ୍ଠା କରିବେ 'ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର'।



ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଭୁବନେଶ୍ୱରରେ 'ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର' ପ୍ରତିଷ୍ଠା ପାଇଁ ଅନୁମୋଦନ କରିଛନ୍ତି। ଏହି ପ୍ରସ୍ତାବିତ ଭିସା ସେଣ୍ଟର ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବାବାସାହେବ ଆମ୍ବେଦକର ବସ୍ ଟର୍ମିନାଲ୍ ବିଲ୍ଡିଂରେ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ଓଡିଶା ସରକାର ୩ ହଜାର ବର୍ଗଫୁଟର ଜାଗା ଯୋଗାଇଦେବେ।

ଅନ୍ତର୍ଜାତୀୟ ଭିସା ପାଇବା ପାଇଁ ପୂର୍ବରୁ ରାଜ୍ୟବାସୀଙ୍କୁ କୋଲକତା, ନୂଆଦିଲ୍ଲୀ, ହାଇଦ୍ରାବାଦ ଭଳି ଦେଶର ଅନ୍ୟ ସହରକୁ ଯିବା ପାଇଁ ପଡୁଥିଲା । ଭୁବନେଶ୍ୱରରେ ଏକ ଭିସା ସେଣ୍ଟର ପ୍ରତିଷ୍ଠା କରିବା ପାଇଁ ରାଜ୍ୟବାସୀଙ୍କ ପକ୍ଷରୁ ବହୁ ଦିନରୁ ଦାବି ରହିଆସୁଥିଲା । ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି।

# ମାଲକାନଗିରିରେ ହଟିଲା ଇଣ୍ଟରନେଟ୍ କଟକଣା

ମାଲକାନଗିରି,୧୫।୧୨(ନି.ପ୍ର.): ଗତ ୯ ଦିନ ଧରି ମାଲକାନଗିରିରେ ଇଣ୍ଟରନେଟ ସେବା ବନ୍ଦ ରହିବା ପରେ ସୋମବାର ମଧ୍ୟାହ୍ନ ୧୨ଟାରେ ଇଣ୍ଟରନେଟ ସେବା ସ୍ୱାଭାବିକ ହୋଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଏସପି ବିନୋଦ ପାଟିଲ ଏଚ୍ ରାଖାଲଗୁଡା, ମାରିୱାଡ଼ା, ନିଲିଗୁଡ଼ା ଓ ଏମଭି ୧୮ ଗାଁ ଗସ୍ତ କରି ଗ୍ରାମବାସୀଙ୍କ ସହ ଆଲୋଚ଼ନା କରିଛନ୍ତି।

ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି ଯେ ଭବିଷ୍ୟତର ପିଢ଼ି ପାଇଁ ଆମ ସମସ୍ତଙ୍କୁ ଭାଇଚ଼ାରର ବନ୍ଧନରେ ବାନ୍ଧି ହୋଇ ରହିବାକୁ ପଡିବ। ପୁଣି ଥରେ ପରସ୍ପର ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାକୁ ପ୍ରୟାସ କରିବାକୁ ହେବ। ପରସ୍ପର ମଧ୍ୟରେ କଥାବାର୍ତ୍ତା ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିବ ବୋଲି ଜିଲ୍ଲାପାଳ କହିଛନ୍ତି।

ନିଜ ନିଜ ମଧ୍ୟରେ ଥିବା ଭୁଲ୍ ବୁଝାମଣାକୁ ଦୂର କରିବାକୁ ହେବ ବୋଲି ଆଜି ଚ଼ାରିଟି ଗ୍ରାମର ଗ୍ରାମବାସୀଙ୍କୁ ବୁଝାଇଛନ୍ତି ଜିଲ୍ଲାପାଳ। ଯେକୌଣସି ପ୍ରକାର ଆଇନ ଶୃଙ୍ଖଳା ସମ୍ପର୍କିତ ବିଷୟଗୁଡ଼ିକୁ ସିଧାସଳଖ ଏସପିଙ୍କୁ ଅବଗତ କରାଇବାକୁ ଏସପି କହିଛନ୍ତି। ସମଗ୍ର ଜିଲ୍ଲାରେ ଇଣ୍ଟରନେଟ ସେବା ସ୍ୱାଭାବିକ ହୋଇଛି। ଲୋକେ ଆଶ୍ୱସ୍ତି



## ଫେକ୍ ନ୍ୟୁଜ୍-ଗୁଜବ ପ୍ରଚ଼ାର କଲେ କଡା କାର୍ଯ୍ୟାନୁଷ୍ଠାନ : ଏସ୍‌ପି

ଲାଭ କରିଛନ୍ତି।

କିନ୍ତୁ ବର୍ତ୍ତମାନ ଭଳି ସମ୍ବେଦନଶୀଳ ପରିସ୍ଥିତିରେ ସୋସିଆଲ ମିଡିଆରେ ଫେକ୍ ନ୍ୟୁଜ୍ ଅବା ଗୁଜବ ପ୍ରଚ଼ାର କରି ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିବା ନାହିଁ ବୋଲି ଲୋକଙ୍କୁ ସଚେତନ କରିଛନ୍ତି ଏସପି। ଫେକ୍ ନ୍ୟୁଜ୍ ପ୍ରଚାରକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଏସପି ତାଗିଦ୍ କରିଛନ୍ତି।

ଜିଲ୍ଲାପାଳ ଗ୍ରାମବାସୀଙ୍କର ଗ୍ରାମରେ ରହିଥିବା ମୌଳିକ ସମସ୍ୟା ଗୁଡ଼ିକୁ ଶୁଣିଥିଲେ। ଆଦିବାସୀଙ୍କ ଘରଡିହ ପଟ୍ଟା ଶୀଘ୍ର ପ୍ରଦାନ କରିବାରେ ତତ୍ପର ହେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିଲିଗୁଡ଼ା ଗ୍ରାମରେ ଡ୍ରପ୍ ଆଉଟ୍ ହୋଇଥିବା ଏକ ଛାତ୍ରୀ ବିଷୟରେ ଜାଣିବାକୁ ପାଇଥିଲେ ଜିଲ୍ଲାପାଳ। ତୁରନ୍ତ ହଷ୍ଟେଲ ବ୍ୟବସ୍ଥା ଥିବା ନିକଟସ୍ଥ ବିଦ୍ୟାଳୟରେ ତାଙ୍କ ନାମ ଲେଖାଇବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ।

ସେହି ସମୟରେ ଗ୍ରାମରେ ଉପସ୍ଥିତ ଥିବା ଅଭିଭାବକମାନଙ୍କୁ ଶିକ୍ଷାର ଗୁରୁତ୍ୱ ଓ ନାରୀ ଶିକ୍ଷା କେତେ ଜରୁରୀ ବୁଝାଇଥିଲେ ଜିଲ୍ଲାପାଳ। ଜିଲ୍ଲାପାଳ ଓ ଏସପିଙ୍କ କଥା ମାନି ପରସ୍ପର ମଧ୍ୟରେ ଭାଇଚ଼ାରା ବଜାୟ ରଖିବେ ବୋଲି ଗ୍ରାମବାସୀ ମାନେ ସହମତି ପ୍ରକାଶ କରିଛନ୍ତି। ଜିଲ୍ଲାରେ ଶାନ୍ତି ଫେରୁଛି।

# ମନରେଗା ବଦଳରେ ଭିବି ଜି ରାମ ଜି

ନୂଆଦିଲ୍ଲୀ,୧୫।୧୨: ଇତିହାସ ପାଲଟିବ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟୀ ଯୋଜନା ବା ମନରେଗା। ଏହା ବଦଳରେ ଆଉ ଗୋଟିଏ ନୂଆ ଗ୍ରାମୀଣ ନିଯୁକ୍ତି ଯୋଜନା ଲାଗୁ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି କେନ୍ଦ୍ର ସରକାର। ଏମଜିନରେଗା ବା ମନରେଗା ଯୋଜନା ବଦଳରେ ଆଉ ଗୋଟିଏ ସ୍କିମ ଲାଗୁ କରିବା ପାଇଁ ସରକାର ଶୀତ ଅଧିବେଶନରେ ବିଲ ଆଗତ କରିଛନ୍ତି।

୨୦୦୫ରୁ ମନରେଗା ଲାଗୁ ହେଉଥିବା ବେଳେ ହଠାତ୍ ଏହାକୁ ବଦଳାଇବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେବା ସମସ୍ତଙ୍କୁ ଚ଼କିତ କରିଛି। ସେହିପରି ବିରୋଧୀ ମଧ୍ୟ ଏହାକୁ ସଂସଦରେ ବିରୋଧ କରିବାକୁ ଅଣ୍ଟା ଭିଡିଛନ୍ତି।

ସରକାର ଆଣିଥିବା ନୂଆ ବିଲର ନାଁ ହେଉଛି 'ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ଏମ୍ପ୍ଲୟମେଣ୍ଟ ଆଣ୍ଡ ଜୀବିକା ମିଶନ ବା ଗ୍ରାମୀଣ। ଏହାକୁ ଭିବି ଜି ରାମ ଜି ମଧ୍ୟ କୁହାଯାଉଛି। ଏହି ବିଲକୁ ସଂସଦର ଉଭୟ ସଦନରେ ପାରିତ କରିବାକୁ କେନ୍ଦ୍ର ସରକାର ଯୋଜନା ରଖିଛନ୍ତି। ଏଥିପାଇଁ ବିଜେପି ପକ୍ଷରୁ ସମସ୍ତ ସାଂସଦଙ୍କୁ ଗୃହରେ ଉପସ୍ଥିତ ରହିବାକୁ ହ୍ୱିପ ଜାରି କରାଯାଇଛି। ସରକାରଙ୍କ କହିବା କଥା ଯେ ନୂଆ ବିଲ୍ ?ରେ ବିକଶିକ ଭାରତ ୨୦୨୪ ଭିଜନକୁ ପୂରଣ କରିବା ପାଇଁ ସବୁ ପ୍ରକାରର ବ୍ୟବସ୍ଥା ହୋଇଛି।

ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ ୨୦୦୫କୁ ପ୍ରଥମେ କଂଗ୍ରେସ କ୍ଷମତାସୀନ ୟୁପିଏ ସରକାର ଲଞ୍ଚ କରିଥିଲେ। ଏହା ନରେଗା ନାଁରେ ପ୍ରଥମେ ପରିଚ଼ିତ ଥିଲେ। ପରବର୍ତ୍ତୀ ଅବସ୍ଥାରେ ଏହା ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟୀ ଆଇନ ବା ଏମଜିନରେଗା ବା ମନେରଗା ନାଁକୁ ପରିବର୍ତ୍ତନ କରାଯାଇଥିଲା।ଗ୍ରାମାଞ୍ଚଳର ଲୋକଙ୍କୁ ବର୍ଷକ ମଧ୍ୟରେ ଅତିକମରେ ୧୦୦ ଦିନ କାର୍ଯ୍ୟ ଯୋଗାଇ ଦେଇ ସେମାନଙ୍କ ସାମାଜିକ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ଏହି ଯୋଜନାକୁ ଲାଗୁ କରାଯାଇଥିଲା। ଏହା ସମୟକ୍ରମେ ସବୁଠାରୁ ବଡ କେନ୍ଦ୍ରୀୟ ନିଯୁକ୍ତି ଯୋଜନାରେ ପରିଣତ ହୋଇଛି।କାମ କରିବାକୁ ଚ଼ାହୁଁଥିବା ଗ୍ରାମାଞ୍ଚଳର ଲୋକଙ୍କୁ ସରକାର କାର୍ଯ୍ୟ ଯୋଗାଇ ଦେବା ସହ ସେମାନଙ୍କୁ ଏହି ଯୋଜନା ଅନୁସାରେ ମଜୁରୀ ଦେଉଛନ୍ତି। ଗ୍ରାମାଞ୍ଚଳରେ କାମର ଅଭାବକୁ ଦୂର କରିବା ଓ ଲୋକଙ୍କ ଜୀବନକୁ ଅଧିକ ସ୍ୱାବଲମ୍ବୀ କରିବାରେ ଏମଜିନରେଗା ବା ମନେରଗା ୨୦୦୫ରୁ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି।୨୦୦୫ରୁ ଏହି ଯୋଜନା ଅଧୀନରେ ଗ୍ରାମାଞ୍ଚଳର ଲୋକଙ୍କୁ ନିଶ୍ଚିତ ୧୦୦ ଦିନର କାମ ମିଳୁଥିଲା। ଏବେ କେନ୍ଦ୍ର ସରକାର ଗ୍ରାମୀଣ ଯୋଜନା ଜରିଆରେ ୧୨୫ ଦିନ କାମ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଖାଲି ସେତିକି ନୁହେଁ, ଲୋକଙ୍କୁ ମିଳିଥିବା କାମ ଶେଷ ହେବାର ଗୋଟିଏ ସପ୍ତାହ କିମ୍ବା ୧୫ ଦିନ ମଧ୍ୟରେ ମଜୁରୀ ବାବଦ ଟଙ୍କା ଦିଆଯିବ।

# ଚ଼ାର୍ଜସିଟ୍ ଦାଖଲ କଲା ଏନଆଇଏ

ନୂଆଦିଲ୍ଲୀ,୧୫।୧୨(ନି.ପ୍ର.): ପହଲଗାମ ଆତଙ୍କବାଦୀ ଆକ୍ରମଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ସୋମବାର ଚ଼ାର୍ଜସିଟ୍ ଦାଖଲ କରିଛି। ଜମ୍ମୁର ଏକ ସ୍ୱତନ୍ତ୍ର ଏନଆଇଏ କୋର୍ଟରେ ଏହି ଚ଼ାର୍ଜସିଟ୍ ଦାଖଲ କରାଯାଇଛି। ଏଥିରେ ଲସ୍କର-ଏ-ତୈବା ଆତଙ୍କବାଦୀ ସାଜିଦ ଜଟ୍ଟଙ୍କୁ ଆକ୍ରମଣର ମାଷ୍ଟରମାଇଣ୍ଡ ବୋଲି ନାମ ଦିଆଯାଇଛି। ଏନଆଇଏ ସାଜିଦ ପାଇଁ ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛି।

ଏହି ଚ଼ାର୍ଜସିଟରେ କୁହାଯାଇଛି ଯେ ପହଲଗାମ ଅଞ୍ଚଳର ଦୁଇ ବାସିନ୍ଦା, ବଶିର ଅହମ୍ମଦ ଜୋଥାର ଏବଂ ପରଭେଜ ଅହମ୍ମଦ ଜୋଥାରଙ୍କୁ ୨୨ ଜୁନ୍ ୨୦୨୫ ରେ ଗିରଫ କରାଯାଇଥିଲା। ଗିରଫ ଦୁଇଜଣଙ୍କ ଉପରେ ଆକ୍ରମଣ ଘଟାଇଥିବା ତିନି ଜଣ ପାକିସ୍ତାନୀ ଆତଙ୍କବାଦୀ, ସୁଲେମାନ ଶାହ, ହମଜା ଆଫଗାନି ଓରଫ ଆଫଗାନି ଏବଂ ଜିବ୍ରାନଙ୍କୁ ଆଶ୍ରୟ ଏବଂ ଲଜିଷ୍ଟିକ୍ ସମର୍ଥନ ଯୋଗାଇବା ଅଭିଯୋଗ ରହିଛି। ଚ଼ାର୍ଜସିଟ୍ ଦାଖଲ ପାଇଁ ୧୮୦ ଦିନର ସମୟ ସୀମା ଡିସେମ୍ବର ୧୮ ରେ ଶେଷ ହେଉଥିଲା ଏବଂ ଏଜେନ୍ସି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଡିସେମ୍ବର ୧୫ ରେ କୋର୍ଟରେ ଚ଼ାର୍ଜସିଟ୍ ଦାଖଲ କରିଛି।କୋର୍ଟ ଦେଇଥିବା ପ୍ରାରମ୍ଭିକ ୯୦ ଦିନର ସମୟ ସୀମା ବ୍ୟତୀତ ତଦନ୍ତ ସମାପ୍ତ କରିବା ପାଇଁ ଏନଆଇଏ ଅତିରିକ୍ତ ୪୫ ଦିନ ଅନୁରୋଧ କରିଥିଲା। ଏହି ଆକ୍ରମଣ ଘଟାଇବାରେ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା ସହିତ ଜଡିତ ପାକିସ୍ତାନଭିତ୍ତିକ ଆତଙ୍କବାଦୀଙ୍କ ସମ୍ପୃକ୍ତି ପୂର୍ବରୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସଂସଦରେ ନିଶ୍ଚିତ କରିଥିଲେ।

# ସମୂହ ଆତ୍ମହତ୍ୟା,୪ ମଲେ, ବଂଚିଗଲେ ୨

ପାଟନା,୧୫।୧୨: ସାମ୍ନାକୁ ଆସିଛି ଅତ୍ୟନ୍ତ ବିଚ଼ଳିତ କରିବା ଭଳି ଘଟଣା। ନିଜର ୫ ପିଲାଙ୍କୁ ମାରିବାକୁ ଚେଷ୍ଟା କରିଛନ୍ତି ଜନ୍ମ କଲା ବାପା। ସେ ୫ ପିଲାଙ୍କୁ ମାରିବାକୁ ଉଦ୍ୟମ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୫ ପିଲାଙ୍କୁ ମାରିବାକୁ ଉଦ୍ୟମ କରିବା ପରେ ବାପା ଜଣଙ୍କ ନିଜେ ମଧ୍ୟ ଆତ୍ମହତ୍ୟା କରିଛନ୍ତି। ବିହାର(ଇସଷବକ୍ସ)ର ମୁଜାଫ୍ଫରପୁରରେ ଏପରି ହୃଦୟ ବିଦାରକ ଘଟଣା ଘଟିଛି।



ଏତେ ବଡ ଘଟଣା ଘଟାଇଥିବା ବ୍ୟକ୍ତି ଜଣଙ୍କ ହେଲେ ୩୫ ବର୍ଷୀୟ ଅମରନାଥ ରାମ। ସେ ନିଜର ୫ ପିଲା- ଅନୁରାଧା କୁମାରୀ(୧୨), ଶିବାନୀ କୁମାରୀ(୧୧), ରାଧିକା କୁମାରୀ(୭), ଶିବମ କୁମାର(୬) ଓ ଚ଼ନ୍ଦନ କୁମାର(୫)ଙ୍କ ବେକରେ ଦଉଡି ବାନ୍ଧି ଝୁଲାଇ ମାରିବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଝିଅ ପ୍ରାଣ ହରାଇଥିବା ବେଳେ ୨ ପୁଅ ବର୍ତ୍ତି ଯାଇଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ଅମରନାଥ ନିଜର ୫ ପିଲାଙ୍କୁ ଧାଡିରେ ଟ୍ରଙ୍କ ଉପରେ ଛିଡା ହେବାକୁ କହିଥିଲେ। ସେମାନେ ଛିଡା ହେବା ପରେ ସମସ୍ତଙ୍କ ବେକରେ ଦଉଡି ବାନ୍ଧି ଦେଇଥିଲେ। ଏହାପରେ ସମସ୍ତଙ୍କୁ ଟ୍ରଙ୍କରୁ ଡେଇଁବାକୁ କହିଥିଲେ। ୩ ଝିଅ ବାପାଙ୍କ କଥାରେ ଡେଇଁ ପଡିବାରୁ ସେମାନଙ୍କ ମୃତ୍ୟୁ ହୋଇଛି। ୨ ପୁଅ ବାପାଙ୍କ କଥା ନ ଶୁଣିବାରୁ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି। ଅମରନାଥ ନିଜେ ମଧ୍ୟ ସମାନ ଶୈଳୀରେ ଜୀବନ ହାରିଛନ୍ତି। ଅମରନାଥଙ୍କ ପୁଅ ଶିବମ କହିଛନ୍ତି, "ମୁଁ ଘରେ ମୋ ବାପା ଓ ଭାଇଭଉଣୀଙ୍କ ସହ ରହିଥିଲି। ମୁଁ ଫୋନ ବ୍ୟବହାର କରୁଥିବେ ବେଳେ ମୋ ବାପା ବାଥରୁମ ଯାଇଥିଲେ। ସେଠାରୁ ଫେରିବା ପରେ ସେ ଆମ ସମସ୍ତଙ୍କୁ ଜଣଙ୍କ ପରେ ଜଣେ ଟାଙ୍ଗି ଦେଇଥିଲେ। ମୁଁ ବେକରେ ଲାଗିଥିବା ଦଉଡିକୁ ଖୋଲିବାକୁ ସକ୍ଷମ ହେବାରୁ ବର୍ତ୍ତି ଯାଇଛି।" ଏବେ ଅମରନାଥଙ୍କ ଦୁଇ ପୁଅଙ୍କୁ ମେଡିକାଲ ସୁବିଧା ଯୋଗାଇ ଦିଆଯାଉଛି।

# ସିଡ୍‌ନୀ ହମଲା ପଛରେ ପାକିସ୍ତାନୀ ବାପ-ପୁଅ

ନୂଆଦିଲ୍ଲୀ,୧୫।୧୨(ନି.ପ୍ର.): ଅଷ୍ଟ୍ରେଲିଆର ସିଡ୍‌ନୀରେ ହୋଇଥିବା ଆତଙ୍କବାଦୀ ହମଲାରେ ସାମିଲ ଥିବା ୨ ବନ୍ଧୁକଧାରୀଙ୍କ ପରିଚ଼ୟ ମିଳିଛି। ସିଡ୍‌ନୀ ବଣ୍ଡି ବିଚ଼ରେ ଇହୁଦୀମାନଙ୍କୁ ନେଇ ଆୟୋଜିତ ହାନୁକା କାର୍ଯ୍ୟକ୍ରମରେ ରବିବାର ସନ୍ଧ୍ୟାରେ ୨ ବନ୍ଧୁକଧାରୀ ଗୁଳି ମାଡ କରିଥିଲେ। ଏଥିରେ ୧୫ ଜଣ ପ୍ରାଣ ହରାଇଥିବା ବେଳେ ୨ ଜଣ ପୁଲିସ୍ ଅଧିକାରୀଙ୍କ ସହ ୩୦ ଜଣ ଆହତ ହୋଇଛନ୍ତି। ତେବେ ଏହି ନରସଂହାର ପଛରେ ଥିବା ଦୁଇ ବନ୍ଧୁକଧାରୀ ହେଉଛନ୍ତି ପାକିସ୍ତାନୀ ବାପ-ପୁଅ। ସେମାନଙ୍କ କୁଖ୍ୟାତ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ୍ ସହ ଲିଙ୍କ ଥିବା ମଧ୍ୟ ଜଣାପଡିଛି।ଗୁଳିମାଡ ସମୟରେ ପୁଲିସ୍‌ର ପାଲଟା ଆକ୍ରମଣରେ ୫୦ ବର୍ଷୀୟ ବନ୍ଧୁକଧାରୀ ପ୍ରାଣ ହରାଇଥିଲା। ତା'ର ୨୪ ବର୍ଷୀୟ ପୁଅ ଏବେ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚ଼ିକିତ୍ସିତ ହେଉଛି। ତା' ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ପୁଲିସ ନିଶ୍ଚିତ କରିଛି ଯେ ଆକ୍ରମଣରେ ଏହି ବାପ-ପୁଅଙ୍କ ବ୍ୟତୀତ ଆଉ କେହି ବି ସାମିଲ ନଥିଲେ। ପୁଲିସ୍ କହିଛି ଯେ ଇହୁଦୀ କାର୍ଯ୍ୟକ୍ରମରେ ଗୁଳି ମାଡ କରିଥିବା ୫୦ ବର୍ଷୀୟ ବ୍ୟକ୍ତି ଜଣକ ହେଉଛି ସାଜିଦ ଆକ୍ରମ। ତା'ର ୨୪ ବର୍ଷୀୟ ପୁଅ ନାଭେଦ ଆକ୍ରମ ମଧ୍ୟ ଇହୁଦୀ କାର୍ଯ୍ୟକ୍ରମ ପାଇଁ ସମୁଦ୍ର କୂଳରେ ଏକାଠି ହୋଇଥିବା ଲୋକଙ୍କ ଉପରକୁ ଗୁଳି ମାଡ କରିଥିଲା। ସାଜିଦ ଘଟଣା ସ୍ଥଳରେ ପ୍ରାଣ ହରାଇଥିବା ବେଳେ ଏବେ ନାଭେଦ ହସ୍ପିଟାଲରେ ଚ଼ିକିତ୍ସିତ ହେଉଛି। ଉଭୟ ପାକିସ୍ତାନୀର ମୂଳ ବାସିନ୍ଦା। ନାଭେଦ ଆକ୍ରମଣର ନ୍ୟୁ ସାଉଥ ୱେଲ୍ସ ଡ୍ରାଇଭର ଲାଇସେନ୍ସ ଫଟୋ ଏବେ ସାମ୍ନାକୁ ଆସିଛି। ଏଥିରେ ସେ ପାକିସ୍ତାନୀ କ୍ରିକେଟ ଟିମର ଜର୍ସି ପିନ୍ଧିଛି। ସାଜିଦ ୧୯୯୮ରେ ଛାତ୍ର ଭିସା ଧରି ପାକିସ୍ତାନରୁ ଅଷ୍ଟ୍ରେଲିଆ ଆସିଥିଲା। ଅଷ୍ଟ୍ରେଲିଆରେ ରହିବା ସମୟରେ ନାଭେଦ ଜନ୍ମ ଗ୍ରହଣ କରିଥିଲା। ସାଜିଦ ଛାତ୍ର ଭିସାକୁ ୨୦୦୧ରେ ଗୋଟିଏ ପାର୍ଟନର ଭିସାକୁ ବଦଳି ଥିଲା। ଶେଷରେ ସେ ଅଷ୍ଟ୍ରେଲିଆର ସ୍ଥାୟୀ ଭିସା ମଧ୍ୟ ପାଇଥିଲା ବୋଲି ଅଷ୍ଟ୍ରେଲିଆର ସ୍ୱରାଷ୍ଟ୍ର ମନ୍ତ୍ରୀ ଟୋନୀ ବୁର୍କେ ସୂଚ଼ନା ଦେଇଛନ୍ତି। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍‌ଥୋନୀ ଆଲବାନେସ କହିଛନ୍ତି ଯେ ଦୁଇ ଆକ୍ରମଣକାରୀ ଜାଣିଶୁଣି ଇହୁଦୀମାନଙ୍କୁ ହାନୁକା କାର୍ଯ୍ୟକ୍ରମର ପ୍ରଥମ ଦିନରେ ଟାର୍ଗେଟ କରିଥିଲେ। ଗୁଇନ୍ଦା ସୂତ୍ରରୁ ଜଣାପଡିଛି ଯେ ନାଭେଦକୁ ୬ ବର୍ଷ ତଳେ ଅଷ୍ଟ୍ରେଲିଆର ସୁରକ୍ଷା ଏଜେନ୍ସି ଆଇଏସଆଇଏସ୍ ଲିଙ୍କରେ ଜେରା କରିଥିଲା। ସେବେଠାରୁ ସେ ସୁରକ୍ଷାକର୍ମୀଙ୍କ ରାଡାରରେ ଥିଲା। ଏଥିପାଇଁ ସେ ସବୁବେଳେ ସର୍ବସାଧାରଣରୁ ଦୂରେଇ ରହୁଥିଲା। ସମ୍ଭବତଃ ସେ ଆକ୍ରମଣ ପାଇଁ ଉପଯୁକ୍ତ ସମୟକୁ ଅପେକ୍ଷା କରିଥିଲା। ରବିବାର ସେ ଆକ୍ରମଣ ସୁଯୋଗ ପାଇବାରୁ ଗୁଳିମାଡ କରିଥିଲା।

# ଯିଏ ଦୋଷୀ ନିଶ୍ଚିତ ଗିରଫ ହେବେ: ବିଧାୟକ ହିମାଂଶୁ

ଯାଜପୁର,୧୫।୧୨(ନି.ପ୍ର.): ଧର୍ମଶାଳାରେ ଦୁଇ ରାଜନୈତିକ ଦଳର ସମର୍ଥକମାନେ ଗଣ୍ଡଗୋଳ କରିବାକୁ ନେଇ ବିଜେଡ଼ି ଦେଇଥିବା ଧାରଣାକୁ ନାପସନ୍ଦ କରିଛନ୍ତି ବିଧାୟକ ହିମାଂଶୁ ଶେଖର ସାହୁ । ଦୋଷୀ ଯିଏ ବି ହୋଇଥାଉ ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଦଣ୍ଡ ଦିଆଯିବା ବୋଲି ସାମ୍ବାଦିକ ସମ୍ମିଳନୀରେ ସୋମବାର କହିଛନ୍ତି ବିଧାୟକ ହିମାଂଶୁ ଶେଖର ।

ହିମାଂଶୁ ପ୍ରତିକ୍ରିୟା ରଖିଛନ୍ତି ଯେ, ସେ ଆଇନରୁ ଉପରେ ନୁହଁନ୍ତି । ବିଗତ ଦିନରେ ସେହି ଅଞ୍ଚଳରେ ଏକ ହତ୍ୟା ହୋଇଥିଲା କିନ୍ତୁ କେହି ଥାନାକୁ ଯାଇନଥିଲେ । କେଉଁଠି ଫାର୍ମ ଅଛି, କେଉଁଠି ଭୋଜି ହୋଇଛି ତାହା ବିଷୟରେ ଜ୍ଞାତ ନୁହଁନ୍ତି । ସାମାଜିକ ଗଣମାଧ୍ୟମରୁ ଘଟଣା ସମ୍ପର୍କରେ ଜାଣିଲେ । ଆଇନ ତା ହିସାବରେ କାମ କରିବ, ଯେଉଁମାନେ ଦୋଷୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଧର୍ମଶାଳା ଥାନା, ଜେନାପୁର ଥାନା କିମ୍ବା ଯାଜପୁର ଏସପି କାର୍ଯ୍ୟାଳୟ ପାଖରେ ବସନ୍ତୁ । କିନ୍ତୁ ଡିଜି ଅଫିସ ସାମ୍ନାରେ ବସି ଯାତ୍ରା କରିବା ଏସବୁ ଭାଣ୍ଡାମି, ବାତ୍‌ଳାମି, ପାଗଳାମି । ଦଳ ମତ ନିର୍ବିଶେଷରେ ଧର୍ମଶାଳା ଜନ ସାଧାରଣଙ୍କ ସଦାସର୍ବଦା ଛିଡ଼ା ହୋଇଛି । ଯିଏ ମାଡ଼ ଖାଇଛନ୍ତି ସେ ଧର୍ମଶାଳାର ମୋ ଲୋକ, କୌଣସି ଦଳର କର୍ମୀ ନୁହଁନ୍ତି । ଏଥିପାଇଁ ଏସପିଙ୍କ ସହିତ ଆଲୋଚ଼ନା କରିଛନ୍ତି ।

# ମୋକିମ୍ କଂଗ୍ରେସରୁ ବହିଷ୍କୃତ



ନୂଆଦିଲ୍ଲୀ୧୫।୧୨(ନି.ପ୍ର.): ଦଳ ବିରୋଧୀ କାର୍ଯ୍ୟକଳାପ ଲାଗି ମହମ୍ମଦ ମୋକିମ୍ କଂଗ୍ରେସରୁ ବହିଷ୍କୃତ। ମହମ୍ମଦ ମୋକିମ୍ ଚ଼ିଠି ଜରିଆରେ ସୋନିଆ ଗାନ୍ଧୀଙ୍କୁ ଯେଉଁ ଆବେଦନ କରିଥିଲେ, ତାହା ଅଗ୍ରାହ୍ୟ ହୋଇଛି। ପିସିସି ସଭାପତି ଭକ୍ତ ଚ଼ରଣ ଦାସଙ୍କ ପ୍ରସ୍ତାବକ୍ରମେ ଏଆଇସିସି ମହମ୍ମଦ ମୋକିମ୍ ଙ୍କୁ କଂଗ୍ରେସରୁ ବହିଷ୍କାର ଲାଗି ଅନୁମୋଦନ କରିଛି। ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ ହୋଇଛନ୍ତି ମୋକିମ୍। ଏନେଇ ପିସିସି ସଭାପତି ଭକ୍ତ ଚ଼ରଣ ଦାସ ଚ଼ିଠି ଜରିଆରେ ସୂଚ଼ନା ଦେଇଛନ୍ତି।

ସୋନିଆ ଗାନ୍ଧୀଙ୍କୁ କଂଗ୍ରେସ ନେତା ମହମ୍ମଦ ମୋକିମ୍ ଲେଖିଥିବା ପାଞ୍ଚ ପୃଷ୍ଠାର ଚ଼ିଠିକୁ ନେଇ ମୁହଁ ଖୋଲିଥିଲେ ପିସିସି ସଭାପତି ଭକ୍ତ ଚ଼ରଣ ଦାସ। ନୂଆଦିଲ୍ଲୀରେ ସେ କହିଥିଲେ, ଯେଉଁମାନେ ବିଜେପି ସଂପର୍କରେ ଅଛନ୍ତି, ସେମାନେ ଚ଼ାଲିଯିବା ଦରକାର। ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡ଼୍ ?ଗେ ବହୁ ପରିଶ୍ରମ କରି ଦଳକୁ ଆଗକୁ ନେଉଛନ୍ତି। ତାଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇବା ଠିକ୍ ନୁହେଁ। ବିଦା ହେବା ପରେ ମୋକିମ୍ କହିଛନ୍ତି ଯେ, ମୋ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାରୁ ମୁଁ ଖୁସି। ମୋର ବିଚ଼ାରଧାରା କଂଗ୍ରେସ ସହ ଅଛି। ରାହୁଲ ଭୁଲ୍ କଲେ ବି କହିବାର ଅଧିକାର ଅଛି। ମୁଁ କିଛି ଭୁଲ କରିନି। ଯାହା କରିଛି ସେଥିଲାଗି ଅନୁତାପ କରୁନି। ସମର୍ଥକ, ଶୁଭେଚ୍ଛୁ ଓ ପରାମର୍ଶଦାତାଙ୍କ ସହ ଆଲୋଚ଼ନା କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବି। ଏକ ସାମ୍ବାଦିକ ସମ୍ମିଳନୀରେ ମୋକିମ୍ ଆହୁରି କହିଛନ୍ତି, ମୁଁ କାହାକୁ ଡରି ଚ଼ିଠି ଲେଖିନଥିଲି। ଭାବିଥିଲି କଂଗ୍ରେସ ସୁଧାର ଆଣିବ, କିନ୍ତୁ ମୋ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା। ଏନେଇ ମୁଁ ଅଧିକ କିଛି କହିବାକୁ ଚ଼ାହୁଁନାହିଁ। ମୁଁ ୨୪ ଘଣ୍ଟା ସମାଜସେବା କରୁଛି, ରାଜନୀତି କରୁଛି ଓ କରିବି। ମୋର ଚ଼ିଠିକୁ ରାଜ୍ୟ ଓ ଜାତୀୟ ଗଣମାଧ୍ୟମ ଗୁରୁତ୍ୱର ସହ ନେଇଥିବାରୁ ମୁଁ ସେମାନଙ୍କ ନିକଟରେ କୃତଜ୍ଞ। ସୋଫିଆ କଂଗ୍ରେସର ବିଧାୟକ ଅଛନ୍ତି। ସେ ନିଜେ ନିଷ୍ପତ୍ତି ନେବେ। ମୋତେ କିଛି ଦିନ ସମୟ ଦିଅନ୍ତୁ, ମୁଁ ଆଗକୁ କେଉଁ ଦଳରେ ଯୋଗ ଦେବି, ସେନେଇ ଆପଣଙ୍କୁ ଜଣାଇବି।

# ଥରାଇବ ଶୀତ

ଭୁବନେଶ୍ୱର।୧୫।୧୨(ନି.ପ୍ର.): କିଛି ଦିନ ହେଲା ରାଜ୍ୟରେ ପାରଦ ତଳ ମୁହାଁ ରହିଛି । ଏପରିକି ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ପାରଦ ତଳକୁ ଖସି ଶୀତ ବଢିବାରେ ଲାଗିଛି । ସାରା ରାଜ୍ୟରେ ଶୀତର ଲହରୀ ଜାରି ରହିଛି । ଯାହା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ସନ୍ଧ୍ୟା ହେଲେ ଘରୁ ବାହାରିବା ଅସମ୍ଭବ ହୋଇପଡୁଛି । ଏହାରି ଭିତରେ ୧୦ ଡିଗ୍ରୀ ତଳେ ୮ ସହର ରହିଥିବା ଜଣାପଡିଛି । କ୍ରମାଗତ ୧୦ ଦିନ ହେଲା ଲାଗି ରହିଛି ପ୍ରବଳ ଥଣ୍ଡା। ଆସନ୍ତା ସପ୍ତାହକ ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରାରେ ସେଭଳି ପରିବର୍ତ୍ତନ ହେବ ନାହିଁ ବୋଲି ସୂଚ଼ନା ରହିଛି ।

ସୁନ୍ଦରଗଡ, କନ୍ଧମାଳ, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାରେ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡି ହୋଇପାରେ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ । ସୁନ୍ଦରଗଡ ଜିଲ୍ଲା ବଣାଇ



ଅଞ୍ଚଳରେରେ ଘନ କୁହୁଡି ସାଙ୍ଗକୁ ପ୍ରବଳ ଶୀତ ଲାଗିରହିଛି । ଯାହା ଫଳରେ ୧୦ କିଲୋମିଟର ଦୂର ପର୍ଯ୍ୟନ୍ତ କିଛି ଦେଖାଯାଉନାହିଁ । ଯେଉଁଥିପାଇଁ ଯାତାୟାତରେ ବାଧା ସୃଷ୍ଟି ହେଉଛି ।

ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୪.୨ ଡିଗ୍ରୀ ସେଲସିୟସ୍, ଫୁଲବାଣୀ ୬, ଦାରିଙ୍ଗିବାଡି ୬, ସେମିଳିଗୁଡା ୬.୧, କୋରାପୁଟ ୭, ରାଉରକେଲା ୮.୨, ଚ଼ିପିଲିକା ୮.୬, ଝାରସୁଗୁଡା ୮.୯, କିରେଇ ୯.୮, ବୌଦ୍ଧ ୯.୮, ଭବାନୀପାଟଣା ୯, ଅନୁଗୁଳ ୯.୬, ନବରଙ୍ଗପୁର ୧୦, କେନ୍ଦୁଝର ୧୦.୬, ବଲାଙ୍ଗୀର ୧୦.୮, ରାୟଗଡା ୧୧, ସୋନପୁର ୧୧, ଢେଙ୍କାନାଳ ୧୧.୩, ସୁନ୍ଦରଗଡ ୧୦.୬, ସମ୍ବଲପୁର ୧୧.୮ ଓ ନୂଆପଡା ୧୨ ଡିଗ୍ରୀ ଥିଲା । ଉପକୂଳ ଓଡିଶାର ଭୁବନେଶ୍ୱର ୧୩.୨ ଓ କଟକ ୧୩, ଜଗତସିଂହପୁର ୧୨.୬, କେନ୍ଦ୍ରାପଡା ୧୨.୬ ଡିଗ୍ରୀ ଥିଲା ।

# ପୂର୍ବତନ ସାଂସଦ ଡା. ରାମ ବିଳାସ ଦାସ ବେଦାନ୍ତୀଙ୍କ ନିଧନ

ନୂଆଦିଲ୍ଲୀ୧୫।୧୨(ନି.ପ୍ର.): ରାମ ମନ୍ଦିର ଆନ୍‌ଦୋଳନର ଜଣେ ପ୍ରମୁଖ ଚେହାରା ଥିବା ସନ୍ଥ ତଥା ପୂର୍ବତନ ସାଂସଦ ଡାକ୍ତର ରାମ ବିଳାସ ଦାସ ବେଦାନ୍ତୀଙ୍କ ନିଧନ ହୋଇଛି । ସୋମବାର ସକାଳ ମଧ୍ୟ ପ୍ରଦେଶ ରୀୱା ଜିଲ୍ଲାରେ ୭୭ ବର୍ଷ ବୟସରେ ସେ ପ୍ରାଣ ତ୍ୟାଗ କରିଛନ୍ତି । ଏକ ପ୍ରବଚ଼ନ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିବାବେଳେ ସେଠାରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ । ତୁରନ୍ତ ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ଚ଼ିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ଡାକ୍ତର ରାମ ବିଳାସ ଦାସ ବେଦାନ୍ତୀ ଡିସେମ୍ବର ୧୦ ତାରିଖରେ ଦିଲ୍ଲୀରୁ ମଧ୍ୟପ୍ରଦେଶର ରୀୱାରେ ପହଞ୍ଚିଥିଲେ । ସେଠାରେ ଶ୍ରୀରାମ କଥା ଅନୁଷ୍ଠିତ ହେଉଥିଲା। ପ୍ରବଚ଼ନ ଦେଉଥିବା ସମୟରେ ସେ ଅସୁସ୍ଥ ହେବା ପରେ ସେ ଗତ ଦୁଇ ଦିନ ଧରି ସେଠାରେ ଚ଼ିକିତ୍ସାଧୀନ ଥିଲେ।

# ଆୟୁର୍ବେଦିକ୍ ଓ ହୋମିଓପ୍ୟାଥିକ୍ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ବୃଦ୍ଧି

ଭୁବନେଶ୍ୱର,୧୫।୧୨(ନି.ପ୍ର.): ସରକାରୀ ଆୟୁର୍ବେଦିକ୍ ଓ ହୋମିଓପ୍ୟାଥିକ୍ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ବୃଦ୍ଧି କଲେ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ। ରାଜ୍ୟର ବିଭିନ୍ନ ସରକାରୀ ଆୟୁର୍ବେଦିକ୍ ଓ ହୋମିଓପାଥିକ୍ କଲେଜରେ ପଢୁଥିବା ପିଜି ଛାତ୍ରଛାତ୍ରୀଙ୍କ ପାଇଁ ମିଳୁଥିବା ଷ୍ଟାଇପେଣ୍ଡକୁ ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ। ଆୟୁର୍ବେଦ ଓ ହୋମିଓପାଥିକ୍ ଚ଼ିକିତ୍ସା କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି।



ଏହାଦ୍ୱାରା ଉଭୟ ପାଠ୍ୟକ୍ରମରେ ପିଜି କରୁଥିବା ୧୨୦ ଜଣ ଛାତ୍ରଛାତ୍ରୀ ଉପକୃତ ହେବେ। ଏହି ନୂତନ ଷ୍ଟାଇପେଣ୍ଡ ୨୦୨୬ ଜାନୁଆରୀ ପହିଲାରୁ ଲାଗୁହେବ। ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ୩୧ ହଜାରରୁ ୪୮ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ୩୨ ହଜାରରୁ ୫୨ ହଜାର ଓ ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କର ଷ୍ଟାଇପେଣ୍ଡ ୩୩ ହଜାରରୁ ୫୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି ସରକାର।

ଏହି ନିଷ୍ପତ୍ତି ଅନୁଯାୟୀ ପିଜି ପ୍ରଥମ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ଷ୍ଟାଇପେଣ୍ଡରେ ୫୫ ପ୍ରତିଶତ ବୃଦ୍ଧି କରାଯାଇଛି । ଏଣେ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା ହେଉଛି ୬୨ ପ୍ରତିଶତ ବୃଦ୍ଧି । ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଏହି ବୃଦ୍ଧି ୬୭ ପ୍ରତିଶତ ବୋଲି ଜଣାଯାଇଛି ।

ସେହିପରି ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜର ହାଉସ୍ ସର୍ଜନମାନଙ୍କ ଷ୍ଟାଇପେଣ୍ଡ ୧୭ ହଜାରରୁ ୩୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଏହା ଚ଼ଳିତ ବର୍ଷ ଅଗଷ୍ଟ ପହିଲାରୁ ଲାଗୁହେବ। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଶିକ୍ଷା ଓ ରୋଗୀ ସେବାରେ ଅଧିକ ମନୋନିବେଶ କରି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।



## ପିପି ଏକାଡେମୀ ୧୯୮୫ ମାଟ୍ରିକ ବେଚ ପୁରାତନ ଛାତ୍ରଙ୍କର ବନ୍ଧୁମିଳନ

୧୫।୧୨:(ମନ୍ଥନ)ପି.ପି. ଏକାଡେମୀ ୧୯୮୫ ମାଟ୍ରିକ ବେଚ ପୁରାତନ ଛାତ୍ରଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବଲାଙ୍ଗୀର ନିକଟସ୍ଥ ଗେଡାବାଞ୍ଜି ବଣ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ପି.ପି.ଏକାଡେମୀ ରେ ସେ ସମୟର ଥିବା ତିନୋଟି ସେକ୍ସନ ର ପ୍ରାୟ ୫୦ ଜଣ ଛାତ୍ର ଯୋଗ ଦେଇଥିଲେ । ଏହା ଏକ ଐତିହାସିକ ବନ୍ଧୁମିଳନ ବୋଲି ଛାତ୍ର ସମୂହ ପକ୍ଷରୁ କୁହାଯାଇଛି । କାରଣ ଦୀର୍ଘ ଦିନ ପରେ କିଛି ବର୍ଷ



ଧରି ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଥିବା ସତ୍ତ୍ୱେ ଉକ୍ତ ବେଚର ପ୍ରାୟ ଅଧିକାଂଶ ଛାତ୍ର ଏଥିରେ ଭାଗ ନେଇଆସୁଛନ୍ତି । କିଛି ଛାତ୍ର ବହୁ ଦୂରଦୂରାନ୍ତରେ ଚାକିରୀ, ବ୍ୟବସାୟ ଆଦି କରୁଥିବା ସତ୍ତ୍ୱେ ସେମାନେ ମଧ୍ୟ ଗୋଟିଏ ଦିନ ପାଇଁ ଆସି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଦୀର୍ଘ ଦୁଇ ଦଶନ୍ଧି ପରେ ସମସ୍ତେ ସମସ୍ତଙ୍କୁ ଭେଟିବାର ପ୍ରବଳ ଉତ୍ସାହ ଓ ଉତ୍କଣ୍ଠା ଯୋଗୁଁ ହିଁ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମଟି ପ୍ରତିଥର ସତ ପ୍ରତିଶତ ସଫଳ ହୋଇପାରୁଛି ବୋଲି ଅନେକ ଛାତ୍ର ମତ ବ୍ୟକ୍ତ କରିଛନ୍ତି । କାର୍ଯ୍ୟକ୍ରମ ଆରମ୍ଭରୁ ପ୍ରଦୀପ ଜାଳି ସ୍ୱର୍ଗଆରୋହଣ କରିଥିବା ବନ୍ଧୁ ମାନଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା ଓ ପରବର୍ତ୍ତୀ ସମୟରେ ଛାତ୍ରମାନେ ନିଜ ନିଜ ପରିଚୟ ପ୍ରଦାନ କରିଥିଲେ । ବହୁ ବର୍ଷ ପରେ ଛାତ୍ରମାନେ ନିଜ ନିଜ ସ୍କୁଲ ବେଳର ସାଙ୍ଗ ସାଥୀଙ୍କୁ ଭେଟି ଖୁସିରେ ଆତ୍ମହରା ହୋଇପଡ଼ିଥିଲେ । ପୁରାତନ ଛାତ୍ରଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଖୁସିର ମାହୋଲ ଦେଖାଯାଇଥିଲା । ଏହି ବନ୍ଧୁମିଳନ ଅବସରରେ ଗୀତ, ନାଚ ଆଦି ବିଭିନ୍ନ ପ୍ରକାରର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଛାତ୍ର ମାନଙ୍କଦ୍ୱାରା ପରିବେଷଣ କରାଯାଇଥିଲା ।

## ନାକାମାମୁଡ଼ି ଗ୍ରାମ ପଞ୍ଚାୟତ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ମାଲକାନଗିରି, ୧୫।୧୨:(ମନ୍ଥନ)ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ସ୍ଥିତ ନାକାମାମୁଡ଼ି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଙ୍କ ନିର୍ଦ୍ଦେଶ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଶ୍ମି ରଞ୍ଜନ ସେନାପତି ଉପସ୍ଥିତ ରହି ଜନ ସାଧାରଣଙ୍କ ଅଭିଯୋଗ ଗୁଡ଼ିକୁ ଶୁଣିଥିଲେ । ଏହି ଶିବିରରେ ମୋଟ ୧୧୩ ଟି ଅଭିଯୋଗର ଶୁଣାଣି ହୋଇଥିଲା । ତନ୍ମଧ୍ୟରୁ ୫୨ ଗୋଟି ବ୍ୟକ୍ତିଗତ ଥିବା ବେଳେ ୬୧ ଟି ସାମୁହିକ ଅଭିଯୋଗ ରହିଥିଲା।ବିଭିନ୍ନ ଯୋଜନାର ହାତ ପାହାନ୍ତା ରେ ସେବା ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ୟାମ୍ପ ଆୟୋଜନ କରାଯାଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାର ମାନେ ଉପସ୍ଥିତ ଥିଲେ।

## ନବରଙ୍ଗପୁର ଜିଲ୍ଲା ଲୋକ ମହୋତ୍ସବ ମଣ୍ଡେଇରେ ମୁଖ୍ୟମନ୍ତ୍ରୀ ମକା ମିଶନ ପ୍ରଦର୍ଶନୀ ଷ୍ଟଲରେ ଲୋକଙ୍କ ଉତ୍ସାହ

ନବରଙ୍ଗପୁର,୧୫।୧୨:(ମନ୍ଥନ)ନବରଙ୍ଗପୁର ଜିଲ୍ଲା ଲୋକ ମହୋତ୍ସବ ମଣ୍ଡେଇ ତା. ୧୨ଡିସେମ୍ବର ରୁ ୧୫ ଡ଼ିସେମ୍ବର ପର୍ଯ୍ୟନ୍ତ ପାଳିତ ହେଉଛି । ଜିଲ୍ଲାର ସମୃଦ୍ଧ ଲୋକ କଳା ସଂସ୍କୃତି ଓ ପରମ୍ପରାକୁ ଲୋକଲୋଚନକୁ ଆଣିବା ସହ ଓଡ଼ିଶା ଏବଂ ଭାରତର ଲୋକକଳା ଐତିହ୍ୟକୁ ଜାଣିବା ଏହାର ଉଦ୍ଦେଶ୍ୟ । ତାସହିତ ବିଭିନ୍ନ ଅଂଚଳରୁ ଆସିଥିବା ବ୍ୟବସାୟୀ, ଦଳ ଓ ଅନୁଷ୍ଠାନ ସେମାନଙ୍କର ବ୍ୟବସାୟ କରିଥାନ୍ତି । ନବରଙ୍ଗପୁର ବିଭିନ୍ନ ସ୍ୱେଚ୍ଛାସେବି ଅନୁଷ୍ଠାନ ,ସରକାରୀ ସଂସ୍ଥା ଓ ସହାୟତା ପ୍ରାପ୍ତ ସରକାରୀ ଯୋଜନା ମଧ୍ୟ ସମିଲି ହୋଇଥାନ୍ତି । ନବରଙ୍ଗପୁର ଜିଲ୍ଲାର ୧୦ଟି ବ୍ଲକରେ ମୁଖ୍ୟମନ୍ତ୍ରୀ ମକ୍କା ମିଶନ କାର୍ଯ୍ୟ କରିଛନ୍ତି । ଷ୍ଟଲ ରେ ପ୍ରଦର୍ଶନୀ ମାଧ୍ୟମରେ ମକା ଓ ମକାରୁ ପ୍ରସ୍ତୁତ ଖାଦ୍ୟ ସମସ୍ତଙ୍କ ପାଇଁ ପୃଷ୍ଟିକର ଓ ଉପଯୋଗି । ଷ୍ଟଲ ରେ କୋଷାଗୁମୁଡ଼ା ମୁଖ୍ୟମନ୍ତ୍ରୀ ମକା ମିଶନର ବ୍ଲକ ସଂଯୋଜକ ଶ୍ରୀ କୈଳାସ ମହାପାତ୍ରଙ୍କ ଦ୍ୱାୟିତ୍ୱରେ ଖାଦ୍ୟ ଷ୍ଟଲ୍ ମକାରୁ ପ୍ରସ୍ତୁତ ସୁପ, ଲଲିପପ୍, ମକା ମୁଆ, ମକା ଲଡୁ , ବେବି କର୍ଣ୍ଣ ଇତ୍ୟାଦି ପ୍ରଦର୍ଶନ ହୋଇ ବିକ୍ରୟ କରାଯାଇଥିଲା । ମକା ଷ୍ଟଲ ଲୋକମାନଙ୍କର ମୁଖ୍ୟ ଆକର୍ଷଣର କେନ୍ଦ୍ର ପାଲଟିଥିଲା ଓ ପ୍ରବଳ ଜନ ଗହଳି ପରିଲକ୍ଷିତ ହୋଇଥଲା । ଏଥିରେ ଷ୍ଟଲରେ ମୁଖ୍ୟମନ୍ତ୍ରୀ ମକା ମିଶନର ଆଂଚଳିକ ସଂଯୋଜକ ଶ୍ରୀ ରଘୁନାଥ ସାହୁ, ଅଫିସ୍ ଆସିଷ୍ଟାଣ୍ଟ ଉଷାରାଣୀ ଗିରୀ, କୋଷଗୁମୁଡ଼ା ବ୍ଲକ ସଂଯୋଜକ ଶ୍ରୀ କୈଳାସ ମହାପାତ୍ର , ଝରିଗାଁ ବ୍ଲକ ସଂଯୋଜକ ଶ୍ରୀ ଶିବ ଶଙ୍କର ଦୋରା, ପାପଡ଼ାହାଣ୍ଡି ବ୍ଲକ ସଂଯୋଜକ ଅନନ୍ତ ଖଣ୍ଡପାଣି, ତେନ୍ତୁଳିଖୁଣ୍ଟି ବ୍ଲକ ସଂଯାଯୋକ ଅରୁଣ କୁମାର ସହଯୋଗ ସହ ଅଗ୍ରଣି ଭୂମିକା ନେଇଥିଲେ । ମୁଖ୍ୟମନ୍ତ୍ରୀ ମକା ମିଶନର ଏଭଳି ପଦକ୍ଷେପକୁ ସବୁମହଲରେ ପ୍ରଶଂସା କରାଯାଇଥିଲା ।

## ନଟରାଜ କଳା ପରିଷଦ ବଲାଙ୍ଗିର ର ନାଟକ ମହୋତ୍ସବ ୨୦୨୫ ଉଦ୍‌ଯାପିତ

ବଲାଙ୍ଗିର, ୧୫।୧୨:(ମନ୍ଥନ)କୋସଲ କଳା ମଣ୍ଡଳ ବଲାଙ୍ଗିର ଠାରେ ନଟରାଜ କଳା ପରିଷଦ ବଲାଙ୍ଗିର ର ନାଟକ ମହୋତ୍ସବ ୨୦୨୫ (ତ୍ରିନିଟି ୩/୨) ର ଉଦ୍‌ଯାପନ ଉତ୍ସବ ରେ ମୁଖ୍ୟ ଅତିଥି ରୂପେ ସୋନପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଥିଲେ ବରିଷ୍ଠ ସାମ୍ବାଦିକ ମନୋରଂଜନ ଯୋଷୀ ଓ ଲୋୟର ସୁକତେଲ ଏସ୍.ଇ. ସୁରେନ୍ଦ୍ର କୁମାର ସେଠ । ହରିନାରାୟଣ ପୁଜାରୀ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଅଧ୍ୟକ୍ଷ ଡ. ଶ୍ରୀକର ମିଶ୍ର ସଭା ପରିଚାଳନା କରିଥିଲେ ଓ ପ୍ରାଧ୍ୟାପକ ପ୍ରଶାନ୍ତ ଖମାରୀ ସ୍ୱାଗତ ଭାଷଣ ତଥା ତ୍ରିନିଟି ୩/ ୨ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ବଲାଙ୍ଗିର ର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଲଳିତ ନାୟକଙ୍କ ସ୍ମୃତିରେ ଡ. ରୁଦ୍ର ନାରାୟଣ ପଟେଲ ଙ୍କୁ ନଟରାଜ ସେବା ସମ୍ମାନ ପ୍ରଦାନ କରାଯାଇଥିଲା । 'ବା' ଓ 'ଜମିଦାର' ନାଟକର ନିର୍ଦ୍ଦେଶକ ପ୍ରହଲ୍ଲାଦ ଦର୍ଜି, ତ୍ରଶଙ୍କୁ ଓ ପାରଶ ମଣି ନାଟକର ନିର୍ଦ୍ଦେଶକ ସତ୍ୟବ୍ରତ ଆଚାର୍ଯ୍ୟ, ଯାଦୁବାଲା ଓ ଭୁଲତା ନାଟକର ନିର୍ଦ୍ଦେଶକ ରାମ ପ୍ରସାଦ ଦାଶ ଙ୍କୁ ସମ୍ମାନିତ କରାଯାଇଥିଲା । ନଟରାଜ କଳା ପରିଷଦ ର ନିର୍ଦ୍ଦେଶକ ପ୍ରହଲ୍ଲାଦ ଦର୍ଜି ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରେମ କେତେବେଳେ ସୁବାଷିତ ଫୁଲ ଭଳି ତ କେତେବେଳେ କଣ୍ଟାଭରା ଡାଳଟିଏ । ପ୍ରେମ ପବିତ୍ର ଅମୃତମୟ ଯଦି ତାହା ସ୍ୱାର୍ଥ ବାହାରେ ରହିଥାଏ ଓ ଉଦ୍ଦେଶ୍ୟ ପ୍ରଣଦିତ ହୋଇନଥାଏ । ସ୍ୱାର୍ଥ ଏବଂ କୁ ଉଦ୍ଦେଶ୍ୟ ପ୍ରେମକୁ କରିଥାଏ ବିଷମୟ । ଏହି ବିଷ ଥରେ ପ୍ରେମ ସହିତ ମିଶି ଗଲେ ତାହା ଜିବନକୁ ହନ୍ତସନ୍ତ କରିଦିଏ । ଏଥି ପାଇଁ ଦାୟୀ ପ୍ରେମ ନୁହେଁ, ସ୍ୱାର୍ଥନୈଶି ମଣିଷ ହିଁ ଏଥି ପାଇଁ ଦାୟି । ଏହା ଉପରେ ଆଧାରିତ ହୋଇ ପ୍ରଦର୍ଶିତ ହୋଇଥିଲା ଉଦ୍‌ଯାପନି ଉତ୍ସବର ପ୍ରଥମ ନାଟକ 'ଭୁଲତା' ଯାହାର ରଚୟିତା ବିଶିଷ୍ଟ ନାଟ୍ୟକାର ଅଶୋକ ବହିଦାର, ନିର୍ଦ୍ଦେଶନା ଦେଇଥିଲେ ରାମ ପ୍ରସାଦ ଦାଶ । ସଂଗୀତ ଦେଇଥିଲେ ଗଣେଷ ପୁଝାରୀ । ଅଭିନୟରେ ଭାଗ ନେଇଥିଲେ ଅରୁଣ, ମିଲି, ବିଶ୍ୱଜିତ, ମାନସ, ଦେବ ଓ ଆନନ୍ଦ । ଗବେଷଣା କରି ବିଜ୍ଞାନରେ ନୂତନ କିଛି ଉଦ୍ଭାବନ କରିବା କିଛି ନୂଆ କଥା ନୁହେଁ । ମାତ୍ର ଗବେଷକ ଯଦି ପଥଚ୍ୟୁତ ହୋଇଯାନ୍ତି ତାର କୁପରିମାଣମ କେବଳ ସେ ଭୋଗ କରନ୍ତି ନାହିଁ ଅଧିକନ୍ତୁ ଏହା ସମାଜ ଉପରେ ଗଭିତ ପ୍ରଭାବ ପକାଏ । ଏହାକୁ ନେଇ ପ୍ରଦର୍ଶିତ ହୋଇଥିଲା ଦ୍ୱିତୀୟ ନାଟକ 'ପାରଶମଣି' । ନାଟକ ଟିକୁ ଦେବରାଜ ସାହୁ ଲେଖିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ସତ୍ୟବ୍ରତ ଆଚାର୍ଯ୍ୟ ଓ ସଂଗୀତ ଦେଇଥିଲେ ଗଣେଷ ପୁଜାରୀ । ଅଭିନୟରେ ଥିଲେ ହରି, ସଂଜିବ, କୁମୁଦ, ନୁର, ଲଳିତ, ପିଣ୍ଟୁ ଓ ଆନନ୍ଦ ।

## ବଲାଙ୍ଗିରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ବଲାଙ୍ଗିର,୧୫।୧୨:(ମନ୍ଥନ)ବଲାଙ୍ଗିର ଜିଲ୍ଲା ନ୍ୟାୟାଳୟ ସମେତ, ଜିଲ୍ଲାରେ ଥିବା ସମସ୍ତ ତାଲୁକ ସ୍ତର ଓ ତୁଷୁରା କୋର୍ଟ ଠାରେ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି । ଏହି ଲୋକ ଅଦାଲତ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ନ୍ୟାୟାଳୟର ଜିଲ୍ଲା ନ୍ୟାୟାଧିଶ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ (ଭାରପ୍ରାପ୍ତ) ଶ୍ରୀଯୁକ୍ତ ମଳୟ ରଂଜନ ଦାଶଙ୍କ ଉପସ୍ଥିତିରେ ପରିଚାଳନା କରାଯାଇଥିଲା ଏଥିରେ ଶ୍ରୀଯୁକ୍ତ ବିମଳ କୁମାର ଚନ୍ଦ, ଚେୟାରମ୍ୟାନ, ପି ଏଲ୍ ଏ, (ପି ୟୁ ଏସ୍), ଶ୍ରୀଯୁକ୍ତ ବିକ୍ରମ କେଶରୀ ପଟ୍ଟନାୟକ, ଜଜ୍ ଫ୍ୟାମିଲି କୋର୍ଟ, ଶ୍ରୀମତୀ ଅଞ୍ଜଳି ପାଢ଼ୀ, ଅତିରିକ୍ତ ଜିଲ୍ଲା ଜଜ୍ (ଦ୍ୱିତୀୟ), ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ, ଶଙ୍ଖ ଚକ୍ରବର୍ତ୍ତୀ, ରେଜିଷ୍ଟ୍ରାର, ସିଭିଲ କୋର୍ଟ, ଶ୍ରୀଯୁକ୍ତ ଶ୍ରୀଦୀପ୍ ମିଶ୍ର, ଶ୍ରୀଯୁକ୍ତ ଆଶିଷ କୁମାର ସାହୁ, ସିଭିଲ୍ ଜଜ୍ (ବରିଷ୍ଠ), ଶ୍ରୀମତୀ ବୈଶାଳୀ ନାୟକ, ସିଭିଲ୍ ଜଜ୍ (ବରିଷ୍ଠ), ଶ୍ରୀମତୀ ଅର୍ଣ୍ଣପୂର୍ଣ୍ଣା ଷଡଙ୍ଗୀ, ଅତିରିକ୍ତ ସିଭିଲ୍ ଜଜ୍ (ବରିଷ୍ଠ), ଶ୍ରୀମତୀ ଦୀପାରାଣୀ ଜେନା, ଶ୍ରୀମତୀ ସାସ୍ୱତୀ ମହାପାତ୍ର, ସିଭିଲ୍ ଜଜ୍ (କନିଷ୍ଠ), ଶ୍ରୀ ଶିଶିର ଭୋଇ (ଗ୍ରାମ ନ୍ୟାୟାଧିକାରୀ) ଦୀପାଳି ଦାସ(ଜେ.ଏମ୍.ଏଫ୍.ସି), ଅର୍ଘ୍ୟରୁପା ମିଶ୍ର (ଜେ.ଏମ୍.ଏଫ୍.ସି) ଏବଂ ଜିଲ୍ଲା ବାର ର ସମସ୍ତ ଅଧିବକ୍ତା ମାନେ ଉପସ୍ଥିତ ଥିଲେ । ଏହା ସହିତ ଜିଲ୍ଲା ର ବିଭିନ୍ନ ରାଜସ୍ୱ ଅଧିକାରୀ, ଜାତୀୟକରଣ ବ୍ୟାଙ୍କ, ଜଳ ବିଭାଗ, ବିଦ୍ୟୁତ ବିଭାଗ, ଦୂର ସଂଚାର ଏବଂ ଅନ୍ୟ ବିଭାଗ ମାନଙ୍କର କର୍ମଚାରୀ ମଧ୍ୟ ଏହି ଲୋକ ଅଦାଲତରେ ଭାଗ ନେଇଥିଲେ । ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀଯୁକ୍ତ ମଳୟ ରଂଜନ ଦାଶଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ଡ଼ା. ଶ୍ରୀଯୁକ୍ତ ନନ୍ଦ କିଶୋର ପାଢ଼ିଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ, ଆଶା କର୍ମୀଙ୍କ ମାଧ୍ୟମରେ ପ୍ରାଧିକରଣ ପରିସରରେ ଉପସ୍ଥିତ ଥିବା ବ୍ୟକ୍ତିବିଶେଷ ମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ପରୀକ୍ଷା କରାଯିବା ସହିତ, ବଲାଙ୍ଗିର ଜିଲ୍ଲା କାରାଗାରର ଅନ୍ତେବାସୀ ମାନଙ୍କର ଉତ୍ସାହ ବୃଦ୍ଧି କରିବା ପାଇଁ ସେମାନଙ୍କ ଦ୍ୱାରା ତିଆରି କରାଯାଇଥିବା ବିଭିନ୍ନ ହସ୍ତତନ୍ତ ବସ୍ତ୍ର ଗୁଡିକର ଜିଲ୍ଲା କାରାଗାର କର୍ମଚାରୀଙ୍କ ଦ୍ୱାରା ବିକ୍ରି କରାଯାଇଥିଲା, ତତ ସହିତ ଦ୍ୱିତୀୟ ମଧ୍ୟସ୍ଥତା ଅଭିଯାନ ସଚେତନ ଶିବିର ମଧ୍ୟ ଖୋଲା ଯାଇଥିଲା । ଏହି ରାଷ୍ଟ୍ରିୟ ଲୋକ ଅଦାଲତରେ ୪୩ଟି ଦେୱାନୀ ମକୋଦ୍ଦମା, ୪୩୬ଟି ଫୌଜଦାରି ମକୋଦ୍ଦମା, ୦୬ଟି ବ୍ୟାଙ୍କ ମକୋଦ୍ଦମା, ୧୨ଟି ମଟର ଦୁର୍ଘଟଣା ଜନିତ ମାମଲା, ୧୪ଟି ପାରିବାରିକ ମାମଲା ଫଇସଲା ହୋଇଥିଲା । ତତସହିତ ୯୦୨୩ଟି ରାଜସ୍ୱ ମାମଲା, ୧୪୨୩ଟି ପ୍ରାକ୍ ମକୋଦ୍ଦମା ମାମଲାର ସମାଧାନ କରାଯାଇ ମୋଟ ୧୦୯୫୭ଟି ମୋକଦ୍ଦମା ଫଇସଲା କରାଯିବା ସହିତ ୫,୦୮,୭୮,୭୯୬/- ଟଙ୍କାରେ ସମାଧାନ ହୋଇଥିଲା । ଉକ୍ତ ଲୋକ ଅଦାଲତକୁ ଶ୍ରୀଯୁକ୍ତ ପବିତ୍ରାନନ୍ଦ ପ୍ରଧାନ, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିର ପରିଚାଳନା କରିଥିଲେ । ଆଇନ ଶୃଙ୍ଖଳା ରକ୍ଷା କରିବାରେ ଜିଲ୍ଲା ପୋଲିସ ପ୍ରଶାସନ ସହଯୋଗ କରିଥିଲେ ।

## ଉଦଯାପିତ ହେଲା ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା

ଅନୁଗୋଳ,୧୫।୧୨:(ମନ୍ଥନ)ତିନିଦିନ ବ୍ୟାପୀ ସ୍ଥାନୀୟ ଗାନ୍ଧିମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚାଲିଥିବା ୩୮ତମ ବାର୍ଷିକ କ୍ରୀଡ଼ା ସମାରୋହର ଶନିବାର ଉଦଯାପିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ଡ଼ା ସୁଧାକର ପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅନୁଗୋଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଶିଶୁ ମନ୍ଦିର ବ୍ୟବସ୍ଥାକୁ ପ୍ରଂଶସା କରିବା ସହିତ ଶୃଙ୍ଖଳା, ସଂସ୍କାର, ଦେଶଭକ୍ତି ଶିଷ୍ଟାଚାର ଉପରେ ଗୁରୁତ୍ୱ ଦେବାପାଇଁ ଶିଶୁଙ୍କୁ ଉପଦେଶ ଦେଇଥିଲେ । ମୋବାଇଲଠାରୁ ଦୂରେଇ ରହିବା ଏବଂ ହାରିବା



ହେଉଛି ଜୀବନର ଶ୍ରେଷ୍ଠ ଶିକ୍ଷା ଏ ସମ୍ବନ୍ଧରେ ଶିଶୁଙ୍କୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ଅତିଥିଙ୍କ ପରିଚୟ ପ୍ରଦାନ କରିଥଲେ । ପରିଚାଳନା ସମିତି ସଂପାଦକ ଆଶୋକ କୁମାର ମୋଦୀ , ସଦସ୍ୟା ବୁଲୁ ବେହେରା, ସଂଗୀତା ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଶିଶୁଙ୍କ ଦ୍ୱାରା ପିରାମିଡ୍ ଓ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ଅତିଥିଙ୍କ ଦ୍ୱାରା କୃତୀ ଖେଳାଳୀ ଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚଳିତ ବର୍ଷ ବଡ଼ଚଣା ମହୋତ୍ସବ କୁ ନେଇ ପଶିଲା କେଁ, କାର୍ଯ୍ୟାଳୟରେ ବୋଳିଲେ କଳା

ବଡ଼ଚଣା,୧୫।୧୨:(ମନ୍ଥନ)ଚଳିତ ବର୍ଷ ବଡ଼ଚଣା ମହୋତ୍ସବ-୨୦୧୬ କୁ ନେଇ ପଶିଲା କେଁ ପୁରାଇଛି ଶାସକ ଦଳ । ପୂର୍ବରୁ ବଡଚଣା ମହୋତ୍ସବ ନାମରେ ଦୀର୍ଘ ୯ ବର୍ଷ ଧରି ବହୁ ଜାକଜମକରେ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ତତ୍କାଳୀନ ରାଜ୍ୟ ପାଳ ଡ଼ଃ ଗଣେଶିଲାଲ ମଧ୍ୟ ଅସିଥିଲେ । ୨୦୨୫ ମହୋତ୍ସବରେ ମାନ୍ୟବର ବିଧାୟକ ବଡଚଣା ଆମର କୁମାର୍ ନାୟକ , ସାଂସଦ ରବିନ୍ଦ୍ର ନାରାୟଣ ବେହେରା ମଧ୍ୟ ଅତିଥିଭାବେ ଯୋଗ ଦେଇଥିଲେ କିନ୍ତୁ ହଠାତ ନୂତନ କରି ବିଜେପି ପକ୍ଷରୁ ଆଉ ଏକ ନୂତନ କମିଟି ଆମ ବଡଚଣା ମହୋତ୍ସବ ନାମରେ କାହିଁକି ଗଢା ଯାଇଛି ଏବଂ ପୁରୁଣା କୁ ଅଣ ଦେଖା କରି ଏଭଳି ନୂତନ କରି ଏହି ଅନୁଷ୍ଠାନର ଆବଶ୍ୟକ କଣ ପଡ଼ିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।ତେବେ ସଭାନେତ୍ରୀ ଶ୍ରୀ ମତୀ ଆଚାର୍ଯ୍ୟ ଙ୍କ ଆହ୍ୱାନ କ୍ରମେ ଖୋଲା ଆକାଶ ତଳେ ୪୩ ଗୋଟି ପଞ୍ଚାୟତ ରୁ ଶହ ଶହ ସ୍ୱାଭିମାନୀ ବଡଚଣା ବାସୀ ମହୋତ୍ସବ ପଡ଼ିଆରେ ଅନୁଷ୍ଠିତ ପ୍ରସ୍ତୁତି ସଭା ରେ ଯୋଗ ଦେଇ ଥିବା ବେଳେ ସ୍ୱାଭିମାନୀ ବଡଚଣା ମହୋତ୍ସବ କୁ ବିଧାୟକ ବିଭାଜିତ ନ କରିବାକୁ ଅନୁରୋଧ କରିଛନ୍ତି । ମହୋତ୍ସବ ଭଳି ଏକ ପବିତ୍ର ସାଂସ୍କୃତିକ ଉତ୍ସବ ର ପରମ୍ପରା କୁ ରାଜନୈତିକ ଉଦ୍ଦେଶ୍ୟ ରେ ଅଶାନ୍ତ ନ କରିବାକୁ ଅନୁରୋଧ କରିଛନ୍ତି ମହୋତ୍ସବ ସଭାପତି ଶ୍ରୀ ମତୀ ମାନୋରମା ଆଚାର୍ଯ୍ୟ । ଗତ ବର୍ଷ ମାନ୍ୟବର ବିଧାୟକ ଅମର କୁମାର୍ ନାୟକ ଙ୍କ ସମେତ ସାଂସଦ ରବିନ୍ଦ୍ର ନାରାୟଣ ବେହେରା ତଥା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଙ୍କ ସହିତ ଅନ୍ୟ ମାନେ ମଧ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କିନ୍ତୁ ଚଳିତ ବର୍ଷ ହଠାତ କାହିଁକି ଆଉ ଗୋଟିଏ ଅନୁଷ୍ଠାନ ପୁଣିଆମ ବଡଚଣା ମହୋତ୍ସବ ନାମରେ ଗଢି ଉଠିଲା ଯାହାକୁ ନେଇ ତୁ ତୁ ମେଁ ମେଁ ଦେଖିବାକୁ ମିଳିଛି । ସଭା ସରିବା ର କିଛି ସମୟ ପରେ ଆମ ବଡଚଣା ମହୋତ୍ସବ କାର୍ଯ୍ୟାଳୟ ର ଅଫିସ ବୋର୍ଡ ରେ କଳା ବୋଳା ଯାଇ ଥିବା ଦେଖିବାକୁ ମିଳିଛି । ତେବେ ଘଟଣାକୁ ନେଇ ମହୋତ୍ସବ କମିଟି ପକ୍ଷରୁ ନିନ୍ଦା କରା ଯାଇଥିବା ବେଳେ ଦଳ ମତ ନିର୍ବିଶେଷରେ ବଡଚଣା ମାଟିର ସ୍ୱାଭିମାନ ପାଇଁ ସମସ୍ତଙ୍କ ସହଯୋଗ କାମନା କରି ଥିଲେ ବଡଚଣା ମହୋତ୍ସବ କମିଟି ।

## ଡେଲାଙ୍ଗ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ

ଡେଲାଙ୍ଗ,୧୫।୧୨:(ମନ୍ଥନ)ଡେଲାଙ୍ଗ ସଂଯୁକ୍ତ ାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୀନା ମଙ୍ଗରାଜଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ଘୋରଡିଅ। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଦାଶ, ଶିକ୍ଷାବିତ୍ ସନ୍ତୋଷ କୁମାର ମହାନ୍ତି, ପରିଚାଳନା କମିଟି ଅଧ୍ୟକ୍ଷା ବିନୋଦିନୀ ମିଶ୍ର ପ୍ରମୁଖ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦଘାଟନ ପୂର୍ବକ କ୍ରୀଡା ମାଧ୍ୟମର ଛାତ୍ର ଛାତ୍ରୀଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଛାତ୍ରୀମାନଙ୍କ ମଧ୍ୟରେ ଡିସକସ୍ ଥ୍ରୋ, ଦୌଡ଼, ଉଚ୍ଚ ଡିଆଁ, ଲମ୍ବା ଡିଆଁ,ଗୀତ ଚୌକି,ପୁଚି,ଯୋଗ ଆଦି ୧୩ ପ୍ରକାରର ବିଭିନ୍ନ କ୍ରୀଡା ପ୍ରତିଯୋଗିତା କରାଯାଇଥିଲା । ଏହାକୁ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁଭାଷ ଚନ୍ଦ୍ର ବେହେରା ପରିଚାଳନା କରିଥିଲାବେଳେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଝରଣା ଦାସ ବିଜୟଲକ୍ଷ୍ମୀ ଛାଟୋଇ, କାଦମ୍ବିନୀ ସାହୁ, ସଂଯୁକ୍ତା ପ୍ରଧାନ,ଲୀନାରାଣୀ ସ୍ୱାଇଁ,ଶୁଭ ଲକ୍ଷ୍ମୀ ନାୟକ,ସେମନ ଶବର, ଜ୍ୟୋତିରଞ୍ଜନ ନାଥ, ନିରଞ୍ଜନ ଦାସ ପ୍ରମୁଖ କ୍ରୀଡା ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ । ଦୁଇଦିନ ଧରି ଚାଲିଥିବା କ୍ରିଡା ଉତ୍ସବର ଉଦଯାପନୀରେ ଏହି ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଜୁନିଅର୍ ଓ ସିନିଅର୍ ବିଭାଗର କୃତି ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ ।

## କୁମ୍ଭାରପଡ଼ାରେ ଅସହାୟଙ୍କୁ କମ୍ବଳ ବଣ୍ଟନ

ଖଣ୍ଡପଡ଼ା, ୧୫।୧୨:(ମନ୍ଥନ)ଖଣ୍ଡପଡ଼ା ବ୍ଲକ କୁମ୍ଭାରପଡ଼ାରେ ଓମ ଶିବାୟ ରିୟଲକନ ପକ୍ଷରୁ ଗରିବ ଅସହାୟଙ୍କୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନରେ ସ୍ଥାନୀୟ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓମ ଶିବାୟ ରିୟଲକନର ଉଦ୍ୟୋକ୍ତା ଯୁବ ସମାଜସେବୀ ସଞ୍ଜୟ କୁମାର ଲେଙ୍କା ତାଙ୍କ ଦିବଙ୍ଗତ ପିତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବା ସହିତ ୪ ପଞ୍ଚାୟତର ଶହେରୁ ଉର୍ଦ୍ଧ୍ୱ ବୃଦ୍ଧ, ବୃଦ୍ଧା ଓ ଅସହାୟଙ୍କୁ କମ୍ବଳ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ସମିତି ସଭ୍ୟ ନରେନ୍ଦ୍ର ନାଥ ଦାଶ, ପୂର୍ବତନ ସରପଞ୍ଚ ଅଖିଳ କୁମାର ପଣ୍ଡା, ଆଇନଜୀବୀ ତ୍ରିନାଥ ପାଢୀ, ପୂର୍ବତନ ସରପଞ୍ଚ ରମା ବେହେରା, ପ୍ରଶାନ୍ତ ପ୍ରଧାନ, ଶୁକଦେବ ପଣ୍ଡା, ପୂର୍ବତନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ଶରତ ଚନ୍ଦ୍ର ପଣ୍ଡା, ବିଶ୍ୱନାଥ ପଣ୍ଡା, ମାଧବ ଚନ୍ଦ୍ର ବେହେରା, ସମାଜସେବୀ ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ବହୁ ଅତିଥି ମଞ୍ଚାସୀନ ରହିବା ସହିତ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଏ ନେଇ ଶ୍ରୀ ଲେଙ୍କାଙ୍କ ପ୍ରତିକ୍ରିୟା ନେବାରେ ଗରିବ, ନିରୀହଙ୍କ ସେବା କରିବାରେ ଆନନ୍ଦ ମିଳୁଥିବା ବେଳେ ଆଗକୁ ଏହି ସେବା ଜାରି ରହିବ । ସମାଜରେ ପ୍ରତି କ୍ଷେତ୍ରକୁ ରାଜନୀତି କବଳିତ କରି ରଖିଥିବା ବେଳେ ଏଥିରୁ ଉର୍ଦ୍ଧ୍ୱରେ ରହି ଲୋକଙ୍କ ସେବା କରିବାକୁ ଅଣ୍ଟା ଭିଡିଥିବା କୁହନ୍ତି । ଶ୍ରୀ ଲେଙ୍କାଙ୍କ ଏଭଳି ଉଦ୍ୟମକୁ ସବୁ ମହଲରୁ ପ୍ରସଂଶା କରାଯାଇଛି। କାର୍ଯ୍ୟକ୍ରମକୁ କୁଞ୍ଜ ପଣ୍ଡା ପରିଚାଳନା କରିଥିବା ବେଳେ କମ୍ବଳ ପାଇ ଖୁସି ବ୍ୟକ୍ତ କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ ।

## ବିଦ୍ୟାଳୟରୁ ଚାଉଳ ବସ୍ତା ନେଲେ ପୂର୍ବତନ ସରପଞ୍ଚ

ଖଣ୍ଡପଡ଼ା, ୧୫।୧୨:(ମନ୍ଥନ) ଖଣ୍ଡପଡ଼ା ବ୍ଲକ ଶିଖରପୁର ଉଚ୍ଚ ବିଦ୍ୟାଳୟରୁ ଚାଉଳ ବସ୍ତା ନେଉଛନ୍ତି ପୂର୍ବତନ ସରପଞ୍ଚ ତଥା ବିଜେପି ନେତା। ଏଭଳି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ବେଳେ ସମ୍ପୃକ୍ତ ପୂର୍ବତନ ସରପଞ୍ଚଙ୍କ ଭୂମିକା ସନ୍ଦେହ ଘେରରେ ଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ଅଳ୍ପଦିନ ତଳେ ସୁଟ ହୋଇଥିବା ଏହି ଭିଡିଓରେ ଚାଉଳ ରଖାଯାଇଥିବା ଶ୍ରେଣୀଗୃହରୁ ଏକ ବସ୍ତାରେ ଚାଉଳ ନେଉଛନ୍ତି ପୂର୍ବତନ ସରପଞ୍ଚ ବନମାଳି ଦ୍ୱାରି । ଗୋଟିଏ ରାଜନୈତିକ ଦଳର ନେତା ବୋଲାଉଥିବା ଉକ୍ତ ବ୍ୟକ୍ତିଜଣକ ଜଣେ ମହିଳାଙ୍କ ସହାୟତାରେ ଚାଉଳ ବସ୍ତା ଗାଡିରେ ବାନ୍ଧିବା ସହିତ ବିଦ୍ୟାଳୟ ପରିସରରୁ ଯାଉଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ସୂଚନା ଅନୁଯାୟୀ ଏଭଳି ସବୁବେଳେ ବିଦ୍ୟାଳୟରୁ ଚାଉଳ ବାଟମାରଣା ହେଉଥିବା ବେଳେ ଏଥର କିନ୍ତୁ ଏହାକୁ ମୋବାଇଲରେ ରେକର୍ଡ କରାଯାଇଛି । ତେବେ ବିଦ୍ୟାଳୟ ପରିସରରୁ ସ୍ପଷ୍ଟ ଦିବାଲୋକରେ ଚାଉଳ ବୁହା ହେଉଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନ ଜାଣିବା ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ବୁଗୁଡ଼ାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ

ବୁଗୁଡା, ୧୫।୧୨:(ମନ୍ଥନ)ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସ୍ୱର୍ଗତ ସମାଜସେବୀ ମନୋଜ କୁମାର ଚୌଧୁରୀଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିର ଅବସରରେ ୪୬ ଜଣ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ସ୍ୱର୍ଗତ ମନୋଜଙ୍କ ପତ୍ନୀ ରିନା ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିରରେ ବ୍ରହ୍ମପୁର ବ୍ଲଡ ବ୍ୟାଙ୍କର ଏକ ଟିମ୍ ପହଞ୍ଚି ସ୍ୱେଚ୍ଛାକୃତ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲା ବେଳେ ଡକ୍ଟର ଦେବରାଜ ରଥ ଓ ସୁଦର୍ଶନ ପାତ୍ର ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ଧାନଜମିରେ ପୋଡିହୋଇ ଚାଷୀଙ୍କ ମୃତ୍ୟୁ

ପିପିଲି,୧୫।୧୨:(ମନ୍ଥନ)ପିପିଲି ଥାନା ଅଧିନସ୍ଥ ଡେଲାଙ୍ଗ ବ୍ଲକ ଅରିସଲ ପଞ୍ଚାୟତ ଅନ୍ତର୍ଗତ ସୁନାମଇଁ ଗ୍ରାମର ଗଜେନ୍ଦ୍ର ସ୍ୱାଇଁ (୬୨) ନାମକ ଚାଷୀ ରବିବାର ପୂର୍ବାହ୍ନରେ ଧାନଜମିରେ ପୋଡିହୋଇ ମୃତ୍ୟୁବରଣ କରିଛନ୍ତି । ମିଳିଥିବା ସୁଚନାନୁଯାଇ ମୁଗ ବୁଣିବା ପାଇଁ ନିଜ ଜମିରେ ପଡିଥିବା କୁଟାକୁ ଗଜେନ୍ଦ୍ର ରବିବାର ନିଆଁ ଲଗାଉଥିବା ବେଳେ ଉକ୍ତ ଜମିକୁ ଲାଗି ରହିଥିବା ଅନ୍ୟ ଜଣେ ଚାଷୀଙ୍କ ଜମିରେ କଟାହୋଇ ପଡିଥିବା ଧାନ କଳେଇରେ ନିଆଁ ଲାଗିଯାଇଥିଲା । ଉକ୍ତ ବିଲରେ ଧାନ କଳେଇରୁ ନିଆଁ ଲିଭାଇବାକୁ ଚେଷ୍ଟା କରିବା ସମୟରେ ଗଜେନ୍ଦ୍ର ନିଆଁରେ ପୋଡିହୋଇ ମୃତ୍ୟୁବରଣ କରିଥିଲେ । ବିଲ ମଝିରେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ମୁଁହମାଡି ଗଜେନ୍ଦ୍ର ତଳେ ପଡିଥିଲେ । ସେହି ଜମିର ଅର୍ଦ୍ଧାଧିକ ଧାନ କଳେଇ ପୋଡି ଯାଇଥିଲା । ଏହି ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଏବେ ଶୋକର ଛାୟା ଖେଳାଇଦେଇଛି । ପିପିଲି ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ, ଏସ୍ଆଇ ନାରାୟଣ ବେହେରା ଓ ଏଏସ୍ଆଇ ଦୀପକ ସାମଲ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ । ମୃତକଙ୍କ ପୁଅ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ରିପୋର୍ଟକୁ ଆଧାର କରି ପିପିଲି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଶ୍ରୀତ୍ରିପାଠୀ ସୁଚନା ଦେଇଛନ୍ତି ।

## ଫେକ୍ ନିଉଜ୍ କିମ୍ବା ଗୁଜବ ପ୍ରଚାର କଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

ମାଲକାନଗିରି,୧୫।୧୨:(ମନ୍ଥନ)ଆଜି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଏସ୍ପି ବିନୋଦ ପାଟିଲ ଏଚ୍ ରାଖାଲଗୁଡା, ମାରିୱାଡ଼ା, ନିଳିଗୁଡ଼ା ଓ ଏମଭି ୧୮ ଗାଁ ଗସ୍ତ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି ଯେ ଭବିଷ୍ୟତର ପିଢ଼ି ପାଇଁ ଆମ ସମସ୍ତଙ୍କୁ ଭାଇଚାରର ବନ୍ଧନରେ ବାନ୍ଧି ହୋଇ ରହିବାକୁ ପଡିବୟ ପୁଣି ଥରେ ପରସ୍ପର ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାକୁ ପ୍ରୟାସ କରିବାକୁ ହେବ । ପରସ୍ପର ମଧ୍ୟରେ କଥାବାର୍ତ୍ତା ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିବ ବୋଲି ଜିଲ୍ଲାପାଳ କହିଛନ୍ତି । ନିଜ ନିଜ ମଧ୍ୟରେ ଥିବା ଭୁଲ୍ ବୁଝାମଣା କୁ ଦୂର କରିବାକୁ ହେବ ବୋଲି ଆଜି ଚାରିଟି ଗ୍ରାମର ଗ୍ରାମବାସୀଙ୍କୁ ବୁଝାଇଛନ୍ତି ଜିଲ୍ଲାପାଳ । ଯେକୌଣସି ପ୍ରକାର ଆଇନ ଶୃଙ୍ଖଳା ସମ୍ପର୍କିତ ବିଷୟ ଗୁଡ଼ିକୁ ସିଧାସଳଖ ଏସ୍ପି ଙ୍କୁ ଅବଗତ କରାଇବାକୁ ଏସ୍ପି କହିଛନ୍ତି । ବର୍ତ୍ତମାନ ଭଳି ସମ୍ବେଦନଶୀଳ ପରିସ୍ଥିତିରେ ସୋସିଆଲ ମିଡିଆରେ ଫେକ୍ ନିଉଜ୍ କିମ୍ବା ଗୁଜବ ପ୍ରଚାର କରି ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିବା ନାହିଁ ବୋଲି ଲୋକଙ୍କୁ ସଚେତନ କରିଛନ୍ତି ଏସ୍ପି । ଫେକ୍ ନିଉଜ୍ କିମ୍ବା ଗୁଜବ ପ୍ରଚାରକାରିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଏସ୍ପି ଏହି ଅବସରରେ କହିଛନ୍ତି । ଏଥି ସହିତ ଜିଲ୍ଲାପାଳ ଗ୍ରାମବାସୀଙ୍କର ଗ୍ରାମରେ ରହିଥିବା ମୌଳିକ ସମସ୍ୟା ଗୁଡ଼ିକୁ ଶୁଣିଥିଲେ । ଆଦିବାସୀଙ୍କ ଘରଡିହ ପଟ୍ଟା ଶୀଘ୍ର ପ୍ରଦାନ କରିବାରେ ତତ୍ପର ହେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ନିଳିଗୁଡ଼ା ଗ୍ରାମରେ ଡ୍ରପ୍ ଆଉଟ୍ ହୋଇଥିବା ଏକ ଛାତ୍ରୀ ବିଷୟରେ ଜାଣିବାକୁ ପାଇଥିଲେ ଜିଲ୍ଲାପାଳ । ତୁରନ୍ତ ହଷ୍ଟେଲ ବ୍ୟବସ୍ଥା ଥିବା ନିକଟସ୍ଥ ବିଦ୍ୟାଳୟରେ ତାଙ୍କ ନାମ ଲେଖାଇବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ସେହି ସମୟରେ ଗ୍ରାମରେ ଉପସ୍ଥିତ ଥିବା ଅଭିଭାବକ ମାନଙ୍କୁ ଶିକ୍ଷାର ଗୁରୁତ୍ୱ ଓ ନାରୀ ଶିକ୍ଷା କେତେ ଜରୁରୀ ବୁଝାଇଥିଲେ ଜିଲ୍ଲାପାଳ । ଜିଲ୍ଲାପାଳ ଓ ଏସ୍ପିଙ୍କ କଥା ମାନି ପରସ୍ପର ମଧ୍ୟରେ ଭାଇଚାରା ବଜାୟ ରଖିବେ ବୋଲି ଗ୍ରାମବାସୀ ମାନେ ସହମତି ପ୍ରକାଶ କରିଛନ୍ତି ।

## ରାୟଗଡ଼ ଜିଲ୍ଲାରୁ ରମେଶ୍ୱରମ-ମଦୁରାଇ ଯାତ୍ରା କଲେ ଛଅଟି ଜିଲ୍ଲାର ୭୭୫ଜଣ ବରିଷ୍ଠ ନାଗରିକ

ରାୟଗଡା,୧୫।୧୨:(ମନ୍ଥନ)ବରିଷ୍ଠ ନାଗରିକ ତୀର୍ଥ ଯୋଜନାରେ ବରିଷ୍ଠ ନାଗରିକ ଯାତ୍ରକଙ୍କୁ ଶୁଭାରମ୍ଭ କଲେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତି ପରିଡ଼ା କ୍ଷରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ତୀର୍ଥଯାତ୍ରା ଭ୍ରମଣରେ ଯାଇଛନ୍ତି ଛଅ ଗୋଟି ଜିଲ୍ଲାର ୭୭୫ ଜଣ ବରିଷ୍ଠ ନାଗରିକ । ଦକ୍ଷିଣ-ପଶ୍ଚିମାଞ୍ଚଳ ଅନ୍ତର୍ଗତ କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ନୂଆପଡା ଆଦି ୬ଟି ଜିଲାର ୭୭୫ଜଣ ତୀର୍ଥଯାତ୍ରୀ ଓ ୨୫ ଜଣ ଏସକର୍ଟ ଆଜି ରାୟଗଡ ରେଳ ଷ୍ଟେଶନରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ରାମେଶ୍ୱର ଓ ମଦୁରାଇ ଅଭିମୁଖେ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି। ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରି ଉପ ମୁଖ୍ୟମନ୍ତ୍ରୀ କହିଲେ ଯେ ପରିଣତ ବୟସରେ ବରିଷ୍ଠ ନାଗରିକଙ୍କୁ ଏହି ଯାତ୍ରା ଧାର୍ମିକ ସହାୟତା ପ୍ରଦାନ ପାଇଁ ସରକାରଙ୍କ କାର୍ଯ୍ୟକ୍ରମ ଏବଂ ଆର୍ଥିକ ପରିସ୍ଥିତି ଓ ପାରିପାର୍ଶ୍ୱିକ ଅବସ୍ଥା ଯୋଗୁ ଅନେକ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯିବାରୁ ବଞ୍ଚିତ ରହୁଥିଲେ । ତାହା ଦୂରେଇବା



ପାଇଁ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି । ଜିଲାପାଳ ଆଶୁତୋଷ କୁଲକର୍ଣୀଙ୍କ ଅଧ୍ୟକ୍ଷତାରେ ରେଳ ଷ୍ଟେଶନଠାରେ ଅନୁଷ୍ଠିତ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମରେ ପର୍ଯ୍ୟଟନ କମିଶନର ତଥା ଶାସନ ସଚିବ ଶ୍ରୀ ବଳବନ୍ତ ସିଂହ, ରେଳବାଇ ଡିଆରଏମ ଅମିତାଭ ସିଂଘଲ, ଏସପି ସ୍ୱାତୀ ଏସ. କୁମାର ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରେଳବାଇ ଆଇଆରସିଟିସି କର୍ତ୍ତୃପକ୍ଷ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ । ବରିଷ୍ଠ ନାଗରିକଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନାର ମନୋଭାବ ଆସୁଥିବା ବେଳେ ସେମାନେ ତୀର୍ଥସ୍ଥାନ ଭ୍ରମଣ କରିପାରନ୍ତିନାହିଁ । ତାହା ଦୂରେଇବା ପାଇଁ ଏହି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ବୋଲି ପର୍ଯ୍ୟଟନ ବିଭାଗ ତରଫରୁ କରାଯାଇଛି । ଚଳିତ ଥର ୭୭୫ ଜଣ ତୀର୍ଥଯାତ୍ରୀ ଓ ୨୫ ଏସକଟ ଅଫିସର ମିଶି ମୋଟ ୮୦୦ ଜଣ ଯାତ୍ରାର ସୁଯୋଗ ପାଇଛନ୍ତି । ଏହି ଯାତ୍ରା ବେଳେ ତୀର୍ଥ ଯାତ୍ରୀମାନଙ୍କ ସମସ୍ତ ସୁବିଧା ରାଜ୍ୟ ସରକାର ବହନ କରିଥାନ୍ତିୟ ତୀର୍ଥଯାତ୍ରୀମାନଙ୍କ ରହିବା, ଯିବା ଆସିବା ଏବଂ ଖାଦ୍ୟ ପାନୀୟର ବ୍ୟବସ୍ଥା ସହ ଜଗୁଆଳୀ, ପଥ ପ୍ରଦର୍ଶକ, ଯାତ୍ରୀ ବୀମା ଏବଂ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ । ଚଳିତବର୍ଷ ୨ୟ ପର୍ଯ୍ୟାୟରେ ଏହି ତୀର୍ଥଯାତ୍ରା ଆରମ୍ଭ ହୋଇଥିବାବେଳେ ଏଥିରେ ରାୟଗଡ ଠାରୁ ରାମେଶ୍ୱର ଓ ମଦୁରାଇ ଭ୍ରମଣ ସ୍ଥିର କରାଯାଇଥିଲା । ଏଥିରେ ରାୟଗଡା ଜିଲ୍ଲାର ୧୧୮ ଜଣ ତୀର୍ଥଯାତ୍ରୀଙ୍କ ସମେତ କୋରାପୁଟର ୧୬୮ଜଣ, ନବରଙ୍ଗପୁର ୧୪୮ଜଣ, ମାଲକାନଗିରି ୭୫, ନୂଆପଡା ଜିଲ୍ଲାର ୭୪ ମଧ୍ୟ ଏବଂ କଳାହାଣ୍ଡିର ୧୯୨ ଜଣ ତୀର୍ଥଯାତ୍ରୀ ତୀର୍ଥଯାତ୍ରା କରିଛନ୍ତି । ଗତକାଲି ଉକ୍ତ ଛଅଟି ଜିଲାରେ ତୀର୍ଥଯାତ୍ରୀଙ୍କୁ ରାୟଗଡାରେ ରହଣି ବ୍ୟବସ୍ଥା କରାଯାଇଥିବା ବେଳେ ସଂଧ୍ୟାରେ ଭଜନ ସନ୍ଧ୍ୟା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଆଜି ରାୟଗଡା ରେଳବାଇ ଷ୍ଟେଶନ ସମ୍ମୁଖରେ ତୀର୍ଥଯାତ୍ରୀମାନଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଇଥିବା ବେଳେ ଷ୍ଟେଶନ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହାପରେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ରକ୍ଷୟଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା ମଝି ଘରିଆଣିଙ୍କୁ ଦର୍ଶନ କରିଥିଲେ । ସ୍ଥାନୀୟ ପ୍ରଦକ୍ଷିଣ ଗୃହ ପାର୍ଶ୍ୱସ୍ଥ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗ ଉପରେ ସମୀକ୍ଷା କରିଥିଲେ ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଗୋଆ ଅଗ୍ନିକାଣ୍ଡ : ପ୍ରଶାସନିକ ନିଷ୍କ୍ରିୟତା

ଗୋଆର ଆରୁପୁରାରେ ଏକ ନାଇଟ୍ କ୍ଲବରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୫ଜଣ ଜୀବନ୍ତ ଦଗ୍ଧ ହେବା ଘଟଣା ପୁଣି ଥରେ ଦେଶରେ ଅଗ୍ନି ନିରାପତା ମାନର ଅପରାଧିକ ଅବହେଳା ନେଇ ଧ୍ୟାନ ଆକର୍ଷଣ କରିଛି । କହିବା ବାହୁଲ୍ୟ ଯେ, ଆମ ଦେଶରେ ହୋଟେଲ, ରେଷ୍ଟୁରାଂଟ, ପବ୍, କ୍ଲବ, ସିନେମା ହଲ୍, ଡାକ୍ତରଖାନା, ଆପାର୍ଟମେଂଟ, ଯାତ୍ରୀବାହୀ ବସ୍ ଆଦି ସର୍ବସାଧାରଣଙ୍କ ଗହଳି ଚହଳି ଲାଗି ରହିଥିବା ସ୍ଥାନରେ ବ୍ୟାପକ ଅଗ୍ନି ନିରୋଧକ ବ୍ୟବସ୍ଥା ଗ୍ରହଣ ପାଇଁ ବାଧ୍ୟତାମୂଳକ ରହିଛି । ଏଥିରେ ଅବହେଳା ପାଇଁ ଆଇନରେ କଠୋର ଦଣ୍ଡ ବ୍ୟବସ୍ଥା ରହିଛି । କିନ୍ତୁ ଏଥିପ୍ରତି ପ୍ରଶାସନ, ପୋଲିସ କେହି ଗୁରୁତ୍ୱ ଦେଇନଥାନ୍ତି । କେବଳ ଘଟଣା ଘଟିବା ପରେ ସମସ୍ତଙ୍କର ଚେତା ପଶିଥାଏ । ତେବେ ପ୍ରଶାସନ କେବଳ କିଛି ଦିନ ପାଇଁ ସଜାଗ ହୋଇଥାଏ । ଧରପଗଡ କରିଥାଏ । ପୁଣି ସବୁ କିଛି ନୀରବି ଯାଇଥାଏ । ପର୍ଯ୍ୟଟନ କ୍ଷେତ୍ର ପାଇଁ ଗୋଆ ଆମ ଦେଶରେ ପ୍ରସିଦ୍ଧ ଥିବାବେଳେ ଏବେ ସେଠାରେ ପର୍ଯ୍ୟଟନ ଋତୁ ଶିଖର ସମୟରେ ପହଁଛି । ଏହି ଦୁଃଖଦ ଘଟଣାରେ ୪ଜଣ ବିଦେଶୀ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ ପ୍ରକାଶ ପାଇଛି । ଯାହାକି ଅତ୍ୟନ୍ତ ଦୁଃଖ ଦାୟକ । କୁହାଯାଇଛି ଯେ, ନାଇଟକ୍ଲବ ପାଇଁ ପ୍ରଶାସନିକ ଅନୁମତି ନଥିଲା, ଯାହାକି ଅଗ୍ନି ନିରାପତାମାନର ଖୋଲାମଖୋଲା ଉଲଂଘନ । ସେହିପରି କ୍ଲବର ପ୍ରବେଶ ପଥ ଅତ୍ୟନ୍ତ ସଂକୀର୍ଣ୍ଣ ଥିଲା । ଯାହା ଫଳରେ ଦମକଳ ବାହିନୀ ଘଟଣା ସ୍ଥଳରେ ପହଁଚିନପାରି କିଲୋମିଟର ଦୂରରେ ରହିଥିଲା । କେବଳ ଏତିକି ନୁହେଁ, ଅସ୍ଥାୟୀ ଭାବେ ଗଢି ଉଠିଥିବା ଏହି କ୍ଲବଟିରେ ତାଳପତ୍ର ଛପର ହୋଇଥିବାବେଳେ କାଠବାଉଁଶରେ ନିର୍ମିତ ହୋଇଥିଲା । ମୋଟାମୋଟି ଭାବେ ନାଇଟ କ୍ଲବଟି ଦହ୍ୟ ପଦାର୍ଥର ଏକ ବାକ୍ସ ଥିଲା ବୋଲି କହିଲେ, ଅତିରଂଜିତ ହେବ ନାହିଁ । ବେଆଇନ ଭାବେ ନାଇଟ୍ କ୍ଲବ ପରିଚାଳନା ଏବଂ ସମସ୍ତ ଅଗ୍ନିନିରୋଧକ ଆଇନଗତ ବ୍ୟବସ୍ଥାକୁ ଉଲଂଘନ କରିଥିବା ଅଭିଯୋଗରେ କ୍ଲବର ମାଲିକଙ୍କୁ ଗିରଫ କରି ଜେଲକୁ ପଠାଇ ଦିଆଯାଇଛି । ଗୋଆ ମୁଖ୍ୟମନ୍ତ୍ରୀ ଘଟଣାର ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହା ନିସନ୍ଦେହ ଯେ, ଆମ ଦେଶରେ ହୋଟେଲ, ରେଷ୍ଟୁରାଂଟ, କ୍ଲବ ପବ୍, ସିନେମା ହଲ, ଡାକ୍ତରଖାନା, ବଡ ବଡ କୋଠା, ଯାତ୍ରୀବାହୀ ବସରେ ଅଗ୍ନିକାଣ୍ଡ ଏବଂ ମୃତାହତ ଘଟଣା ନୂଆ ନୁହେଁ । ଏହା ଏକ ଜଣାଶୁଣା ଦୁର୍ଭାଗ୍ୟଜନକ ଘଟଣା । ନିଆଁ ଲାଗେ, ବହୁ ମୃତାହତ ହୁଅନ୍ତି, କେତେକଙ୍କୁ ଗିରଫ କରାଯାଏ, ଗିରଫ ପରଓ୍ୱାନା ଜାରି ହୁଏ, ତଦନ୍ତ ନିର୍ଦ୍ଦେଶ ଦିଆଯାଏ, ମାତ୍ର କିଛି ଫଳ ହୁଏ ନାହିଁ । ଦେଶରେ ପ୍ରତିବର୍ଷ କେଉଁଠି ନା କେଉଁଠି ସର୍ବସାଧାରଣ ସ୍ଥାନରେ ଅଗ୍ନିକାଣ୍ଡ ଘଟି ଆସୁଛି । ଜାତୀୟ ରାଜଧାନୀ ଦିଲ୍ଲୀର କେତେକ ହସ୍‌ପିଟାଲରେ ବାରମ୍ବାର ଅଗ୍ନିକାଣ୍ଡ ଘଟିବା ହେଉଛି ଏହା ଜ୍ୱଳନ୍ତ ଉଦାହରଣ । ଗତବର୍ଷ ରାଜକୋଟରେ, ନିକଟରେ ଜୟପୁରର ସ୍ୱାମୀ ମାନସିଂହ ହସପିଟାଲ, ତାମିଲନାଡୁର ବିରୁଦ୍ଧୁନଗରସ୍ଥିତ ଏକ ବାଣ କାରଖାନା, କୋଲକତାର ଏକ ଆପାର୍ଟମେଂଟ, ଆନ୍ଧ୍ର ପ୍ରଦେଶର କୁର୍ଣ୍ଣୁଲରେ ଏକ ରାତ୍ରିକାଳୀନ ଯାତ୍ରୀ ବସ, ଦେଶବ୍ୟାପୀ ବିଭିନ୍ନ ହସପିଟାଲ, ସପିଂମଲରେ ଅଗ୍ନିକାଣ୍ଡ ଲିଭି ନାହିଁ । ଏହି ସବୁ ଅଗ୍ନିକାଣ୍ଡ ଘଟଣାରେ ଶତାଧିକ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ମନରୁ ଲିଭି ନାହିଁ । ୮୦ ଦଶକରେ ଦିଲ୍ଲୀର ଉପହାର ସିନେମା ହଲରେ ଅଗ୍ନିକାଣ୍ଡ ଘଟଣା ନେଇ ମାମଲା ଏବେ ବି ଚାଲିଛି । କହିବା ବାହୁଲ୍ୟ ଯେ, ଅଗ୍ନି ନିରାପତା ବ୍ୟବସ୍ଥା ନେଇ ଆମ ଦେଶ ତଥା ରାଜ୍ୟମାନଙ୍କରେ ସ୍ୱତନ୍ତ୍ର ମାନଦଣ୍ଡ ଏବଂ ଆଇନ ରହିଛି । ମାତ୍ର ତାହା କାର୍ଯ୍ୟକାରୀ ହେଉନାହିଁ କିମ୍ବା ତଦାରଖ ହେଉନାହିଁ । ଅଗ୍ନି ନିରାପତା ବ୍ୟବସ୍ଥାର ଉଲଂଘନ ଯୋଗୁଁ ଆକସ୍ମିକ ଅଗ୍ନିକାଣ୍ଡ ଘଟଣାରେ ବହୁ ଧନଜୀବନ ଯିବା ସାର ହେଉଛି । ଏହା ସତ୍ୟ ଯେ, ବିଲିଂ କୋଡ, ଅଗ୍ନି ସୁରକ୍ଷା ମାନଦଣ୍ଡ, ଲାଇସେନସ୍ ବ୍ୟବସ୍ଥା ଏବଂ ସର୍ବୋପରି ଏ ସଂକ୍ରାନ୍ତିୟ ଆଇନ କେବଳ କାଗଜପତ୍ରରେ ସୀମିତ ରହିଛି । ଦୁର୍ନୀତି, ରାଜନୈତିକ ହସ୍ତକ୍ଷେପ, ପ୍ରଶାସନିକ ନିଷ୍କ୍ରୀୟତା ଆଦି ଏଥିପାଇଁ ଦାୟୀ ବୋଲି କୁହାଯାଇପାରିବ । ଆହୁରି ମଧ୍ୟ ଆଇନ ଉଲଂଘନ ଏବେ ଏକ ନିୟମିତ ପରମ୍ପରାରେ ହୋଇଛି । ଏଥିଲାଗି ଅଗ୍ନିକାଣ୍ଡ ଘଟଣା ଘଟିଚାଲିଛି । ଆମ ରାଜ୍ୟରେ ମଧ୍ୟ ଅଗ୍ନିକାଣ୍ଡ ଘଟଣା କିଛି କମ୍ ନୁହେଁ । ହସପିଟାଲ ଠାରୁ ଆରମ୍ଭ କରି ସପିଂ ମଲରେ ଅଗ୍ନିକାଣ୍ଡ ଘଟି ବହୁ ଧନଜୀବନ ଯାଇଛି । ଗୋଆ ନାଇଟ୍ କ୍ଲବ ଅଗ୍ନିକାଣ୍ଡ ଘଟଣା ପରେ ଏବେ ଆମ ରାଜ୍ୟରେ ପ୍ରଶାସନ ସକ୍ରୀୟ ହୋଇପଡିବା ସହ କ୍ଲବ, ପବ୍, ହସପିଟାଲ ଆଦିରେ ଅଗ୍ନି ନିରାପତା ବ୍ୟବସ୍ଥା ଯାଂଚ ପାଇଁ ତତ୍ପରତା ପ୍ରକାଶ କରିଛି । ତେବେ ଏହି ତତ୍ପରତା ନିୟମିତ ହେବା ଆବଶ୍ୟକ । ଆହୁରି ମଧ୍ୟ ଲୋକଙ୍କ ଜୀବନ ସୁରକ୍ଷାକୁ ସରକାର ଅଗ୍ରାଧିକାର ଦବା ସହ ଉତରଦାୟୀ ଧାର୍ଯ୍ୟ ହେବା ଜରୁରୀ । ଯାହାକି ଅଗ୍ନିକାଣ୍ଡ ପରି ବିପଦକୁ ଏଡାଇ ପାରିବ ।

# ପୋଷ୍ୟ ପ୍ରାଣୀ ବଦଳାନ୍ତି ମାନସିକ ପୀଡ଼ା

## ପ୍ରଫେସର ଡାକ୍ତର ସମ୍ରାଟ କର

କୁହୁଡ଼ିଭରା ସକାଳୁ ସେ ଦିନ ବନ୍ଧୁ ବିରଞ୍ଚି ସୁଦୂର ଜାପାନରୁ ଫୋନ କରିଥିଲେ । ସେ ତାଙ୍କର ଜଣେ ପରିଚିତଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରସଙ୍ଗ ନେଇ ମୋ ସହ ପରାମର୍ଶ ଚାହିଁଥିଲେ । ତାଙ୍କ କହିବା ମୁତାବକ ସେ ରହୁଥିବା ଆପାର୍ଟମେଣ୍ଟରେ ତାଙ୍କର ଜଣେ ପରିଚିତ ବନ୍ଧୁ ଯାହାଙ୍କର ଦୀର୍ଘ ଦିନ ଧରି ମାନସିକ ସମସ୍ୟା ଥିଲା ସେ କିଛି ଦିନ ହେବ କିଛି ଘରୋଇ ପୋଷା କୁକୁରଙ୍କ ସହ ଆଶ୍ଚର୍ଯ୍ୟଜନକ ଭାବେ ସମୟ କାଟୁଛନ୍ତି ଏବଂ ଏହାର ପରବର୍ତ୍ତୀ ସମୟରେ ତାଙ୍କୁ ମାନସିକ ଭାବେ ସୁସ୍ଥକର ଲାଗୁଛି ବୋଲି ତାଙ୍କ ପରିବାରବର୍ଗ ଅନୁଭବ ମଧ୍ୟ କରୁଛନ୍ତି । ମୁଁ ବନ୍ଧୁ ବିରଞ୍ଚିଙ୍କୁ ବ୍ୟସ୍ତ ନ ହୋଇ ମୁଁ କହିଲି ଆମ ମାନସିକ ଚିକିତ୍ସା ବିଜ୍ଞାନ ଭାଷାରେ ଏହାକୁ କୁହାଯାଏ 'ଆନିମଲ ଆସିଷ୍ଟେଡ୍ ଥେରାପି' । ଏହାକୁ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ଇଂଲଣ୍ଡର ଇୟର୍କ ରିଟ୍ରିଟ୍ ମନୋରୋଗ ପୁନର୍ବାସନ କେନ୍ଦ୍ରରେ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇ ବେଶ ସଫଳତା ପାଇବା ପରେ ଉନ୍ନବିଂଶ ଶତକରେ ଇଂଲଣ୍ଡ ଓ ଆମେରିକାର କେବଳ ସରକାରୀ ନୁହେଁ ଘରୋଇ ମାନସିକ ଚିକିତ୍ସା ପ୍ରତିଷ୍ଠାନ ଓ ନିରାମୟ କେନ୍ଦ୍ରରେ ଏହା କାର୍ଯ୍ୟକାରୀ ହେଲା । ପରେ ଅର୍ଥାତ୍ ୧୯୪୪ ବେଳକୁ ଯାହାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟ କୁହାଯାଏ ସେ ସମୟରେ ରେଡ଼କ୍ରସ ସଂସ୍ଥାର ଆମେରିକାନ ପ୍ରଶିକ୍ଷଣପ୍ରାପ୍ତ ପୋଷ୍ୟ ପ୍ରାଣୀମାନେ ଡାକ୍ତରଖାନାରେ ମାନସିକ ଭାବେ ଗୁରୁତର ହୋଇଥିବା ଓ ଅସୁସ୍ଥ ହୋଇଥିବା ବର୍ଗଙ୍କ ପାଇଁ ଉପଶମର ବଡ଼ ସହାୟକ ପାଲଟିଥିଲେ ।

୧୯୭୭ ମସିହାରେ ବିଶିଷ୍ଟ ମନୋବିଜ୍ଞାନୀ ଲିଓ କେ ବୁଷ୍ଟାର୍ଡ଼ ଏବଂ ମାଇକେଲ ଚିଜ ମ୍ୟାକୁଲକ ଆମେରିକାର ଓରିଗନ ରାଜ୍ୟର ପୋର୍ଟଲ୍ୟାଣ୍ଡ ସହରରେ ପ୍ରତିଷ୍ଠା କରିଥିଲେ, ଡେଲା ସୋସାଇଟି ଯାହାର ଉଦ୍ଦେଶ୍ୟ ହେଲା ପୋଷ୍ୟ ପ୍ରାଣୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସେମାନଙ୍କ ସାହାଯ୍ୟରେ ମାନସିକ ଭାରସାମ୍ୟହୀନ ରୋଗୀ ମାନଙ୍କୁ ଆରୋଗ୍ୟ କରାଇବା । ବିଂଶ ଶତାବ୍ଦୀରେ ଏହାଥିଲା ଡିମେନସିଆ ବା ସ୍ମୃତିହୀନ, ଆଲଜିମରସଜାତୀୟ ମାନସିକ ରୋଗ ଆକ୍ରାନ୍ତ ବୟସ୍କ ବ୍ୟକ୍ତି, ପୋଷ୍ଟ ଟ୍ରମାଟିକ ଷ୍ଟ୍ରେସ ଡିସଅର୍ଡ଼ର, ଗୁରୁତର ଆଘାତ ପ୍ରାପ୍ତିର ପରବର୍ତ୍ତୀ ଅବସ୍ଥାରେ ମାନସିକ ଚାପବୃଦ୍ଧି ଜଡ଼ିତ ବ୍ୟାଧିରେ ଆକ୍ରାନ୍ତ ଏବଂ ଅବସରପ୍ରାପ୍ତ ସୈନିକ ଓ ଅଟିଜିମ୍ ଆକ୍ରାନ୍ତ ଶିଶୁମାନଙ୍କ ଠାରେ ମନୋରୋଗ ଉପଶମର ଅନ୍ୟତମ ବୃହତ ପ୍ରତିଷ୍ଠାନ । ଯାହାକି ୨୦୧୨ ମସିହାରେ ପୋଷ୍ୟ ସାଥି ବା ପେଟ ପାର୍ଟନସ ଭାବେ ନୂଆ ନାମରେ ନାମିତ ହୋଇଥିଲା । ତେବେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ବିଖ୍ୟାତ ଗବେଷକ କୋଲେଙ୍କ ମତ ଅନୁଯାୟୀ ମାନସିକ, ଶାରୀରିକ ଏପରିକି ମନୋ ସାମାଜିକ ଅବସ୍ଥାର ଉପଶମ ଓ ଉନ୍ନତି ବିଧାନ ପାଇଁ ପୋଷ୍ୟଭିତ୍ତିକ ଥେରାପି ଚିକିତ୍ସା ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଓ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ପରିଚିତ ହେଉଛନ୍ତି । ଆମେ ସାଧାରଣରେ ଦେଖିଛେ ବିରାଡି ହୁଅନ୍ତୁ ବା କୁକୁର, ଗୋରୁ ଗାଈଙ୍କ ଠାରୁ ପକ୍ଷୀ, ଘୋଡ଼ା ହୁଅନ୍ତୁ ବା ଠେକୁଆ ଏପରିକି ଡଲଫିନ ମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷିତ କରି ସେମାନଙ୍କୁ ମାନସିକ ପୀଡିତଙ୍କ ଶାରୀରିକ ସୁସ୍ଥତା ଓ ସମୟ ଅତିବାହିତ କରି ସେମାନଙ୍କୁ ମାନସିକ ଭାବେ ଆନନ୍ଦ ପ୍ରଦାନ କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଛି । ଏହି ମର୍ମରେ ଓୟେସ୍କ ଜର୍ଣ୍ଣାଲ ଅଫ ନର୍ସିଂ ରିସର୍ଚ୍ଚ ପ୍ରତିକାଟିକୁ ଏଠାରେ ଉପସ୍ଥାପନ କରୁଛୁ । ସେଠାରେ ଉଲ୍ଲେଖ ରହିଛି ଯେ ମାନସିକ ରୋଗାକ୍ରାନ୍ତ ହୁଅନ୍ତୁ ବା ପୀଡ଼ିତ ସେମାନଙ୍କର ପୁନର୍ବାସ କେନ୍ଦ୍ରରେ ରହିଥିବା ଆକ୍ୟୁାରିମର ରଙ୍ଗୀନ ମାଛ ହେଉ ବା ଡଲଫିନର ଆନନ୍ଦମୟ ସନ୍ତରଣ ଦୃଶ୍ୟ ସେମାନଙ୍କୁ ଉଲ୍ଲସିତ ଓ ଆନନ୍ଦିତ କରିଥାଏ । ସଂପ୍ରତି ଆମେରିକା ବ୍ୟତୀତ ନେଦରଲ୍ୟାଣ୍ଡ, ସୁଇଜରଲ୍ୟାଣ୍ଡ ଓ ବେଲଜିୟମରେ ପଶୁ ମାନଙ୍କ ସହିତ ଆଲିଙ୍ଗନ ଜନିତ ଚିକିତ୍ସା ପଦ୍ଧତିକୁ ପ୍ରୋତ୍ସାହିତ କରାଯାଉଛି ଓ ଏହାକୁ ମାନସିକ ଉପଶମ ପାଇଁ ବିଶେଷକରି ପ୍ରିଜିନ ପେଟ ପାର୍ଟନସିପ ପୋଗ୍ରାମ ମାଧ୍ୟମରେ କାରାଗାରର ବନ୍ଦୀମାନେ ପୋଷ୍ୟପ୍ରାଣୀଙ୍କ ପ୍ରଶିକ୍ଷଣ ଦେଇ ମାନସିକ ରୋଗୀ ମାନଙ୍କ ରୋଗ ନିରାମୟରେ ସାହାଯ୍ୟ କରୁଛନ୍ତି ।

ଭାରତ ମଧ୍ୟ ଏ କ୍ଷେତ୍ରରେ ପଛୁଆ ନାହିଁ । ଏହି ପ୍ରଚେଷ୍ଟା ମଧ୍ୟ ଆରମ୍ଭ ହୋଇଗଲାଣି । ପ୍ରଶିକ୍ଷିତ ପୋଷ୍ୟଜନ୍ତୁ ମାନଙ୍କ ସାହାଯ୍ୟରେ ମାନସିକ ସ୍ୱାସ୍ଥ୍ୟ ପୁନରୁଦ୍ଧାର ପରି ସେବା ପ୍ରଚଳନ ପାଇଁ କାର୍ଯ୍ୟରତ ରହିଛି ଆନିମଲ ଆଞ୍ଜେଲସ ଫାଉଣ୍ଡେସନ ଓ ମାନିବ ଫାଉଣ୍ଡେସନ, ମୁମ୍ବାଇ, ଓୟେରାଭିଲେ, ବେଙ୍ଗାଲୁର ଏବଂ ଫାର ବଲ ଷ୍ଟୋରୀ, ଦିଲ୍ଲୀ । ପ୍ରଥମ ଓ ଚତୁର୍ଥ କେନ୍ଦ୍ରରେ ପୋଷ୍ୟ ପ୍ରାଣୀ କୁକୁର, ଦ୍ୱିତୀୟ କେନ୍ଦ୍ରରେ ବିରାଡ଼ି ଏବଂ ତୃତୀୟ କେନ୍ଦ୍ରରେ ପୋଷ୍ୟ ହେଉଛି ଘୋଡ଼ା । ଜର୍ଣ୍ଣାଲ ଅଫ ସାଇକୋସୋମାଟିକ ରିସର୍ଚ୍ଚ ପତ୍ରିକାରେ ୨୦୦୦ ମସିହାରେ ପ୍ରକାଶିତ ଗବେଷଣା ନିବନ୍ଧରେ ମନୋବିଜ୍ଞାନୀ ଜେ.ଏସ୍. ଓଡେଣ୍ଡାଲ ଉଲ୍ଲେଖ କରିଛନ୍ତି ମାନସିକ ରୋଗୀ ଏବଂ ପୋଷ୍ୟ ମାନଙ୍କ ଶାରୀରିକ ସାକ୍ଷାତରେ ସେମାନଙ୍କ ଉଭୟଙ୍କର ଦେହରେ ନିଉରୋକେଶିକାଲ କ୍ଷରଣରେ ତାତ୍ପର୍ଯ୍ୟପୂର୍ଣ୍ଣ ପରିବର୍ତ୍ତନ ସଂଘଟିତ ହୋଇଥାଏ, ଯାହା ସେମାନଙ୍କ ମଧ୍ୟରେ ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନରେ ସହାୟକ ଏବଂ ରୋଗୀର ରୋଗମୁକ୍ତରେ ଅତ୍ୟନ୍ତ ଫଳପ୍ରଦ । ମାସାନୁସେଟସ ଜେନେରାଲ ହସ୍ପିଟାଲର ଗବେଷକ ଡାକ୍ତର ଲରିସ ଏସ ପଲଙ୍କ ମତରେ ସିଜୋଫ୍ରେନିଆ, ଅଲଜିମରସ, ଡିମେନସିଆ, ମ୍ୟାନିକ ଡିପ୍ରେସନ ପ୍ରଭୃତି ମାନସିକ ରୋଗାକ୍ରାନ୍ତ ବ୍ୟକ୍ତିମାନଙ୍କ ସହିତ ପ୍ରଶିକ୍ଷଣ ପ୍ରାପ୍ତ ପ୍ରାଣୀମାନଙ୍କର ନିବିଡ଼ ସଂଯୋଗ ଫଳରେ ସେମାନଙ୍କ ଶରୀରରେ ନିଉରୋଟ୍ରାନ୍ସମିଟର ସିରୋଟାନିନ୍ ଏବଂ ଏଣ୍ଡୋରଫିନର କ୍ଷରଣମାତ୍ରା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଷ୍ଟ୍ରେସହରମୋନ କର୍ଟିସଲ ଓ ଆଡ୍ରେନାଲିନର କ୍ଷରଣମାତ୍ରା ହ୍ରାସ ପାଏ, ଫଳରେ ସେମାନଙ୍କ ଠାରେ ଅନେକାଂଶରେ ଦୂରୀଭୂତ ହୋଇଯାଏ ମାନସିକ ଅବସାଦ ଓ ଶାରୀରିକ ଅବସନ୍ନତା ।

ସାଧାରଣତଃ ପୋଷ୍ୟ ପ୍ରାଣୀ ମାନଙ୍କ ସହ ମାନସିକ ପୀଡ଼ିତମାନେ ସମୟ ଅତିବାହିତ କରିବା ଦ୍ୱାରା ସେମାନଙ୍କ ଠାରେ ଇମ୍ୟୁନୋଗ୍ଲୋବୁ୍ଲିନର ମାତ୍ରା ବଢ଼ିଥାଏ । ଆମେରିକାନ ହାର୍ଟ ଆସୋସିଏସନର ତଥ୍ୟ ଅନୁଯାୟୀ ପୋଷ୍ୟ ପ୍ରାଣୀ ଭିତ୍ତିକ ଚିକିତ୍ସା ମଧ୍ୟ ଫଳପ୍ରଦ ହୋଇଥାଏ । ରିପୋର୍ଟ ଅନୁଯାୟୀ ପୋଷ୍ୟପ୍ରାଣୀଙ୍କ ସହ ସୁମଧୁର ଆଳାପ ବା ସମୟ ଅତିବାହିତ କରିବା ଦ୍ୱାରା ରକ୍ତରେ ଆଡ୍ରେଲିନ ହରମୋନର ମାତ୍ରା ୧୭ ଶତାଂଶ କମିଯାଉଛି, ହୃତପିଣ୍ଡ ସ୍ଥିତ ବାମ ଅଳିନ୍ଦର ରକ୍ତଚାପ ଦଶ ଶତାଂଶ ପ୍ରଶମିତ ହୋଇଯାଉଛି ଯାହାଦ୍ୱାରା ହୃଦରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଠାରେ ରୋଗ ଜନିତ ଉଦବେଗ ୨୪ ଶତାଂଶ ହ୍ରାସ ଘଟୁଛି । ଏହି ମର୍ମରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ତଥ୍ୟ ଅନୁଯାୟୀ ଦେଢ଼ଶହ ମିନିଟର ହାଲକା ଶାରୀରିକ ପରିଶ୍ରମ ଦ୍ୱାରା ଜଣେ ଯେଉଁ ସ୍ୱାସ୍ଥ୍ୟଗତ ଫାଇଦା ବା ଉପଶମ ପାଇଥାଏ ତାହା ଦିନକୁ ଦୁଇଥର ନିଜ ପୋଷା କୁକୁର ସହ ପ୍ରସସ୍ଥ ଯାଗାରେ ଚଲାବୁଲା କଲେ ସମାନ ଫଳପ୍ରଦ କରିଥାଏ । ତେବେ ଏହି ଗବେଷଣାର ଅନ୍ୟ ଏକ ତଥ୍ୟ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତାହା ହେଉଛି ଆପଣ ପୋଷା ଆଦରର କୁକୁରଟି ଆପଣଙ୍କ ସହ ଯେଉଁ ସଯତ୍ନ ସ୍ନେହ ଆଦର ଓ ଯତ୍ନବତ ଭାବ ପ୍ରବଣତା ଆପଣଙ୍କୁ ପ୍ରଦାନ କରିଥାଏ ତାହା ଜଣେ ମାନସିକ ପୀଡ଼ିତର ଶରୀରରେ ଅକ୍ସିଟୋସିନ ଓ ପ୍ରୋଲାକ୍ଟିନ ହରମୋନର କ୍ଷରଣକୁ ଶରୀରରେ ବଢ଼ାଇ ଦେଇଥାଏ ଯାହା ଜଣଙ୍କୁ ବିଶେଷକରି ସଂପୃକ୍ତ ମାନସିକ ପୀଡ଼ିତଜଣଙ୍କୁ କ୍ରୋଧ ସମ୍ବରଣ ଓ ଆବେଗ ପରିବର୍ତ୍ତନରେ ତାଙ୍କ ମାନସିକ କ୍ଷତକୁ ଉପଶମ କରି ଜୀବନ ଛନ୍ଦକୁ ଆନନ୍ଦମୟ କରିବାର ପ୍ରେରଣା ଦେଖାଇଥାଏ । ଆପଣ ଅନୁଭବ କରୁଥିବେ ପୋଷ୍ୟ ପ୍ରାଣୀମାନେ ବାସ୍ତବିକ କେବଳ ମାନସିକ ପୀଡ଼ିତ ମାନଙ୍କ ପାଇଁ ନୁହେଁ, ବରଂ ସାମଗ୍ରିକ ଭାବେ ଜଣଙ୍କ ଜୀବନ ଆନନ୍ଦମୟ ଗଢ଼ି ତୋଳିବାରେ ଯେଉଁ ଅତୁଟ ଅମାପ ଓ ନିଃସ୍ୱାର୍ଥପର ସେବା ସହଯୋଗ, ଭଲପାଇବା ଦେଇଥାଏ ତାହା ସ୍ମରଣୀୟ । ଏହି ଲେଖାଟି ପ୍ରସ୍ତୁତ କଲାବେଳକୁ ଆପଣଙ୍କୁ କିଛି ଦିନ ତଳର ଭୁବନେଶ୍ୱରର ଏକ ଘଟଣା ମନେପକାଇ ଦେଉଛି । ଏକ ପୋଷ୍ୟ କୁକୁର ଘରକୁ ଆସୁଥିବା ବିଷାକ୍ତ ସାପକୁ ମାଲିକର ଜୀବନ ବଞ୍ଚାଇବା ପାଇଁ ନିଜେ ଲଢ଼ି ଜୀବନକୁ ଉତ୍ସର୍ଗ କରିଥିଲା । ଏପରି ଅନେକ ଘଟଣା ଆମ ମାନଙ୍କର ହାତ ପାହାନ୍ତାରେ ରହିଛି । ଗ୍ରାମ୍ୟ ଜୀବନରେ ଆପଣଙ୍କ ଗାଇ ଗୋରୁ ବାଛୁରୀ ଏପରିକି ପୋଷା ପକ୍ଷୀମାନେ କିପରି ସଯତ୍ନ ଭଲପାଇବା ଓ ବିଶେଷକରି ଗୋରୁ ଗାଈ ମାନେ ମଣିଷ ମୁହଁରେ ଶ୍ରଦ୍ଧେୟ ଅନାବିଳର ଯେଉଁ ମହାର୍ଘ ମୁହଁ ଘଷା ସ୍ନେହ ପ୍ରଦାନ କରିଥାନ୍ତି ତାହା ଅନେକଙ୍କର ସ୍ମରଣୀୟ ଥିବ । ମାନସିକ ସ୍ୱାସ୍ଥ୍ୟ ଚିକିତ୍ସାରେ ପୋଷ୍ୟ ପ୍ରାଣୀମାନଙ୍କୁ ଆଦର ଯତ୍ନ କଲାବେଳେ ସର୍ବପ୍ରଥମେ ସେମାନଙ୍କୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଏବଂ ପୀଡ଼ିତର ପରିବାର ବର୍ଗଙ୍କ ଏପରି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଓ ପ୍ରେରଣା ରହିଛି ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼୍, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ମନ୍ଦିର ହେଉ, ମସଜିଦ ହେଉ, ଗୀର୍ଜା ହେଉ, କିନ୍ତୁ ଭକ୍ତ କାହାନ୍ତି ?

## ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଯୁଆଡ଼େ ଯାଅ, ବାଟରେ ହନୁମାନ ମୂର୍ତ୍ତି ଗଦା ପର୍ବତ ଧରି ରାସ୍ତାକଡ଼ରେ ଖରାବର୍ଷରେ ଦଣ୍ଡାୟମାନ, ସେ ଜଗୁଆଳି ସାଜିଛନ୍ତି, ସେ ରାମଦ୍ୱାରେ ରଖୁଆଳ ହେଲେ ରାସ୍ତାର ଧାବିତମାନେ କୋଉ ଗୁଣରେ ରାମ ମେରେ ସମଝାମେ ନେହିଁ ଆତା, କାକ ଶାଗୁଣା ଏବେ ଦର୍ଶନକୁ ଦୁର୍ଲଭ, ହେଲେ ପେଚା ବିଲୁପ୍ତ ନୁହଁନ୍ତି । ହନୁମାନଙ୍କ ଶିର ନ ହେଲେ ହାତରେ ଥିବା ପର୍ବତ ଯେଉଁ ପର୍ବତରେ ଜଡିବୁଟି ଲକ୍ଷ୍ମଣଙ୍କ ପ୍ରାଣ ବଞ୍ଚାଇବାକୁ ଉଦ୍ଦିଷ୍ଟ, ତାରି ଉପରେ ପେଚା ବସୁଛନ୍ତି, ନହେଲେ ଗଦା ଉପରେ ପେଚା ବସୁଛନ୍ତି, ସେ ରାକ୍ଷସ ହଟାଇବେ କ'ଣ । ଏ ପେଚା ଉତ୍ପାତ ନିରବରେ ସହ୍ୟ କରି ନେଉଛନ୍ତି କାରଣ ଏ କଳିଯୁଗ । ଏଯୁଗରେ ଲୋକ କ'ଣ କରୁଛନ୍ତି ପରିଣାମ ବୁଝନ୍ତି ନାହିଁ । ସେ ତ୍ରେତୟା ନାୟକଙ୍କ ସେବକ, ଏ ଯୁଗରେ ତାଙ୍କ ପ୍ରତିମା ସ୍ଥାପକଙ୍କୁ ଅର୍ଥ ସଂଗ୍ରହ କରି ପୋଷିବା ଅବତାର ସେ ହୋଇ ଦଣ୍ଡାୟମାନ ଅଛନ୍ତି । ତାରିଣୀଙ୍କ ନଡ଼ିଆ ଏଠାରୁ ପଠାଯାଏ, ଏ ପ୍ରକାର ବିଜ୍ଞାପନ ଶିରୋନାମା ଅନେକ ସ୍ଥାନରେ ଦେଖିବାକୁ ମିଳିଯାଏ ବିଶ୍ୱାସରେ ସେ ମା ମହିମାମୟୀ, ଏଣେ କ୍ଷମାମୟୀ, ତାଙ୍କ ନାମରେ କେହି ଯଦି ପେଟ ପୋଷିବାକୁ ବସୁଛି ସେ କୌଣସି ପ୍ରତିକ୍ରିୟା ପ୍ରକାଶ କେବେ କରିବେ ନାହିଁ, ହେଲେ ଅଧିକନ୍ତୁ ନିଶା ପଶା ବେଶ୍ୟାରେ ତାଙ୍କ ନାମରେ ଅର୍ଥ ଆଦାୟ କଲେ ଯେ ତ୍ରାହିଁ ନାହିଁ ଏକଥା ଉଦ୍ୟକ୍ତା ମନେ ଟିକେ ଭାବିବେ, ନଡ଼ିଆ ଗୋଟା, ଏବେ ତିରିଶ ଟଙ୍କା ଦର ଧରିଲାଣି । ମାଗିଲେ ଦଶ ଟଙ୍କା ମିଳୁନାହିଁ, ନଡ଼ିଆ ମାନସିକ ଦାନ ଅନେକ ମିଳୁଛି । ଆଉ ତାହା ବାଟ ମାରଣ ହେଉଛି କି ନାହିଁ କିଏ ଦେଖେ ? ତାରିଣୀ ଦେବୋତ୍ତର ହୁଅନ୍ତୁ ବା ସରକାରଙ୍କ କୌଣସି ବିଭାଗ ଏ ପର୍ଯ୍ୟନ୍ତ କୌଣସି ବିଧି ଲଗାଇ ନାହାନ୍ତି । ସମ୍ପତ୍ତି ଉପରେ, କାନୁନ ସବୁ ପ୍ରଶାସନ ସମୟ ସମୟକୁ ବିଧି ନିଷେଧ ଲଗାନ୍ତି ।

ଇସଲାମିକ ପ୍ରଶାସନରେ ଥିଲା ପିରୋତ୍ତର ସମ୍ପତ୍ତି ବାହେଲି, ଦେବୋତ୍ତର ବାହେଲି, ଗୋଚର ଭୂମି, ଶ୍ମଶାନ ଭୂମି, ଗୋରେସ୍ଥାନ, ଏସବୁ ଏବେ ନାକ ଝଡ଼ି ଏଥିରେ ଥିଲା ନାମକ ହାରାମ ସମ୍ପତ୍ତି । ଆମ ରାଜ୍ୟରେ ହିନ୍ଦୁ ରାଜ୍ୟରେ ହିନ୍ଦୁ ରାଜ ପ୍ରଶାସନ ମାନଙ୍କର ଥିଲା ବ୍ରହମୋତ୍ତର ବାହେଲି, ଦେବୋତ୍ତର ବାହେଲି, ଗୋଚର ଭୂମି, ଶ୍ମଶାନ ଭୂମି, ଗୋରେସ୍ଥାନ, ଏସବୁ ଏବେ ନାଟକ ବାଜିର ଭାଇ ବଣ୍ଟରା, ଜବର ଦଖଲକାରୀଙ୍କ ଚରାଭୂମି, ଲୋକଙ୍କ ସତ୍ୟ ଧର୍ମ ଚିନ୍ତା ସବୁ ଲୋକ ଦେଖାଣିଆ, ମଠ ମନ୍ଦିର ଜମି କେମିତି ଥିଲା ଏବେ କେମିତି ଅଛି କିଏ ଦେଖିବ ? କିଏ କହିବ କାହା ଜିଭରେ ହାଡ଼ ଅଛି । ଆଗେ ଧୋବା, ଭଣ୍ଡାରୀ, କୁମ୍ଭାର, ଠାକୁରାଣୀ ଠାକୁରଙ୍କ ସେବାକାରୀଙ୍କୁ ଜମି ହେତା ଦିଆଯାଉଥିଲା ସେମାନେ ଜମି ଦେଇଥିବା ବ୍ୟକ୍ତିଙ୍କ ସେବାରେ ବର୍ଷ ତମାମ ଲାଗି ରହୁଥିଲେ । ଧୂଳି ଭାଗ କାନୁନରେ ଜମିର ସେମାନେ ଦାଖଲଦାର ହେଲେ । ସେବାରେ ସମ୍ପୂର୍ଣ୍ଣ ଅବହେଳା ଲାଗୁ ହେବାରୁ ଅନେକଙ୍କ ଭାଗବତ ଗାଦି ଉଜୁଡ଼ି ଗଲା । ମନ୍ଦିର ସେବା ବନ୍ଦ ହେଲା, ଯେଉଁ ଠାକୁରଙ୍କ ରାଜରାଜେଶ୍ୱର ଉପଚାର ଚାଲୁଥିଲା ସେଠାରେ ଶୁକ୍ଲଖଇ ମୁଠାଏ କେବେ କେବେ ଭୋଗ ଲାଗୁଛି । ଖୋଦ ପ୍ରଭୁ ଜଗନ୍ନାଥଙ୍କ ଅନେକ ଜମି ଲୋକ ଚାଷ କରି ପ୍ରଭୁଙ୍କ ଅମୃତ ମଣୋହୀ ସେବାରେ ଅଂଶୀଦର ପରି ଶସ୍ୟ ଫଳ ପୁଷ୍ପ ତୁଳସୀ ଯୋଗାଉ ଥିଲେ । ସମସ୍ତେ ଜାଣନ୍ତି ଅନେକ ଭକ୍ତ ପ୍ରଭୁଙ୍କ ରଥଯାତ୍ରାକୁ ଆସୁଛନ୍ତି, କେହି ପୂର୍ବେ ହୋଟେଲ ଖାଉ ନଥିଲେ, କି ହୋଟେଲରେ ରହୁନଥିଲେ ଏଥିଲା କୋଠର ଧର୍ମୀୟ ଭାବନା । ଲୋକେ ଚାଲି ଦଣ୍ଡ ଭାଙ୍ଗି ଭାଙ୍ଗି ଆସୁଥିଲେ । ଜମିଦାର ରାଜାରାଜୁଡ଼ାମାନେ ନିଜ ଗୋଡ଼ରେ ନଚାଲି ନର ବାହାନ ସମ୍ବନ୍ଧ ସବାରୀ, ଦୋଳା, ପାଲିକି ତାମଜାନରେ ଥାଟବାଟରେ ସାଙ୍ଗରେ ବହୁ ପ୍ରଜାଜନଙ୍କୁ ଚଳାଇ ଚଳାଇ ନାମକରି, ଜୟ ଜୟକାର ଆସୁଥିଲେ ବାଟରେ ପଥଚାରୀ ମାନଙ୍କୁ ଚଳନ୍ତି ପଥ ପ୍ରାନ୍ତର ଗ୍ରାମବାସୀମାନେ ଖାଦ୍ୟ ପାନୀୟ ଯଥା ଶକ୍ତି ଯୋଗାଉଥିଲେ । ରାସ୍ତା କଡ଼ରେ ଛାମୁଣ୍ଡିଆ ନାଲିଘର କରାଯାଉଥିଲା । ଯେଉଁ ଅଭଡ଼ା ପାଣି ଖରାଦିନେ ରାସ୍ତାରେ ଏବେ କାଁ ଭାଁ ମିଳୁଛି । ତାହା ତତ କାଳର ଶଙ୍ଖୁ ମାତ୍ର, ପ୍ରଭୁଙ୍କ ଭକ୍ତଙ୍କ ସେବା ହିଁ ପ୍ରଭୁଙ୍କ ସେବା ତତୁଲ୍ୟ ।

ଲୋକେ ଚୁଡ଼ା ଟୋକେଇ ବହି ଆଣି ଚୁଡ଼ାଘଷା କରି ରଥଯାତ୍ରାରେ ସମବେତ ଜନତାଙ୍କୁ ବିତରଣ କରୁଥିଲେ । ଏବେ ଏହା ବ୍ୟାପକ ନୁହେଁ । ଭକ୍ତମାନେ ଏବେ ବଦଳି ଗଲେଣି କାହାକୁ ସମୟ ନାହିଁ, ଚାଲିବା ସାତସ୍ୱପ୍ନ, ଯାନର ଯାତ୍ରୀ, ମହାପ୍ରସାଦ ଧୂପ ଉଠିବା ବିଳମ୍ବ, ସାଥି ସାଥି ହୋଟେଲ ଖୋଜି ଭୋଜନ, ମଠ ଧର୍ମଶାଳା ନୁହେଁ ବଡ଼ ବଡ଼ ଦାମିକା ହୋଟେଲ ବାସ, ବିଳାସ ଭୂମି ଦିଅଁଙ୍କ କ୍ଷେତ୍ରକୁ ଲୋକେ ମନେକଲେଣି । ମନ୍ଦିର ସହ ଜଡ଼ିତ ଅନେକ ପରମ୍ପରାକୁ ଲୋକେ ନା ପସନ୍ଦ କରିଲେଣି । ଏଇତ କାଳର ଗତି, ଧର୍ମଙ୍କ ଦରିଦ୍ରତାକୁ ଲୋକଙ୍କ ମନମାନି । ଏ ପୂର୍ବାଞ୍ଚଳ ଅନ୍ନ ବ୍ରହ୍ମ କ୍ଷେତ୍ରର ବିବରଣୀ, ଏମିତି ସବୁକ୍ଷେତ୍ର ଯାଅ କାଶୀ ଯାଅ ହରିଦ୍ୱାର ଯାଅ ଅବନ୍ତୀ, ସବୁଠାରେ ବାଣିଜ୍ୟ ହାଟ, ଭକ୍ତ ବାହକ ଦାନରେ ବାଣିଜ୍ୟ ଭୋଜନରେ ବାଣିଜ୍ୟ ରହଣୀରେ ବାଣିଜ୍ୟ, ଲୋକେ ରାଜସିକ ଭାବରେ ତୀର୍ଥ ଯାତ୍ରାରେ ବାହାରୁଛନ୍ତି । ଆକ୍ରମଣକାରୀ ବାଣିଜ୍ୟକାରୀ ଧର୍ମାନ୍ତରୀକରଣ ଥୋପରେ ଲୋକଙ୍କ ଦ୍ୱାରା ଲୋକଙ୍କୁ ଆୟତ୍ତ କରିବା ପାଇଁ ଓ ବଂଶାନୁକ୍ରମିକ ଶାସନ ଜାହିର ପାଇଁ ତାଙ୍କ ଧର୍ମ ସ୍ଥାନ ଜୁଲମକାରୀ ହାଣିମାରୀ ଭାଙ୍ଗିରୁଜି ରକ୍ତପାତ କରି ଗଢ଼ିଛନ୍ତି । କେବଳ ଉପାସନା ନୁହେଁ ଏଥିରେବି ସେମାନଙ୍କର କର ଆଦାୟ ଥଲା । ଜିଜିୟା କର, ଯାତ୍ରୀକର, ଦାଢ଼ିଚାରି ଆଙ୍ଗୁଳିରୁ ଅଧିକ ରଖିଲେ ରାଜଦଣ୍ଡ ଥିଲା, ଅନେକ ନାପିତ ଏ ପାଇଁ ରାଜପଥରେ ତତ୍କାଳୀନ ସମୟରେ କ୍ଷୁର କତୁରୀ ଧରି ବୁଲୁଥିଲେ । ଧର୍ମ ବିଭେଦ ମାନ୍ୟତାରେ ବିବାଦ ତତପୂର୍ବରୁ ରହିଛି, ସ୍ୱ ଧର୍ମ ପାଇଁ ଥଇଥାନ ପାତ କେଉଁ ଧର୍ମରେ ରହିବା କଥା କେବେ ନୁହଁ । ଏହା କେମିତି ସେ ସବୁ ଥିରେ ରହିଯାଇଛି । ଆମ ଦେଶ ସମ୍ବିଧାନରେ ଦେଶକୁ ସର୍ବ ଧର୍ମ ମାନ୍ୟତା ଦିଆଯାଇଛି । ସଂଖ୍ୟାଲଘୁ ଉଦଘୋଷ ସହିତ ଦେଶ କାନୁନ ମାନ୍ୟତା ସାର୍ବଜନୀନ ସବୁଧର୍ମ ପାଇଁ କରାଯାଇନାହିଁ । ଦେଶ ସ୍ୱାଧୀନ କାଳର ଜନସଂଖ୍ୟାର ବର୍ତ୍ତମାନ ଅଶୀ ଦଶକରେ ଜନବିସ୍ଫୋରଣ ହୋଇଗଲାଣି ପ୍ରତି ଦଶବର୍ଷର ଜନଗଣନା ଧରାକ୍ରମ ୨୦୨୧ ଅଧିକ ଦାମରେ କିଏ ? କହି ଯାଗାରେ ସରକାର ଜମି ଲିଜ ସୂତ୍ରରେ ଲଟାରିରେ ଚଢ଼ା ଦାମରେ ଦେଉଛନ୍ତି । ଏ ମଧ୍ୟରେ ସାମ୍ପ୍ରଦାୟିକ ଧର୍ମୀୟ ସଦଭାବନା ଚିନ୍ତା କରାଯାଇଛି କି ? ଯେଉଁ ବ୍ରାହ୍ମଣ କରଣଙ୍କୁ ଉନ୍ନତବର୍ଗୀୟ ଧରାଯାଇଥିଲା ସେମାନଙ୍କ ବଂଶବୃଦ୍ଧିରେ ସେମାନେ କେମିତି ବର୍ତ୍ତମାନ ଦିନ କାଟୁଛନ୍ତି କିଏ ବୁଝିବ । ସଂଖ୍ୟା ଲଘୁଙ୍କ ସଂଖ୍ୟା ବଢ଼ି କେତେ ହେଲେ ସେମାନେ ସଂଖ୍ୟା ଗୁରୁହେବେ ଏ କାନୁନ କିଏ କରିବ ? ଅନୁନତ ମାନଙ୍କ ସଂଖ୍ୟା କଣ ଏ ମଧ୍ୟରେ ସ୍ଥିର ଅଛି ନା ଉନ୍ନତ ହେଲେଣି ଏହାକିଏ ବୁଝିବ ? ପୂର୍ବ କାନୁନ ସଂସ୍କାର କିଏ କରିବ ? ଧର୍ମ ନାଁରେ ରାଜନୀତି ନହେଉ, ମନ୍ଦିର ମସଜିଦ, ଗୀର୍ଜା, ଗୁରୁଦ୍ୱାର ନିର୍ମାଣ ସ୍ଥିର ରହୁ । ବର୍ତ୍ତମାନ ସବୁଧର୍ମ ଲୋକଙ୍କ ପାଇଁ ଅତି ଉନ୍ନତ ଡାକ୍ତରଖାନା କରାଯାଉ, ରକ୍ତଭଣ୍ଡାର କରାଯାଉ, ୟୁନିଭରସିଟି କଲେଜ କରାଯାଉ ।

ବହୁ କର୍ମ ନିୟୋଗ ଉପାୟ କଟାଯାଉ, ପ୍ରାଚୀନ କାଳ ଶିଳ୍ପୀ ମାନଙ୍କୁ ଏଇ ମନ୍ଦିର ମସଜିଦ ନିର୍ମାଣରେ କର୍ମ ନିୟୋଗ ଶାସକ ମାନେ ହିଁ କରୁଥିଲେ । ଏବେ ନିର୍ମାଣଧରା ବଦଳିଲାଣି । ଅନ୍ୟ ଦିଗରେ ଶିକ୍ଷ ମେଳିଗଲାଣି, ବିଜ୍ଞାନ ଟେକ୍ନିକାଲ ପ୍ରଗତିରେ ଲୋକଙ୍କୁ ଥଇଥାନ ନିହାତି ଜରୁରୀ, ଦେବତା ଅଛନ୍ତି ଅଦୃଶ୍ୟ ତାଙ୍କର ଧର୍ମ ବିଭେଦ କେବେ ନାହିଁ, ଶାସ୍ତ୍ରମାନ ଭଲ ଭାବରେ ପଢ଼ନ୍ତୁ, ସ୍ୱାର୍ଥାନ୍ୱେଷୀ ଚିହ୍ନି ଦୂରେଇ ରୁହନ୍ତୁ, ଭାଇଚାରା ରକ୍ଷା କରନ୍ତୁ, ସରକାରଙ୍କୁ ଅଯଥା ଧନବ୍ୟୟରୁ ରକ୍ଷା କରନ୍ତୁ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ବନ୍ଦେ ମାତରମ୍ : ଭାରତର ଆତ୍ମା, ପ୍ରାଣ ଓ ପରିଚୟ

## ଡ଼ଃ.ଅରୁନ୍ଧତୀ ଦେବୀ

'ବନ୍ଦେ ମାତରମ' ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିବାର ମନ୍ତ୍ର ହେଉ, ବିଭାଜନର ନୁହେଁ । ଖୋଲା ମନରେ ଖୋଲା ହୃଦୟରେ ଏହି ଜାତୀୟ ଗାନକୁ ଆସନ୍ତୁ ଗାନ କରିବା । ପୁନର୍ବାର ଏହି ଗୀତକୁ ମୁକ୍ତ କଣ୍ଠରେ ଜୟଗାନ କରି ନୂଆ ଭାରତ ନିର୍ମାଣ କରିବାର ବେଳ ଆସିଛି । ନିକଟରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ବିଧାନସଭାରେ ଏ ନେଇ ସ୍ୱତନ୍ତ୍ର ସଂକଳ୍ପ ଆଗତ କରିଥିଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ । ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଏହି କାର୍ଯ୍ୟକ୍ରମକୁ ଅତ୍ୟନ୍ତ ଲୋକପ୍ରିୟ ଭାବେ ପାଳନ କରୁଛନ୍ତି ।

ବନ୍ଦେ ମାତରମ ଗାଥାକୁ ସ୍ମରଣ କରିବା ସୌଭାଗ୍ୟର ବିଷୟ । ସେହି ମନ୍ତ୍ରର ବିଜୟ ଧ୍ୱନି ସମଗ୍ର ଦେଶର ସ୍ୱାଧୀନତା ଆନ୍ଦୋଳନକୁ ଶକ୍ତିଶାଳୀ କରିଥିଲା ଓ ଜାତୀୟତାବୋଧକୁ ପ୍ରେରଣା ଦେଇଥିଲା । ବନ୍ଦେ ମାତରମ୍ ଏକ ଗୀତ ନୁହେଁ, ଏହା ଭାରତର ଆତ୍ମା । ଏଇ ଗୀତ ଆମକୁ ମନେ ପକାଇ ଦିଏ ସଂଘର୍ଷଭରା ସ୍ୱାଧୀନତା ସଂଗ୍ରାମ କଥା । ଏହି ରାଷ୍ଟ୍ରଗୀତ ଆମ ଶିରା ପ୍ରଶିରାରେ ପ୍ରବାହିତ ହେଉଥିବା ରକ୍ତର ବେଗ ଓ ପ୍ରଶ୍ୱାସର ଗତି ସହିତ ଜଡ଼ିତ । ପ୍ରଥମ ଥର ପାଇଁ ଭାରତ ଭୂଖଣ୍ଡକୁ ଭାରତ ମାତା ରୂପେ ବର୍ଣ୍ଣନା କରି ଏହି ସଂଗୀତ ଲେଖାଯାଇଥିଲା । ଲୋକଙ୍କ ଭିତରେ ଏହା ଏକ ବୈପ୍ଳବିକ ମନୋଭାବ ସୃଷ୍ଟି କରିଥିଲା । ସ୍ୱାଧୀନତା ପର ଠାରୁ ଏହାକୁ ରାଷ୍ଟ୍ର ଗୀତ ଭାବେ ମର୍ଯ୍ୟାଦା ଦିଆଯାଇଛି । ଖୁସିର ଭାରତର ଯଶସ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଏସବୁ ଭାବନାକୁ ପୁଣି ଜାଗ୍ରତ କରିବା ପାଇଁ ବନ୍ଦେ ମାତରମ ପରି ରାଷ୍ଟ୍ରଗୀତକୁ ଉତ୍ସବ ଆକାରରେ ପାଳିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଓଡ଼ିଶାର ପ୍ରତି ଜିଲ୍ଲା, ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ସାଂସ୍କୃତିକ କେନ୍ଦ୍ରରେ ବନ୍ଦେ ମାତରମ୍ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି ।

ଅତୀତର ସେହି ସ୍ମୃତି ସବୁ ଇତିହାସରେ ଚିର ବହ୍ନିମାନ ହୋଇ ରହିବ, ବନ୍ଦେ ମାତରମର ୫୦ତମ ବାର୍ଷିକୀ ସମୟରେ ଦେଶକୁ ଦାସତ୍ୱରେ ରହିବାକୁ ବାଧ୍ୟ କରାଯାଇଥିଲା । ଇଂରେଜମାନେ ଯେତେବେଳେ ଭାରତକୁ ଭାଗ ଭାଗ କରିବା ପାଇଁ ଚାହିଁଥିଲେ ସେତେବେଳେ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥିଲା । ଐତିହାସିକ ତଥ୍ୟ ଅନୁଯାୟୀ ଇଂରେଜମାନେ ଭାରତକୁ ଭାଗ ଭାଗ କରିବା ଲାଗି ବେଙ୍ଗଲକୁ ବାଛି ଥିଲେ । ୧୮୫୭ ବିଦ୍ରୋହ ପରେ ସେମାନେ ଜାଣିଗଲେ ଯେ ଯେଉଁ ଉଦ୍ଦେଶ୍ୟ ନେଇ ସେମାନେ ଆସିଥିଲେ ଭାରତରେ ଆଉ ବେଶି ଦିନ ରହିବା ସମ୍ଭବ ହେବନାହିଁ । ତେଣୁ ସେମାନେ ଭାରତକୁ ଦୁଇ ଭାଗ କରିବାକୁ ଚାହିଁଲେ । ବିଭାଜନ ରାଜନୀତି ଆରମ୍ଭ କଲେ, ବେଙ୍ଗଲକୁ ପ୍ରୟୋଗଶାଳା ବନାଇଲେ । ସେତେବେଳେ ବେଙ୍ଗଲର ବୌଦ୍ଧିକ ସାମର୍ଥ୍ୟ ଦେଶକୁ ଦିଶା ଦେଖାଉ ଥିଲା ସେଥିପାଇଁ ଇଂରେଜମାନେ ବେଙ୍ଗଲକୁ ଭାଗ ଭାଗ କରିବା ଆରମ୍ଭ କରିଥିଲେ । ୧୯୦୫ରେ ସେମାନେ ବେଙ୍ଗଲର ବିଭାଜନ କଲେ । ଇଂରେଜମାନେ ଏହି ପାପ କରିବା ସମୟରେ ବନ୍ଦେ ମାତରମ୍ ଚଟାଣ ଭଳି ରହିଥିଲା । ସେତେବେଳେ ବନ୍ଦେ ମାତରମ୍ ବେଙ୍ଗଲର ଏକତା ପାଇଁ ଗଳି ଗଳିର ସ୍ୱର ପାଲଟିଥିଲା । ବେଙ୍ଗଲକୁ ବିଭାଜନ କରିବା ପରେ ଭାରତକୁ ଭାଙ୍ଗିବା ଲାଗି ଇଂରେଜମାନେ ବୀଜ ରୋପଣ କରିଥିଲେ କିନ୍ତୁ ବନ୍ଦେ ମାତରମ୍ ଏକ ସ୍ୱର ଓ ଏକ ସୂତ୍ର ଭାବେ ଇଂରେଜ ଶାସକଙ୍କ ପାଇଁ ଆହ୍ୱାନ ପାଲଟିଥିଲା । ବେଙ୍ଗଲ ବିଭାଜନ ତ ଘଟିଲା କିନ୍ତୁ ଏକ ବହୁତ ବଡ଼ ସ୍ୱଦେଶୀ ଆନ୍ଦୋଳନ ମୁଣ୍ଡ ଟେକିଲା ।

ଇଂରେଜମାନେ ବୁଝି ସାରିଥିଲେ ଯେ ବେଙ୍ଗଲ ମାଟିରୁ ବଙ୍କିମ ଚାଟାର୍ଜୀଙ୍କର ଯେଉଁ ସ୍ୱର ବାହାରିଛି ତାହା ସେମାନଙ୍କୁ ଦୋହଲାଇ ଦେଇଛି । ତେଣୁ ସେମାନେ ଏହି ରାଷ୍ଟ୍ରଗୀତ ଉପରେ ତତ୍କାଳୀନ ସମୟରେ ଆଇନଗତ ପ୍ରତିବନ୍ଧକ ଆରମ୍ଭ କରିଥିଲେ । ଏହି ଗୀତ ସହ ଏହାକୁ ଗାଇବା ଓ ଛପାଇବା ଲାଗି ଦଣ୍ଡ ବିଧାନ କରାଗଲା । କିନ୍ତୁ ସେତେବେଳକୁ ଏହା ପ୍ରତ୍ୟେକ ଭାରତୀୟଙ୍କ ସ୍ୱର ପାଲଟି ସାରିଥିଲା । ବନ୍ଦେ ମାତରମ୍ ପାଇଁ ଅନେକ ପିଲା ଓ ମହିଳା ଗୋରା ସରକାରଙ୍କ ଚାବୁକ ମାଡ଼ ଖାଇବା ସହ ଜୀବନ ମଧ୍ୟ ହାରି ଥିଲେ । ବିଶ୍ୱ ଇତିହାସରେ ଏଭଳି କୌଣସି ସଂଗୀତ କିମ୍ବା ଗୀତ ନାହିଁ ଯାହାକି ଲକ୍ଷ୍ୟ ଲକ୍ଷ୍ୟ ଲୋକଙ୍କୁ ଶତାବ୍ଦୀ ଶତାବ୍ଦୀ ଧରି ପ୍ରେରଣା ଦେଇ ଆସିଛି ସେଥିପାଇଁ ରବୀନ୍ଦ୍ର ଟାଗୋର ଲେଖିଥିଲେ 'ଏକ ସୂତ୍ରରେ ବନ୍ଧା ହଜାରେ ମନ, ଗୋଟିଏ କାମ ପାଇଁ ସମର୍ପିତ ହଜାରେ ଜୀବନ - ବନ୍ଦେ ମାତରମ୍' । ସ୍ୱାଧୀନତା ସମୟରେ ବନ୍ଦେ ମାତରମ୍ ଗାନ୍ଧିଜୀଙ୍କୁ ପସନ୍ଦ ଆସିଥିଲା । ସେ ଏହି ଗୀତକୁ ରାଷ୍ଟ୍ରଗୀତ ଭାବେ ଦେଖିଥିଲେ । ଗାନ୍ଧିଜୀଙ୍କ ଲାଗି ଏହି ଗୀତର ଶକ୍ତି ବଢ଼ିଥିଲା । ଗାନ୍ଧିଜୀ ଲେଖିଥିଲେ 'ଏହାର ଭାବନା ମହାନ, ଅନ୍ୟ ଗୀତ ଅପେକ୍ଷା ମଧୁର । ଏହାର ଏକ ମାତ୍ର ଉଦ୍ଦେଶ୍ୟ ଆମ ଭିତରେ ଦେଶପ୍ରେମର ଭାବନା ଉଦ୍ରେକ କରିବା । ଗାନ୍ଧିଜୀ ଏହି ଗୀତକୁ ଭାରତ ମାତା ଭାବରେ ଦେଖିବା ଓ ସମ୍ମାନ କରିବା ଭାବରେ ବର୍ଣ୍ଣନା କରିଥିଲେ ।

ଯେତେବେଳେ ଭାରତ କୌଣସି ସଂକଟର ସମ୍ମୁଖୀନ ହୋଇଛି ଦେଶ ବନ୍ଦେ ମାତରମ୍ ଭାବନା ସହିତ ଆଗକୁ ବଢ଼ିଛି । ଆଜି ବି ଅଗଷ୍ଟ ୧୫ ଓ ଜାନୁଆରୀ ୨୬ ଭଳି ଅବସରରେ ଏହି ଆତ୍ମା ସବୁଠାରେ ଦୃଶ୍ୟମାନ ହୁଏ କାରଣ ସମସ୍ତଙ୍କ ଘରେ ଗର୍ବର ସହିତ ତ୍ରିରଙ୍ଗା ଉଡେ । ଏହି ଭାବନା ସହିତ ଆଗକୁ ବଢ଼ିବା ସହିତ ଆତ୍ମ ନିର୍ଭର ଭାରତ ଗଢ଼ିବା ଓ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ସ୍ୱପ୍ନ ପୂରଣ କରିବା ଦିଗରେ ଆସନ୍ତୁ (କ୍ରମଶଃ)



# ୪୦ବିମାନ ଉଡ଼ାଣ ବାତିଲ୍

**ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):** ବିଗିଡ଼ିବାରେ ଲାଗିଛି ଦିଲ୍ଲୀର ପରିସ୍ଥିତି । ଦିନକୁ ଦିନ କଲବଲ କରୁଛି ବାୟୁ ପ୍ରଦୂଷଣ । ରାଜଧାନୀରେ ଏବେ ବାୟୁ ଗୁଣବତ୍ତା ବିପଦ ସୀମା ଟପିଥିବା ବେଳେ ଦୃଶ୍ୟମାନ୍ୟତା ଶୂନ ହୋଇଯାଇଛି । ଦିଲ୍ଲୀ ଏନସିଆରରେ ଘନ କୁହୁଡ଼ି ଯାନବାହାନ ସହ ବିମାନ ଚଳାଚଳକୁ ମଧ୍ୟ ପ୍ରଭାବିତ କରିଛି । କୁହୁଡ଼ି ଯୋଗୁଁ ଦିଲ୍ଲୀ ବିମାନବନ୍ଦରରେ ବିମାନ ଚଳାଚଳ ବିଳମ୍ବିତ ହୋଇଛି । ଘନ କୁହୁଡ଼ି ଯୋଗୁଁ ବିମାନ ଅବତରଣ ମଧ୍ୟ ବାଧାପ୍ରାପ୍ତ ହୋଇଛି । ସକାଳ ୯ଟା ୩୦ ସୁଦ୍ଧା ୪୦ଟି ବିମାନ ଉଡ଼ାଣ ବାତିଲ କରାଯାଇଛି ଏବଂ ୪ଟି ବିମାନକୁ ଅନ୍ୟ ବିମାନବନ୍ଦରକୁ ସ୍ଥାନାନ୍ତର କରାଯାଇଛି । ଏହାକୁ ଦୃଷ୍ଟିରେ ରଖି, ଇଣ୍ଡିଗୋ, ସ୍ପାଇସଜେଟ୍ ଏବଂ ଏୟାର ଇଣ୍ଡିଆ ଆଡଭାଇଜରୀ ଜାରି କରିଛନ୍ତି । ତିନୋଟି ପ୍ରମୁଖ ବିମାନ କମ୍ପାନୀ ସେମାନଙ୍କ ଆଡଭାଇଜରୀରେ କହିଛନ୍ତି ଯେ, କୁହୁଡ଼ି ଯୋଗୁଁ ବିମାନ ଚଳାଚଳ ପ୍ରଭାବିତ ହୋଇଛି । ଆମେ ପାଗ ଉପରେ ନଜର ରଖିଛୁ ଏବଂ ସୁରକ୍ଷିତ ବିମାନ ଚଳାଚଳ ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେଉଛୁ । ଦିଲ୍ଲୀ ବିମାନବନ୍ଦର ବ୍ୟତୀତ, ଜୟପୁର, ହିଣ୍ଡନ ବିମାନବନ୍ଦର ଏବଂ ସିମଲା ସମେତ ଉତ୍ତର ଭାରତର ଅଧିକାଂଶ ବିମାନବନ୍ଦର କୁହୁଡ଼ି ଦ୍ୱାରା ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା କରାଯାଉଛି । ପାଣିପାଗ ବିଭାଗ କହିଛି ଯେ, ଆଗାମୀ ଦୁଇ ଦିନ ପାଇଁ ଦିଲ୍ଲୀ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ ଏବଂ ପୂର୍ବ ଉତ୍ତର ପ୍ରଦେଶ, ଉତ୍ତର ପୂର୍ବ ମଧ୍ୟପ୍ରଦେଶରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି । ସେହିପରି ଦିଲ୍ଲୀ-ଏନସିଆରରେ ଘନ କୁହୁଡ଼ି ପାଇଁ ଦୃଶ୍ୟମାନତା ଶୂନ୍ୟ ହୋଇଯାଇଛି । ଏହା ଯୋଗୁଁ ରାସ୍ତାରେ ଯାନବାହାନ ଧୀରେ ଧୀରେ ଚଳାଚଳ କରୁଛି।ସହରର ଅନେକ ପ୍ରମୁଖ ଅଞ୍ଚଳରେ ବାୟୁ ଗୁଣବତ୍ତା ସୂଚକାଙ୍କ 'ଗମ୍ଭୀର' ବର୍ଗରେ ପହଞ୍ଚିଛି, ଯାହା ଏକ ଗମ୍ଭୀର ସ୍ୱାସ୍ଥ୍ୟ ବିପଦ ସୃଷ୍ଟି କରୁଛି । ଦିଲ୍ଲୀରେ ଅନେକ ସ୍ଥାନରେ AQI ୪୮୩ ପାର୍ କରିବା ପରେ ଏଠାରେ ବସବାସ କରୁଥିବା ଲୋକଙ୍କ ଉପରେ ଖରାପ ପ୍ରଭାବ ପକାଇବ ବୋଲି କୁହାଯାଉଛି ।

# ଏଚ୍-୧ବି ଭିସା ଫି ବୃଦ୍ଧିକୁ ଆମେରିକାରେ ୨୦ ରାଜ୍ୟର ବିରୋଧ

**ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):** ଟ୍ରମ୍ପ ପ୍ରଶାସନର ଏଚ୍-୧ବି ଭିସା ଫି ବୃଦ୍ଧିକୁ ଆମେରିକାର ୨୦ଟି ରାଜ୍ୟ ବିରୋଧ କରିଛନ୍ତି । ଏଚ୍-୧ବି ଭିସା ଫି ୧ ଲକ୍ଷ ଡଲାରକୁ ବୃଦ୍ଧି କରାଯିବା ବେଆଇନ ବୋଲି ସେମାନେ ଦର୍ଶାଇ ଆଇନଗତ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଡେମୋକ୍ରାଟିକ ପାର୍ଟିର ଆଟର୍ଣ୍ଣି ଜେନେରାଲମାନେ ମାମଲା ରୁଜୁ କରିଛନ୍ତି । ସେମାନେ ଯୁକ୍ତି ବାଢ଼ିଛନ୍ତି ଯେ ସମ୍ବିଧାନର ବିନା ଅନୁମତିରେ ଅପ୍ରବାସନ ଆଇନ ବଦଳାଇବାର ଆଇନଗତ କ୍ଷମତା ରାଷ୍ଟ୍ରପତି ଟ୍ରମ୍ପଙ୍କର ନାହିଁ । ପୂର୍ବରୁ ଆମେରିକାର ଚାମ୍ବର ଅଫ୍ କମର୍ସ ସମେତ ଅନେକ ବେସରକାରୀ ସଂଗଠନ ଓ ଧାର୍ମିକ ପ୍ରତିଷ୍ଠାନ ପୂର୍ବରୁ ବିରୋଧ କରି ଆଇନର ଆଶ୍ରୟ ନେଇଛନ୍ତି । ରାଜ୍ୟଗୁଡ଼ିକ ଦର୍ଶାଇଛନ୍ତି ଯେ ଏଚ୍-୧ବି ଭିସା ସେମାନଙ୍କ ପାଇଁ ଆବଶ୍ୟକ । କାରଣ ସେମାନେ ଡାକ୍ତର, ନର୍ସ, ଗବେଷକ ଏବଂ ବିଶ୍ୱବିଦ୍ୟାଳୟର ଅଧ୍ୟାପକଙ୍କ ଭଳି କୁଶଳୀ ବ୍ୟକ୍ତିମାନଙ୍କୁ ଏହା ଜରିଆରେ ନିଯୁକ୍ତି ଦେଇଥାନ୍ତି । ଆମେରିକାର ଅନେକ କମ୍ପାନୀ ଏହି ଭିସା ଜରିଆରେ ବିଦେଶୀ କର୍ମଚାରୀ ଆଣିଥାନ୍ତି । ଏତେ ଅଧିକ ଫିରେ ବିଦେଶୀ କର୍ମଚାରୀ ନିଯୁକ୍ତି ଦେବା ସେମାନଙ୍କ ପାଇଁ କଷ୍ଟସାଧ ହେବ । କଂଗ୍ରେସକୁ ଏଡ଼ାଇ ଯାଇ ଟ୍ରମ୍ପ ପ୍ରଶାସନ ଉକ୍ତ ଭିସା ଫି ବୃଦ୍ଧି କରିଛନ୍ତି ବୋଲି ସେମାନେ କହିଛନ୍ତି । କୌଣସି ରାଷ୍ଟ୍ରପତି କଂଗ୍ରେସ, ସମ୍ବିଧାନ କିମ୍ବା ଆଇନକୁ ଅଣଦେଖା କରିପାରିବେ ନାହିଁ ବୋଲି କାଲିଫର୍ଣ୍ଣିଆର ଆଟର୍ଣ୍ଣି ଜେନେରାଲ ରବ୍ ବୋନ୍ଟା କହିଛନ୍ତି । କଂଗ୍ରେସର ଆଇନ ବଳରେ ଏଚ୍-୧ବି ଭିସା କାର୍ଯ୍ୟକ୍ରମକୁ ବଦଳାଇବା କ୍ଷମତା ରାଷ୍ଟ୍ରପତିଙ୍କର ନାହିଁ ବୋଲି ପୂର୍ବରୁ ବିଭିନ୍ନ ଶ୍ରମିକ ସଂଗଠନ, ବେସରକାରୀ ସଂଗଠନ ଓ ଧାର୍ମିକ ଗୋଷ୍ଠୀ ମତ ଦେବା ସହିତ ଅଦାଲତକୁ ଯାଇଥିଲେ । ଉଲ୍ଲେଖଯୋଗ୍ୟ, ରାଷ୍ଟ୍ରପତି ଟ୍ରମ୍ପ ଗତ ସେପ୍ଟେମ୍ବର ୨୦ରେ ଏଚ୍-୧ ଭିସା ଫିକୁ ୧ ଲକ୍ଷ ଡଲାରକୁ ବୃଦ୍ଧି କରିଥିଲେ । ଏଥିଯୋଗୁ ଭାରତ ସମେତ ବିଭିନ୍ନ ଦେଶର ବିଦେଶୀ କର୍ମଚାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିଲା । ଏହାର ଦିନକ ପରେ ହ୍ୱାଇଟ୍ ହାଉସ୍ ପକ୍ଷରୁ ଏକ ସ୍ପଷ୍ଟୀକରଣ ଦିଆଯାଇଥିଲା । ସେଥିରେ କୁହାଯାଇଥିଲା ଏହି ଭିସା ଫି କେବଳ ନୂଆ ଆବେଦନ ପାଇଁ ଲାଗୁ ହେବ ।




# ପଛକୁ ପଛ ପିଟି ହେଲା ୨୫ଟି ଗାଡ଼ି, ଚାଲିଗଲା ୪ଜଣଙ୍କ ଜୀବନ

**ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):** ପଛକୁ ପଛ ପିଟି ହେଲା ୨୫ଟି ଗାଡ଼ି । ଚାଲିଗଲା ୪ଜଣଙ୍କ ଜୀବନ । ଆଜି ସକାଳେ ଉତ୍ତର ଭାରତର ଅଧିକାଂଶ ଅଞ୍ଚଳକୁ ଢାଙ୍କି ଦେଇଥିଲା ଘନ କୁହୁଡି ।ଦୃଶ୍ୟମାନ୍ୟତା କମ୍ ହେବା ସହ ଯାତାୟତ ବାଧାପ୍ରାପ୍ତ ହୋଇଥିଲା । କୁହୁଡ଼ି ଯୋଗୁଁ ସୋମବାର ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ୨୫ଟି ଗାଡ଼ି ପରସ୍ପର ସହିତ ଧକ୍କା ଖାଇଥିଲା ବୋଲି ଜଣାପଡ଼ିଛି । ଏହି ଦୁର୍ଘଟଣାରେ ପ୍ରଥମେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏବେ ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି ପାଇଛି । ଏହା ସହିତ ପ୍ରାୟ ୨୦ଜଣ ଆହତ ହୋଇଛନ୍ତି । କୁହାଯାଉଛି ଯେ, ଏହି ଦୁର୍ଘଟଣାରେ ପିଜୁଳି ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏକ ପିଜୁଳି ବୋଝେଇ ଟ୍ରକ୍ ଓଲଟି ପଡ଼ିବାରୁ ରାସ୍ତାରେ ଏଣେତେଣେ ପିଜୁଳି ପଡ଼ିଯାଇଥିଲା । ସୂଚନା ଅନୁଯାୟୀ, ସୋମବାର ସକାଳ ପ୍ରାୟ ୫ଟାରେ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ଘନ କୁହୁଡ଼ି ଦେଖିବାକୁ ମିଳିଥିଲା, ଯାହା ଦୁର୍ଘଟଣା ପଛର ବଡ଼ କାରଣ । ଘନ କୁହୁଡ଼ି ଯୋଗୁଁ ଏକ୍ସପ୍ରେସୱେରେ ଦୃଶ୍ୟମାନତା ହ୍ରାସ ପାଇଥିଲା, ଯାହା ଫଳରେ ପ୍ରାୟ ୨୫ଟି ଗାଡ଼ି ପରସ୍ପର ସହିତ ଧକ୍କା ହୋଇଥିଲେ । ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଦୁଇ ପୁଲିସ କର୍ମଚାରୀଙ୍କ ସମେତ ଚାରିଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ଦୁଇଟି ଓଭରଲୋଡେଡ୍ ଡମ୍ପର ପରସ୍ପର ମଧ୍ୟରେ ଧକ୍କା ଖାଇବା ପରେ ସିରିଜ୍ ଦୁର୍ଘଟଣା ଆରମ୍ଭ ହୋଇଥିଲା । ଡମ୍ପର ଧକ୍କା ହେବା ପରେ ପଛରୁ ଆସୁଥିବା ପିଜୁଳି ବୋଝେଇ ଟ୍ରକ୍ ଆସି ଡମ୍ପର ସହିତ ଧକ୍କା ଖାଇ ଓଲଟି ପଡ଼ିଥିଲା । ଟ୍ରକ୍ ଓଲଟି ପଡ଼ିବାରୁ ବହୁ ପରିମାଣର ପିଜୁଳି ରାସ୍ତାରେ ପଡ଼ିଯାଇଥିଲା, ଯାହା ଫଳରେ ରାସ୍ତା ଖସଡ଼ା ହେବା ସହ ଗାଡ଼ିର ଚକ ଖସିବା ଆରମ୍ଭ ହୋଇଥିଲା । ଖସଡ଼ା ପାଇଁ ଗାଡ଼ିର ବ୍ରେକ୍ ନଧରିବାରୁ ପଛକୁ ପଛ ପିଟି ହୋଇଥିଲା ୨୫ଟି ଗାଡ଼ି ।

# ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷର ଦାୟିତ୍ୱ ଗ୍ରହଣ କଲେ ନୀତିନ ନବୀନ

**ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):** ଭାରତୀୟ ଜନତା ପାର୍ଟି (ବିଜେପି)ର ନୂଆ କାର୍ଯ୍ୟକାରୀ ଅଧ୍ୟକ୍ଷ ନୀତିନ ନବୀନଙ୍କ ଦିଲ୍ଲୀ ସ୍ଥିତ ପାର୍ଟି ମୁଖ୍ୟାଳୟରେ ଜୋରଦାର ସ୍ୱାଗତ କରାଯାଇଛି । ଏହି ଅବସରରେ ସେ ୱାର୍କିଂ ପ୍ରେସିଡେଣ୍ଟର ଦାୟିତ୍ୱ ଗ୍ରହଣ କରିଛନ୍ତି । ଅମିତ ଶାହ ଓ ଜେପି ନଡ୍ଡା ତାଙ୍କୁ ଚୌକିରେ ବସାଇବା ସହ ଶୁଭ କାମନା ଦେଇଛନ୍ତି । ବହୁ ସଂଖ୍ୟାରେ ପାର୍ଟି କାର୍ଯ୍ୟକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇବାକୁ ପହଞ୍ଚିଛନ୍ତି । ଅନ୍ୟପଟେ ସଞ୍ଜୟ ସରାଗଭୀଙ୍କୁ ବିହାର ବିଜେପିର ଅଧ୍ୟକ୍ଷ କରାଯାଇଛି । ସେ ଦରଭଙ୍ଗାରୁ ବିଧାୟକ ଅଛନ୍ତି ଏବଂ ପୂର୍ବତନ ମନ୍ତ୍ରୀ ରହି ସାରିଛନ୍ତି । ଏବେ ସେ ଦିଲୀପ ଜାୟସୱାଲଙ୍କ ସ୍ଥାନ ନେବେ । ଏହା ପୂର୍ବରୁ ଦିଲ୍ଲୀ ଏୟାରପୋର୍ଟରେ ତାଙ୍କର ସ୍ୱାଗତ କରିବାକୁ ଦିଲ୍ଲୀର ସିଏମ୍ ରେଖା ଗୁପ୍ତା ପହଞ୍ଚି ଥିଲେ । ଏହା ପୂର୍ବରୁ ନୀତିନ ନବୀନ ପାଟନାରେ ପୂଜା ଅର୍ଚ୍ଚନା କରିଥିଲେ । ପାଟନାର ପ୍ରସିଦ୍ଧ ମହାବୀର ମନ୍ଦିରକୁ ଯାଇ ନୀତିନ ନବୀନଙ୍କୁ ଆଶୀର୍ବାଦ ନେଇଥିଲେ । ଏହାପରେ ସେ ରାଜବଂଶୀ ନଗର ଯାଇ ତାଙ୍କ ବାପାଙ୍କ ମୂର୍ତ୍ତୀକୁ ମଧ୍ୟ ପ୍ରମାଣ କରିଥିଲେ । ନୀତିନ ବିହାରର ନୁହେଁ , ପୂର୍ବ ଭାରତରୁ ବିଜେପିର କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବାର ପ୍ରଥମ ନେତା । ନୀତିନ ନବୀନଙ୍କ ଜନ୍ମ ପାଟନାରେ ହୋଇଛି । ତାଙ୍କ ପିତା ନବୀନ କିଶୋର ପ୍ରସାଦ ସିହ୍ନା ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଭାବେ ରହି ସାରିଛନ୍ତି । ପିତାଙ୍କ ମୃତ୍ୟୁ ପରେ ନୀତୀଶ ନବୀନ ସକ୍ରିୟ ଭାବେ ନିର୍ବାଚନୀ ରାଜନୀତିରେ ପାଦ ରଖି ଥିଲେ ଏବଂ ଖୁବ୍ ଶୀଘ୍ର ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ରାଜନୀତିକୁ ଆସିବା ପୂର୍ବରୁ ଭାରତୀୟ ଜନତା ଯୁବ ମୋର୍ଚ୍ଚାରେ ମଧ୍ୟ ସକ୍ରିୟ ଭୂମିକା ପାଳନ କରି ସାରିଛନ୍ତି , ଯେଉଁଠାରୁ ତାଙ୍କର ସଙ୍ଗଠନାତ୍ମକ ଦକ୍ଷତାକୁ ପରିଚୟ ମିଳିଛି । ନୀତିନ ନବୀନ ପାଟନାର ବାଙ୍କିପୁର ବିଧାନସଭା ଆସନରୁ ବିଧାୟକ ଅଛନ୍ତି ଏବଂ ଲଗାତାର ୫ମ ଥର ଲୋକଙ୍କ ଭରସାକୁ ଜିତିଛନ୍ତି । ସେ ପ୍ରଥମ ଥର ୨୦୦୬ର ଉପନିର୍ବାଚନରେ ବିଜୟ ହାସଲ କରିଥିଲେ । ଏହାପରେ ସେ ୨୦୧୦, ୨୦୧୫,୨୦୨୦ ଓ ୨୦୨୫ର ବିଧାନସଭା ନିର୍ବାଚନରେ ବାରମ୍ବାର ବିଜୟୀ ହୋଇଛନ୍ତି । ୨୦୨୫ର ବିଧାନସଭା ନିର୍ବାଚନରେ ସେ ୯୮,୨୯୯ ଭୋଟ୍ ହାସଲ କରି ଆରଜେଡି ପ୍ରାର୍ଥୀ ରେଖା କୁମାରୀଙ୍କୁ ୫୧,୯୩୬ ଭୋଟର ବଡ଼ ଅନ୍ତରରେ ହରାଇ ଥିଲେ, ଯାହା ତାଙ୍କର ଏବେସୁଦ୍ଧା ସବୁଠୁ ବଡ଼ ବିଜୟ ମନେକରାଯାଉଛି ।



# ଡଲାର ତୁଳନାରେ ଦୁର୍ବଳ ହେବାରେ ଲାଗିଛି ଟଙ୍କା

**ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):** ଡଲାର ତୁଳନାରେ ଦୁର୍ବଳ ହେବାରେ ଲାଗିଛି ଟଙ୍କା । ଟଙ୍କା ମୂଲ୍ୟ ଡଲାର ତୁଳନାରେ ରେକର୍ଡ ସର୍ବନିମ୍ନ ୯୦ ଟଙ୍କା ୫୮ ପଇସାକୁ ଖସିଆସିଛି । ଯାହା ଲଗାତାର ଦ୍ୱିତୀୟ ସପ୍ତାହର ନିମ୍ନ ରେକର୍ଡ । ଆମେରିକୀୟ ଡଲାର ମଜଭୁତ ହେବାର ପ୍ରଭାବରେ ଟଙ୍କା ମୂଲ୍ୟରେ ଏଭଳି ହ୍ରାସ ଘଟିଛି । ଫଳରେ ଚାପଗ୍ରସ୍ତ ହୋଇଛି ଭାରତୀୟ ଅର୍ଥନୀତି । ନିବେଶକମାନେ ସୁରକ୍ଷିତ ନିବେଶ ପାଇଁ ବିକଳ୍ପ ଖୋଜୁଛନ୍ତି ଏବଂ ଡଲାର ଆଡ଼କୁ ମୁହାଁଇଛନ୍ତି । ବିଦେଶୀ ନିବେଶକମାନେ ମଧ୍ୟ ଭାରତୀୟ ବଜାରରୁ ପାଣ୍ଠି ପ୍ରତ୍ୟାହାରକୁ ତ୍ୱରାନ୍ୱିତ କରିଛନ୍ତି । ଫଳ ସ୍ୱରୂପ, ଟଙ୍କା ଦୁର୍ବଳ ହେଉଛି ଏବଂ ବୃଦ୍ଧି ପାଉଛି ଡଲାରର ଚାହିଦା । ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଥିବା ବେଳେ ଦୁଇଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତିରେ ବିଳମ୍ବ, ଆମେରିକାର ଆର୍ଥିକ ନୀତି ଏବଂ ଆମେରିକୀୟ ଫେଡେରାଲ ରିଜର୍ଭର ସୁଧହାର ବୃଦ୍ଧି ଯୋଗୁ ଟଙ୍କା ଉପରେ ଚାପ ବଢୁଛି । ଆମଦାନି ବଢ଼ିବା ଏବଂ ରପ୍ତାନି କମିବା ଯୋଗୁଁ ଏହି ସ୍ଥିତି ଆହୁରି ଖରାପ ହେଉଛି । ଅର୍ଥନୀତିଜ୍ଞମାନେ କହୁଛନ୍ତି ଯେ, ଯଦି ଚୁକ୍ତି ଶୀଘ୍ର ନହୁଏ, ଟଙ୍କା ଆହୁରି ଦୁର୍ବଳ ହେବ । ଏହାର ପ୍ରଭାବରେ ଆମଦାନୀ ଜିନିଷର ମୂଲ୍ୟ ବଢ଼ିବ ଏବଂ ସାଧାରଣ ଲୋକଙ୍କ ବୋଝ ପଡ଼ିବ । ଆରବିଆଇ ଏହାକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛି ।

# ସେନସରସିପର ନୂଆ ଅସ୍ତ୍ର ପାଲଟିଛି ସହଯୋଗ ପୋର୍ଟାଲ୍

**ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):** ଅକ୍ଟୋବର ୨୦୨୪ ରୁ ଅକ୍ଟୋବର ୨୦୨୫ ମଧ୍ୟରେ କେନ୍ଦ୍ର ସରକାରଙ୍କ ସହଯୋଗ ପୋର୍ଟାଲ୍ ମାଧ୍ୟମରେ ୨,୩୦୦ ରୁ ଅଧିକ ବ୍ଲକିଂ ଆଦେଶ ଜାରି କରାଯାଇଥିଲା । ଟାର୍ଗେଟ କରାଯାଇଥିବା ଆପ୍ ମଧ୍ୟରେ ହ୍ୱାଟ୍ସଆପ୍, ଫେସବୁକ୍, ୟୁଟ୍ୟୁବ୍ ଏବଂ ଇନଷ୍ଟାଗ୍ରାମ ଅନ୍ତର୍ଭୁକ୍ତ । ଜାତୀୟ ଗଣମାଧ୍ୟମ ଇଣ୍ଡିଆନ୍ ଏକ୍ସପ୍ରେସ ସୂଚନା ଅଧିକାର ଆଇନ ଅନୁଯାୟୀ ସହଯୋଗ ପୋର୍ଟାଲ୍ ଉପରେ କିଛି ଆକର୍ଷଣୀୟ ତଥ୍ୟ ସଂଗ୍ରହ କରିଛି । ଏହି ତଥ୍ୟଗୁଡ଼ିକ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ସହଯୋଗ ପୋର୍ଟାଲ୍ କିପରି ଅନଲାଇନ୍ ସେନସରସିପ୍ ପାଇଁ ଏକ ନୂଆ ଉପକରଣ ହୋଇପାରିଛି । ବିବାଦୀୟ, ଅବୈଧ ପୋଷ୍ଟ ଏବଂ ନକଲି ଆକାଉଣ୍ଟ ପାଇଁ ବ୍ଲକିଂ ନିର୍ଦ୍ଦେଶ ଦିଆଯାଇଛି । ତଥ୍ୟ ଅନୁଯାୟୀ, ସେନ୍ସରସିପ୍ ହ୍ୱାଟ୍ସଆପ୍, ଫେସବୁକ୍ ଏବଂ ଇନଷ୍ଟାଗ୍ରାମ ଉପରେ ସର୍ବାଧିକ ନିର୍ଦ୍ଦେଶ ଦେଇଥିଲା । ମୋଟ ୨,୩୧୨ଟି ବ୍ଲକିଂ ମାମଲା ମଧ୍ୟରୁ ପ୍ରାୟ ୭୮% ହ୍ୱାଟ୍ସଆପ୍, ଫେସବୁକ୍ ଏବଂ ଇନଷ୍ଟାଗ୍ରାମ ସହିତ ଜଡ଼ିତ । ଏଠାରେ ମଧ୍ୟ, ହ୍ୱାଟ୍ସଆପ୍ ସବୁଠୁ ଆଗରେ ରହିଥିଲା, ଅର୍ଥାତ ୧,୩୯୨ଟି ବ୍ଲକିଂ ଅର୍ଡର ପାଇଥିଲା । ଫେସବୁକ୍ ୨୫୫ଟି ଅର୍ଡର ପାଇ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଇନଷ୍ଟାଗ୍ରାମ ୧୬୯ଟି ଅର୍ଡର ସହିତ ତୃତୀୟ ସ୍ଥାନରେ ଥିଲା । ସେହିପରି ୟୁ ଟ୍ୟୁବ୍ ମଧ୍ୟ ଗୋଟିଏ ବର୍ଷ ମଧ୍ୟରେ ୧୭୬ଟି ବ୍ଲକିଂ ଅର୍ଡର ପାଇଥିଲା । ଏହା ବ୍ୟତୀତ, ଟେଲିଗ୍ରାମକୁ ୧୨୩ଟି ବ୍ଲକିଂ ଅର୍ଡର, ଗୁଗୁଲକୁ ୯୩ଟି, ଆପଲକୁ ୪୩ଟି ଏବଂ ଆମାଜନକୁ ୨୩ଟି ବ୍ଲକିଂ ଅର୍ଡର ମିଳିଛି । ମାଇକ୍ରୋସଫ୍ଟ, ଲିଙ୍କଡିନ୍ ଏବଂ ସ୍ନାପଚଟ୍ ଭଳି ଆପ୍ ମଧ୍ୟ ସମୟ ସମୟରେ ବ୍ଲକିଂ ଅର୍ଡର ପାଇଛି । ଆରଟିଆଇରୁ ଏହା ମଧ୍ୟ ଜଣାପଡ଼ିଛି ଯେ ଅପରେସନ ସିନ୍ଦୂର ସମୟରେ ସୋସିଆଲ ମିଡିଆ ପ୍ଲାଟଫର୍ମରୁ ବହୁ ପରିମାଣର ବିଷୟବସ୍ତୁ ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ମୁଖ୍ୟତଃ ପାକିସ୍ତାନରୁ ଉତ୍ପତ୍ତି ହୋଇଥିବା କିମ୍ବା ପାକିସ୍ତାନୀ ପ୍ରଚାରକୁ ପ୍ରୋତ୍ସାହିତ କରୁଥିବା ବିଷୟବସ୍ତୁ ଅର୍ଥାତ କଣ୍ଟେଣ୍ଟ ଉପରେ ଧ୍ୟାନ ଦିଆଯାଇଥିଲା । ଏକ୍ସ କମ୍ପାନୀ ଏହା ମଧ୍ୟ କହିଛି ଯେ ଅପରେସନ ସିନ୍ଦୂର ସମୟରେ ଅତି କମରେ ୮,୦୦୦ ଆକାଉଣ୍ଟକୁ ବ୍ଲକ୍ କରିବା ପାଇଁ ନିର୍ଦ୍ଦେଶ ମିଳିଥିଲା ।

# ବିଜୟଙ୍କ ପାଇଁ ତାମିଲନାଡୁ ପୁଲିସର କଡ଼ା ସର୍ତ୍ତ

**ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):**ଅଭିନେତାରୁ ନେତା ହୋଇଥିବା ଦକ୍ଷିଣ ଭାରତର ପ୍ରସିଦ୍ଧ ଅଭିନେତା ବିଜୟଙ୍କ ପାର୍ଟି ତମିଲଗା ଭେଟ୍ରି କଷଗମ (ଟିଭିକେ) ତାମିଲନାଡୁର ଇରୋଡରେ ୧୮ ଡିସେମ୍ବରରେ ଏକ ରାଲିର ଆୟୋଜନ କରିବାକୁ ଚାହୁଁ ଥିଲେ । ଏଥିପାଇଁ ପୁଲିସ ପ୍ରଶାସନରୁ ଅନୁମତି ମଗାଯାଇ ଥିଲା । ଏହା ଉପରେ ପୁଲିସ ଅଧିକାରୀମାନେ ପାର୍ଟି ଉପରେ ୮୪ଟି ସର୍ତ୍ତ ରଖିଛନ୍ତି । ହେଲେ ପୁଲିସ ଅଧିକାରୀମାନେ ପାର୍ଟିକୁ ରାଲି କରିବାକୁ ଅନୁମତି ଦେଇଛନ୍ତି , କିନ୍ତୁ ଅନୁମତି ପତ୍ରରେ କୁହାଯାଇଛି ଯେ,ରାଲିର ଆୟୋଜକଙ୍କୁ ୫୦ହଜାର ଟଙ୍କାର ସୁରକ୍ଷା ଜମା ରାଶି ପୈଠ କରିବାକୁ ହେବ । ଏହା ବ୍ୟତୀତ ରାଲି ପରେ କାର୍ଯ୍ୟକ୍ରମ ସ୍ଥଳକୁ ସ୍ୱଚ୍ଛ କରି ଏହାର ମୂଳ ସ୍ଥିତିକୁ ଫେରିବାକୁ ହେବ । ଇରୋଡ ପୁଲିସ ଏହି ଅନୁମତି ଜାରି କରିଛି । ଅନୁମତି ପତ୍ରରେ ରାଲି ସ୍ଥଳରେ ଆଇନ ବ୍ୟବସ୍ଥା , ଭିଡ଼ ନିୟନ୍ତ୍ରଣ ଓ କାର୍ଯ୍ୟକ୍ରମ ସ୍ଥଳର ଉଚିତ । ରକ୍ଷଣାବେକ୍ଷଣକୁ ସୁନିଶ୍ଚିତ କରିବା ସମେତ ମୋଟ ୮୪ଟି ସର୍ତ୍ତ ଦେଇଛି । ପୁଲିସ ଗୋଟିଏ ସର୍ତ୍ତ ଏହା ମଧ୍ୟ ରଖିଛି ଯେ, ରାଲି ସକାଳ ୧୧ ଟା ସମୟରୁ ଦ୍ୱିପ୍ରହର ୧ଟା ସମୟ ଯାଏ ହିଁ କରିବାକୁ ହେବ । ପାର୍ଟିର ମୁଖ୍ୟ ସମନ୍ୱୟକ କେ.ଏ.ସେଙ୍ଗୋଟ୍ଟୈୟନ ତିନି ଦିନ ପୂର୍ବେ ପୁଲିସ ଏବଂ ରାଜସ୍ୱ ବିଭାଗରେ ଏକ ଆବେଦନ ଦେଇ ବିଜୟଙ୍କ ସଭାକୁ ବିଜୟମଙ୍ଗଲମରେ ପୂର୍ବାହ୍ନ ୧୧ ଟା ସମୟରୁ ଅପରାହ୍ନ ୧ଟା ସମୟ ଯାଏ ଆୟୋଜିତ କରିବାକୁ ଅନୁମତି ମାଗି ଥିଲେ । କହି ରଖୁଛୁ ଯେ, ଏହା ପୂର୍ବରୁ ଚଳିତ ବର୍ଷ ୨୭ ଡିସେମ୍ବରରେ ଟିଭିକେର କରୁରରେ ଏକ ରାଲି ହୋଇଥିଲା , ଯେଉଁଥିରେ ଦଳଚକଟା ହୋଇଥିଲା । ଏହି ଦୁର୍ଘଟଣାରେ ୪୧ ଜଣ ଲୋକଙ୍କୁ ମୃତ୍ୟୁ ହୋଇଥିଲା । ପୁଲିସ ଉକ୍ତ ଦୁର୍ଘଟଣାରୁ ମଧ୍ୟ ଶିକ୍ଷା ନେଇ ରାଲିକୁ ସୁରକ୍ଷିତ କରିବାକୁ ଚାହାନ୍ତି । ଏବେ ଯେଉଁ ଭୂମିରେ ରାଲି ହେବାର ଅଛି, ସେହି ଭୂମି ହିନ୍ଦୁ ଧାର୍ମିକ ଏବଂ ଧର୍ମାର୍ଥ ବନ୍ଦୋବସ୍ତି ବିଭାଗ (ଏଚଆର ଆଣ୍ଡ ସିଇ)ର ନିୟନ୍ତ୍ରଣରେ ଥିବା ଏକ ଘରୋଇ ମନ୍ଦିର । ପୁଲିସ ଆୟୋଜକଙ୍କୁ ୮୪ଟି ସର୍ତ୍ତ ପୂରଣ କରିବାକୁ କହିଛି , କିନ୍ତୁ ଏଚଆର ଆଣ୍ଡ ସିଇ ତୁରନ୍ତ ଏନଓସି ଜାରି କରି ନାହିଁ । ରବିବାର ଟିଭିକେ ପ୍ରତିନିଧିଙ୍କ ମନ୍ଦିର ଅଥୋରିଟିଙ୍କ ସହ ସାକ୍ଷାତ କରିବା ପରେ , ତାଙ୍କୁ ନିଜର ୧୬ ଏକର ଜମିରେ ବୈଠକ ଆୟୋଜନ କରିବା ପାଇଁ ଆବଶ୍ୟକ ଏନଓସି ପୁଲିସକୁ ଦେଇଛି । ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେଇ , ପୁଲିସ ଅଧିକ୍ଷକ ଏ. ସୁଜାତା ପୁଲିସକର୍ମୀଙ୍କ ସହ ଅଞ୍ଚଳକୁ ଆଉ ଥରେ ନିରୀକ୍ଷଣ କରିଥିଲେ ଏବଂ ବୈଠକ ନେଇ ଅନୁମତି ଦେଇଥିଲେ ।



# ପହଲଗାମ ଆତଙ୍କବାଦୀ ଆକ୍ରମଣ ମାମଲାରେ ଚାର୍ଜସିଟ୍ ଦାଖଲ କଲା ଏନଆଇଏ

**ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):**ପହଲଗାମ ଆତଙ୍କବାଦୀ ଆକ୍ରମଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ସୋମବାର ଚାର୍ଜସିଟ୍ ଦାଖଲ କରିଛି । ଜମ୍ମୁର ଏକ ସ୍ୱତନ୍ତ୍ର ଏନଆଇଏ କୋର୍ଟରେ ଏହି ଚାର୍ଜସିଟ୍ ଦାଖଲ କରାଯାଇଛି । ଏଥିରେ ଲସ୍କର-ଏ-ତୈବା ଆତଙ୍କବାଦୀ ସାଜିଦ ଜଟଙ୍କୁ ଆକ୍ରମଣର ମାଷ୍ଟରମାଇଣ୍ଡ ବୋଲି ନାମ ଦିଆଯାଇଛି । ଏନଆଇଏ ସାଜିଦ ପାଇଁ ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛି । ଏହି ଚାର୍ଜସିଟରେ କୁହାଯାଇଛି ଯେ ପହଲଗାମ ଅଞ୍ଚଳର ଦୁଇ ବାସିନ୍ଦା, ବଶିର ଅହମ୍ମଦ ଜୋଥାର ଏବଂ ପରଭେଜ ଅହମ୍ମଦ ଜୋଥାରଙ୍କୁ ୨୨ ଜୁନ୍ ୨୦୨୫ ରେ ଗିରଫ କରାଯାଇଥିଲା । ଗିରଫ ଦୁଇଜଣଙ୍କ ଉପରେ ଆକ୍ରମଣ ଘଟାଇଥିବା ତିନି ଜଣ ପାକିସ୍ତାନୀ ଆତଙ୍କବାଦୀ, ସୁଲେମାନ ଶାହ, ହମଜା ଆଫଗାନି ଓରଫ ଆଫଗାନି ଏବଂ ଜିବ୍ରାନଙ୍କୁ ଆଶ୍ରୟ ଏବଂ ଲଜିଷ୍ଟିକ୍ ସମର୍ଥନ ଯୋଗାଇବା ଅଭିଯୋଗ ରହିଛି । ଚାର୍ଜସିଟ୍ ଦାଖଲ ପାଇଁ ୧୮୦ ଦିନର ସମୟ ସୀମା ଡିସେମ୍ବର ୧୮ ରେ ଶେଷ ହେଉଥିଲା ଏବଂ ଏଜେନ୍ସି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଡିସେମ୍ବର ୧୫ ରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି । କୋର୍ଟ ଦେଇଥିବା ପ୍ରାରମ୍ଭିକ ୯୦ ଦିନର ସମୟ ସୀମା ବ୍ୟତୀତ ତଦନ୍ତ ସମାପ୍ତ କରିବା ପାଇଁ ଏନଆଇଏ ଅତିରିକ୍ତ ୪୫ ଦିନ ଅନୁରୋଧ କରିଥିଲା । ଏହି ଆକ୍ରମଣ ଘଟାଇବାରେ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା ସହିତ ଜଡିତ ପାକିସ୍ତାନଭିତ୍ତିକ ଆତଙ୍କବାଦୀଙ୍କ ସମ୍ପୃକ୍ତି ପୂର୍ବରୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସଂସଦରେ ନିଶ୍ଚିତ କରିଥିଲେ ।

# କେରଳରେ ବିଜେପିର ପ୍ରଥମ ମେୟର ହୋଇପାରନ୍ତି ଶ୍ରୀଲେଖା

**ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):**କେରଳର ପୌର ନିର୍ବାଚନରେ ଏନଡିଏକୁ ବଡ଼ ସଫଳତା ମିଳିଛି । ଏହି ମେଣ୍ଟ ତିରୁଅନନ୍ତପୁରମ ନଗରନିଗମ ନିର୍ବାଚନରେ ୧୦୧ ୱାର୍ଡରୁ ୫୦ ୱାର୍ଡ ହାସଲ କରିଛି । ସେହିପରି ମେୟର ପଦ ପାଇଁ ୬ ଆସନରେ ଭୋଟିଂ ହୋଇଥିବାବେଳେ ବିଜେପି ଗୋଟିଏରେ ଜିତିଛି । ବିଜେପି ତରଫରୁ ନିର୍ବାଚନ ଲଢ଼ିଥିବା ପୂର୍ବତନ ଅଇପିଏସ୍ ଅଧିକାରୀ ଅର୍. ଶ୍ରୀଲେଖା ସସ୍ଥମଙ୍ଗଲମ ଡିଭିଜନ୍ରେ ବଡ଼ ଭୋଟ୍ ପ୍ରାର୍ଥକ୍ୟରେ ଜିତିଛନ୍ତି । ତେଣୁ ଶ୍ରୀଲେଖାଙ୍କୁ ବିଜେପି ମେୟର କରିପାରେ ବୋଲି ଚର୍ଚ୍ଚା ହେଉଛି । ଏପରି ହେଲେ ସେ କେରଳରେ ପ୍ରଥମ ଥର ପାଇଁ ବିଜେପିର ପ୍ରଥମ ମେୟର ହେବେ । ତିରୁଅନନ୍ତପୁରମରେ ଜନ୍ମିତ ଶ୍ରୀଲେଖା ୧୯୮୭ରେ କେରଳର ପ୍ରଥମ ଆଇପିଏସ୍ ଅଧିକାରୀ ବନିଥିଲେ । ୩ ଦଶନ୍ଧିରୁ ଉର୍ଦ୍ଧ୍ୱ ତାଙ୍କ କ୍ୟାରିୟରରେ ସେ ସିବିଆଇ, କେରଳ କ୍ରାଇମ ବ୍ରାଞ୍ଚ, ଭିଜିଲାନ୍ସ, ଫାୟାର ଫୋର୍ସ, ମୋଟର ବାହନ ବିଭାଗ ଏବଂ ଜେଲ୍ ବିଭାଗ ସମେତ ପ୍ରମୁଖ ଏଜେନ୍ସିଗୁଡ଼ିକ ସହ କାମ କରିଛନ୍ତି । ୨୦୧୭ରେ ତାଙ୍କୁ ପୁଲିସ ମହାନିର୍ଦ୍ଦେଶକ (ଡିଜିପି)ପଦକୁ ପଦୋନ୍ନତି ହୋଇଥିଲା । ସେ କେରଳରେ ଏହି ର୍ୟାଙ୍କ ହାସଲ କରିବାରେ ପ୍ରଥମ ମହିଳା ହୋଇଥିଲେ । ୩୩ ବର୍ଷ ସର୍ଭିସ୍ ପରେ ୨୦୨୦ ଡିସେମ୍ବରରେ ସେ ଅବସର ନେଇଥିଲେ । ଶ୍ରୀଲେଖା ମେୟର ହେଲେ ସେ ତିରୁଅନନ୍ତପୁରମର ପ୍ରତିନିଧିତ୍ୱ କରିବେ, ଯାହାକୁ କଂଗ୍ରେସ ସାଂସଦ ଶଶି ଥରୁରଙ୍କ ଗଡ଼ କୁହାଯାଏ ।



# ୟୁପିଏସସି ଏନ୍‌ଡିଏ-୧ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

**ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):** ଭାରତୀୟ ସେନା, ନୌସେନା ଏବଂ ବାୟୁସେନାରେ ଅଧିକାରୀ ହୋଇ ଦେଶ ସେବା କରିବାର ସ୍ୱପ୍ନ ଦେଖୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଖୁସି ଖବର । ୟୁନିଅନ ପବ୍ଲିକ୍ ସର୍ଭିସ୍ କମିଶନ (ୟୁପିଏସସି) ନ୍ୟାସନାଲ ଡିଫେନ୍ସ ଏକାଡେମୀ ଏବଂ ନୌସେନା ଏକାଡେମୀ ପରୀକ୍ଷା (ଏନଡିଏ ଏବଂ ଏନଏ) ଆଇ ୨୦୨୬ ପାଇଁ ବିଜ୍ଞପ୍ତି ପ୍ରକାଶ କରିଛି । ଏନଡିଏର ସେନା ଉଇଙ୍ଗରେ ଆବେଦନ କରିବା ପାଇଁ ଇଚ୍ଛୁକ ଥିବା ପ୍ରାର୍ଥୀମାନେ ଏକ ସ୍ୱୀକୃତିପ୍ରାପ୍ତ ବୋର୍ଡରୁ ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ । ଏନଡିଏର ନୌସେନା ଏବଂ ବାୟୁସେନା ଉଇଙ୍ଗ ପାଇଁ ଆବେଦନ କରିବାକୁ ଯାଉଥିବା ପ୍ରାର୍ଥୀମାନଙ୍କର ଦ୍ୱାଦଶ ଶ୍ରେଣୀରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଏବଂ ଗଣିତ ବିଷୟ ରହିଥିବା ଆବଶ୍ୟକ । ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରମାନେ ମଧ୍ୟ ଏହି ପରୀକ୍ଷା ପାଇଁ ଆବେଦନ କରିପାରିବେ । କିନ୍ତୁ ସେମାନଙ୍କୁ ୨୦୨୬ ଡିସେମ୍ବର ୧୦ ପୂର୍ବରୁ ଦ୍ୱାଦଶ ଶ୍ରେଣୀ ପାସ୍ କରିବାର ପ୍ରମାଣ ଦେବାକୁ ପଡିବ । ଯଦି ସେମାନେ ଏଥିରେ ବିଫଳ ହୁଅନ୍ତି, ତେବେ ଚୟନ ବାତିଲ ବୋଲି ବିବେଚନା କରାଯିବ । ଚଳିତ ଥର ଏନଡିଏର ସେନା ୱିଙ୍ଗ ପାଇଁ ମୋଟ ୨୦୮ଟି ପଦବୀ ଘୋଷଣା କରାଯାଇଛି । ଯେଉଁଥିରୁ ୧୯୮ ପୁରୁଷ ଏବଂ ୧୦ଟି ମହିଳାଙ୍କ ପାଇଁ ସଂରକ୍ଷିତ । ନୌସେନା ୱିଙ୍ଗରେ ଖାଲିଥିବା ୩୭ ପଦବୀ ପାଇଁ ପୁରୁଷ ଏବଂ ୫ଟିରେ ମହିଳା ପ୍ରାର୍ଥୀଙ୍କୁ ଚୟନ କରାଯିବ । ସେହିପରି ବାୟୁସେନାର ଫ୍ଲାଇଂ ବ୍ରାଞ୍ଚ ପାଇଁ ଥିବା ୯୦ଟି ପଦବୀରେ ପୁରୁଷ ଏବଂ ୨ଟିରେ ମହିଳା ପ୍ରାର୍ଥୀ ହେବେ ଚୟନ । ବାୟୁସେନାର ଗ୍ରାଉଣ୍ଡ ଡ୍ୟୁଟି ଟେକ୍ନିକାଲ୍ ପାଇଁ ୧୮ଟି ପଦବୀ ଏବଂ ଅଣ-ଟେକ୍ନିକାଲ୍ ପାଇଁ ୧୦ଟି ପଦବୀ ସଂରକ୍ଷିତ ରଖାଯାଇଛି । ନୌସେନା ଏକାଡେମୀର ଦ୍ୱାଦଶ କ୍ୟାଡେଟ୍ ପ୍ରବେଶ ଯୋଜନା ପାଇଁ ମୋଟ ୨୧ଟି ପଦବୀ ସଂରକ୍ଷିତ ରଖାଯାଇଛି, ଯେଉଁଥିରେ ୨୧ଜଣ ପୁରୁଷ ଏବଂ ୩ ଜଣ ମହିଳା ପ୍ରାର୍ଥୀ ଅନ୍ତର୍ଭୁକ୍ତ ରହିବ । ଏନଡିଏ ପରୀକ୍ଷା ପାଇଁ ଜେନେରାଲ ଏବଂ ଓବିସି ବର୍ଗର ପୁରୁଷ ପ୍ରାର୍ଥୀମାନଙ୍କୁ ୧୦୦ଟଙ୍କା ଦେବାକୁ ପଡିବ । ଏସସି, ଏସଟିର ସମସ୍ତ ମହିଳା ପ୍ରାର୍ଥୀ ଏବଂ ଜେସିଓ/ଏନସିଓ/ଓଆରଙ୍କ ଉପରେ ନିର୍ଭରଶୀଳମାନଙ୍କୁ କୌଣସି ଫି ଦେବାକୁ ପଡିବ ନାହିଁ । ଏହି ବର୍ଗର ପ୍ରାର୍ଥୀମାନେ ମାଗଣାରେ ଫର୍ମ ପୂରଣ କରିପାରିବେ । ଏନଡିଏ କ୍ୟାଡେଟମାନଙ୍କୁ ସେମାନଙ୍କ ତାଲିମ ସମୟରେ ପ୍ରତି ମାସରେ ୫୬,୧୦୦ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ଲେଫ୍ଟନାଣ୍ଟ, ଫ୍ଲାଇଂ ଅଫିସର କିମ୍ବା ସବ୍-ଲେଫନାଣ୍ଟ ପଦବୀରେ ନିଯୁକ୍ତି ପରେ ମଧ୍ୟ ଏହି ସମାନ ଦରମା ପ୍ରଦାନ କରାଯାଏ । ଏହା ସହିତ ସମସ୍ତ ଅଧିକାରୀଙ୍କୁ ପ୍ରତି ମାସରେ ୧୫,୫୦୦ଟଙ୍କା ସାମରିକ ସେବା ଦରମା ପ୍ରଦାନ କରାଯିବ । ସେନା ଅଧିକାରୀମାନେ ମହଙ୍ଗା ଭତ୍ତା, ୟୁନିଫର୍ମ ଭତ୍ତା, ପରିବହନ ଭତ୍ତା, ଫିଲ୍ଡ ଭତ୍ତା ଭଳି ଅନେକ ସୁବିଧା ମଧ୍ୟ ପାଇପାରିବେ ।

# ଧନୀମାନେ ପ୍ରଦୂଷଣ ସୃଷ୍ଟି କରନ୍ତି, ଗରିବ ପ୍ରଭାବିତ ହୁଅନ୍ତି

**ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):** ଦିଲ୍ଲୀ ଏନ୍ସିଆରରେ ବିପଦଜନକ ସ୍ତରରେ ବଢିବାରେ ଲାଗିଛି ବାୟୁ ପ୍ରଦୂଷଣ । ବିଷାକ୍ତ ବାୟୁକୁ ନେଇ ନେଇ ଚିନ୍ତା ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି । ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଦେଇଛନ୍ତି କଡ଼ା ଟିପ୍ପଣୀ ।ସେ କହିଛନ୍ତି ଧନୀ ଲୋକମାନେ ପ୍ରଦୂଷଣ ସୃଷ୍ଟି କରନ୍ତି, କିନ୍ତୁ ଗରିବମାନେ ଏହା ଦ୍ୱାରା ଅଧିକ ପ୍ରଭାବିତ ହୋଇଥାନ୍ତି ।'ସୋମବାର ସୁପ୍ରିମକୋର୍ଟ କହିଛନ୍ତି, ଦିଲ୍ଲୀ ପ୍ରଦୂଷଣ ସମ୍ପର୍କିତ ଆବେଦନ ଉପରେ ଆସନ୍ତା ୧୭ରେ ଶୁଣାଣି କରାଯିବ । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ନ୍ୟାୟମୂର୍ତ୍ତି ଜୟମାଲ୍ୟ ବାଗଚୀ ଓ ନ୍ୟାୟମୂର୍ତ୍ତୀ ବିପୁଲ ଏମ୍ ପାମଚୋଲିଙ୍କ ଖଣ୍ଡପୀଠ ବରିଷ୍ଠ ଆଇନଜୀବୀ ଅପରାଜିତା ସିଂହଙ୍କ ଆବେଦନ ଉପରେ ଶୁଣାଣି କରିଥିଲେ । ଯିଏକି ଆମିକସ୍ କ୍ୟୁରୀ (ନ୍ୟାୟ ମିତ୍ର) ରୂପରେ କୋର୍ଟଙ୍କ ସହାୟତା କରୁଛନ୍ତି । ଶୁଣାଣି ବେଳେ କୋର୍ଟରେ ଅପରାଜିତା ସିଂହ କହିଥିଲେ, ଯେଉଁ ପର୍ଯ୍ୟନ୍ତ କୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇ ନାହାନ୍ତି, ସେ ଯାଏଁ ରାଜ୍ୟ ସରକାର ପ୍ରଦୂଷଣ ମୁକାବିଲା ପାଇଁ ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାଁନ୍ତି । ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପ୍ରୋଟୋକଲ୍ ମଧ୍ୟ ରହିଛି, କିନ୍ତୁ ଏହାର ପାଳନ ହେଉଛି ।

# ପ୍ରିୟଙ୍କାଙ୍କୁ ଭେଟିଲେ ପିକେ

**ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପ୍ରଦର୍ଶନ ଏବଂ ପ୍ରଶାନ୍ତ କିଶୋରଙ୍କ ନୂଆ ଦଳ ଜନ ସୂରାଜ ପାର୍ଟି ଗୋଟିଏ ବି ସିଟ୍ ନ ଜିତିବା ପରେ ଏବେ ସାମ୍ନାକୁ ଆସିଛି ବଡ଼ ଖବର । ମିଳିଥିବା ସୂଚନା ଅନୁସାରେ କିଛି ଦିନ ତଳେ ନୂଆଦିଲ୍ଲୀରେ ପ୍ରଶାନ୍ତ କିଶୋର ଏବଂ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ପରସ୍ପରକୁ ଭେଟିଛନ୍ତି, ଆଉ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଛନ୍ତି ।ପ୍ରଶାନ୍ତ କିଶୋର ଏବଂ ପ୍ରିୟଙ୍କା ଗାନ୍ଧୀଙ୍କ ଏହି ଭେଟଘାଟ ପରେ ଏବେ ଚର୍ଚ୍ଚା ହେଉଛି, ପୁଣିଥରେ କଣ କଂଗ୍ରେସ ସହ ନଜର ଆସିବେ ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋର ? ନା ଏହା କେବଳ ଏକ ସୌଜନ୍ୟମୂଳକ ସାକ୍ଷାତକାର ଥିଲା ? ମିଳିଥିବା ସୂଚନା ଅନୁସାରେ, ଦୁଇ ନେତାଙ୍କ ଭିତରେ ହୋଇଥିବା ସାକ୍ଷାତକାର ସମୟରେ ଏହି ମିଟିଂରେ ଭୋଟ୍ କାଟିବା ପ୍ରସଙ୍ଗ ଉଠିଥିଲା । ପ୍ରଶାନ୍ତ କିଶୋରଙ୍କ ସହ ପ୍ରିୟଙ୍କା ଗାନ୍ଧୀ ଉଭୟ ଏହି ପ୍ରସଙ୍ଗ ଉଠାଇଥିଲେ । ଅନ୍ୟପଟେ ପ୍ରିୟଙ୍କା ଗାନ୍ଧୀ ଏହି ପ୍ରସଙ୍ଗରେ ନୀରବତା ବଜାୟ ରଖିବା ସହିତ ଏହି ସାକ୍ଷାତକାରକୁ ଅସ୍ୱୀକାର କରୁଛନ୍ତି ।ଜଣାଇରଖିବା ଉଚିତ ଯେ, ବିହାର ବିଧାନସଭା ନିର୍ବାଚନର ପ୍ରାୟ ଗୋଟିଏ ମାସ ପରେ ପ୍ରଶାନ୍ତ କିଶୋର ପ୍ରିୟଙ୍କା ଗାନ୍ଧୀଙ୍କୁ ଭେଟିଛନ୍ତି । ତେବେ ରାଜନୈତିକ ରଣନୀତିକାର ଭାବେ ପରିଚିତ ପ୍ରଶାନ୍ତ କିଶୋର ଏଥର ନିଜର ପାର୍ଟି ଜନ ସୂରାଜ ପାର୍ଟିକୁ ନେଇ ବିହାର ବିଧାନସଭା ନିର୍ବାଚନ ଲଢ଼ିଥିଲେ । ହେଲେ ତାଙ୍କ ଦଳ କିନ୍ତୁ ନିର୍ବାଚନରେ ଗୋଟିଏ ବି ସିଟ୍ ଜିତିପାରିନଥିଲା ।



# ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ପରିଚାଳନା ଓ ଯୋଗାଣ ଶୃଙ୍ଖଳ ପରିଚାଳନା ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର, ୧୫।୧୨ (ନି.ପ୍ର) :** ଭାରତର ଅନ୍ୟତମ ଅଗ୍ରଣୀ ମ୍ୟାନେଜମେଂଟ୍ ପ୍ରତିଷ୍ଠାନ ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ପ୍ରଡକ୍ସନ୍ ଆଣ୍ଡ୍ ଅପରେସନ୍ସ ମ୍ୟାନେଜମେଂଟ୍ ସୋସାଇଟି (ପିଓଏମ୍ଏସ୍) ଭାରତ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ କରାଯାଇଛି। ପିଓଏମ୍ଏସ୍ ଇଣ୍ଡିଆ ଚାପ୍ଟର ସହଯୋଗିତାରେ ଆୟୋଜନ କରାଯାଇଥିବା ଏହି ସମ୍ମିଳନୀରେ ବିଶ୍ୱର ଅଗ୍ରଣୀ ପ୍ରତିଭା, ଶିଳ୍ପ ଲିଡର୍ ଓ ଶିକ୍ଷାବିତ୍ମାନେ ଅଂଶଗ୍ରହଣ କରିଥିଲେ। ପିଓଏମ୍ଏସ୍ ହେଉଛି ଏକ ଅନ୍ତର୍ଜାତୀୟ ପେସାଦାର ସଂସ୍ଥା ଯେଉଁଥିରେ ସାରା ବିଶ୍ୱର ଅପରେସନ୍ସ (ପରିଚାଳନା) ଓ ଯୋଗାଣ ଶୃଙ୍ଖଳ ପରିଚାଳନା ପେସାଦାରମାନେ ରହିଛନ୍ତି। ଭୂରାଜନୈତିକ ସଙ୍କଟ, ମହାମାରୀ ଓ ପ୍ରଯୁକ୍ତିରେ ଦ୍ରୁତ ପରିବର୍ତନ କିଭଳି ଯୋଗାଣ ଶୃଙ୍ଖଳକୁ ନୂଆ ଆକାର ପ୍ରଦାନ କରି ତାହାକୁ ସ୍ଥାୟୀ, ଡିଜିଟାଲ ସମନ୍ୱିତ ଓ ସ୍ଥିର କରୁଛି ତାହା ଉପରେ ଆଲୋକପାତ କରାଯାଇଥିଲା।

କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ମୁଖ୍ୟ ଅତିଥି ଶ୍ରୀ ଶଶି ଶେଖର ମହାନ୍ତି, ନ୍ୟାସନାଲ ଏଜୁକେସନ ଟେକ୍ନୋଲୋଜି ଫୋରମ (ଏନଇଏଫଟି)ର ଅଧ୍ୟକ୍ଷ ଡକ୍ଟର ଅନିଲ ସହସ୍ରବୁଦ୍ଧେ, ପିଓଏମଏସର ସଭାପତି ପ୍ରଫେସର ଶୋଭା କୁମାର, ପିଓଏମଏସ ଭାରତ ଚାପ୍ଟରର ସଭାପତି ପ୍ରଫେସର ସଂଜୀବ ଏ ଜର୍ଜ, ଇଣ୍ଡିଆନ ସ୍କୁଲ ଅଫ ବିଜନେସ୍ର (ଆଇବିଏସ୍)ର କାର୍ଯ୍ୟନିର୍ବାହୀ ନିର୍ଦେଶକ ଓ ପ୍ରାକ୍ଟିସ ପ୍ରଫେସର ପ୍ରଫେସର ଚନ୍ଦନ ଚୌଧୁରୀ, ପିଓଏମଏସର ସହକାରୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ନାଗେଶ ମୂର୍ତି, ସମ୍ମିଳନୀର ଅଧ୍ୟକ୍ଷ ପ୍ରଫେସର କୌସ୍ତୁଭ ଚକ୍ରବର୍ତୀ ଓ ସମ୍ମିଳନୀର ସହ ଅଧ୍ୟକ୍ଷ ଆଇଆଇଏମ ସମ୍ବଲପୁରର ପ୍ରଫେସର ସନ୍ଦୀପ ମୁଖୋପାଧ୍ୟାୟ ଉପସ୍ଥିତ ଥିଲେ।

ସମ୍ମିଳନୀରେ ମିଚିଗାନ ବିଶ୍ୱବିଦ୍ୟାଳୟ, ସେଲର କଲେଜ ଅଫ ବିଜନେସ, ପାମଲିନ କଲେଜ ଅଫ ବିଜନେସ, ଫକ୍ସ ସ୍କୁଲ ଅଫ ବିଜନେସ, ଆଇଆଇଟି ବମ୍ବେ, ଆଇଆଇଏମ ଅହମଦାବାଦ, ଆଇଆଇଏମ କୋଜିକୋଡ ଓ ଇଣ୍ଡିଆନ ସ୍କୁଲ ଅଫ ବିଜନେସରୁ ବିଶିଷ୍ଟ ବକ୍ତାମାନେ ଯୋଗଦେଇଥିଲେ। ଏଥି ସହିତ ମିଟ୍ ୱାର୍ଲ ପିଜ୍ ୟୁନିଭର୍ସିଟି, ରୟାଲ ହୋଲୋୱେ ୟୁନିଭର୍ସିଟି ଅଫ ଲଣ୍ଡନ, ଶଶକାଚେୱାନ ୟୁନିଭର୍ସିଟି, ୟୁନିଭର୍ସିଟି ଅଫ ଲିଭରପୁଲ, ଆଇଆଇଟି ବମ୍ବେ, ଆଇଆଇଟି ଦିଲ୍ଲୀ, ଆଇଆଇଟି ମାଡ୍ରାସ, ଆଇଆଇଟି କାନପୁର, ଆଇଆଇଟି ଖଡ଼ଗପୁର, ଆଇଆଇଟି ଧାନବାଦ, ଆଇଆଇଏମ ବାଙ୍ଗାଲୋର, ଆଇଆଇଏମ ଅହମଦାବାଦ, ଆଇଆଇଏମ କୋଲକାତା, ଆଇଆଇଏମ ଲକ୍ଷ୍ନୌ, ଆଇଆଇଏମ କୋଜିକୋଡ, ଆଇଆଇଏମ ସମ୍ବଲପୁର, ଆଇଆଇଏମ ରାଂଚି, ଆଇଆଇଏମ ବିଶାଖାପାଟଣା, ଆଇଆଇଏମ ଉଦୟପୁର, ଏନଆଇଟି ପାଟନାର ୫୦୦ରୁ ଅଧିକ ଛାତ୍ରଛାତ୍ରୀ, ଗବେଷକ, ଶିକ୍ଷାବିତ୍ ଓ ଶିଳ୍ପ ଲିଡର ଅଂଶଗ୍ରହଣ କରିଥିଲେ।

ଆଇଆଇଏମ ସମ୍ବଲପୁରର ନିର୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି ଯେ, 'ବିଶ୍ୱରେ ବିଭ୍ରାଟ ନିଶ୍ଚିତ, ତାହା କେବଳ ବ୍ୟବସାୟ ନୁହେଁ, ଭବିଷ୍ୟତର ଲିଡରଙ୍କୁ ପ୍ରଶିକ୍ଷଣ ଦେଉଥିବା ଅନୁଷ୍ଠାନକୁ ମଧ୍ୟ ପ୍ରଭାବିତ କରିଥାଏ। ଡିଜିଟାଇଜେସନ, ଡିକାର୍ବନାଇଜେସନ ଓ ଡୋକ୍ରାବନାଇଜେସନ ପରିଚାଳନାକୁ ବଦଳାଉଛି ଏବଂ ଭବିଷ୍ୟତର ପ୍ରବନ୍ଧକମାନେ ନୂଆ ପ୍ରଯୁକ୍ତିକୁ ଶିଖିବା, ସ୍ଥାୟିତ୍ୱ ଏବଂ ଅନ୍ତର୍ଭୁକ୍ତୀକରଣ ବ୍ୟବସାୟ ରଣନୀତିକୁ ଗ୍ରହଣ କରିବା ଜରୁରୀ। ଗ୍ଲୋବାଲ କାପାବିଲିଟି ସେଂଟରର ହବ୍ ଭାବେ ଭାରତ ଉଭା ହେଉଛି, ବିଶ୍ୱର ୫୩% ଜିସିସି ଭାରତରେ ରହିଛି ଯାହା ଏହାକୁ ସେବା ପାଇଁ ବିଶ୍ୱ ଡିଜିଟାଲ ଯୋଗାଣ ଶୃଙ୍ଖଳର ଗୁରୁତ୍ୱପୂର୍ଣ୍ଣ ଅଂଶରେ ପରିଣତ କରିଛି।''

ମୁଖ୍ୟ ଅତିଥି ଶଶି ଶେଖର ମହାନ୍ତି ଆଜିର ହାଇପର କନେକ୍ଟେଡ ଯୋଗାଣ ଶୃଙ୍ଖଳର ଭଙ୍ଗୁରତା ଉପରେ ଆଲୋକପାତ କରିଥିଲେ। ଆଜିର ଯୋଗାଣ ଶୃଙ୍ଖଳ ପରସ୍ପର ସହ ଗଭୀର ଭାବେ ଜଡ଼ିତ ଏବଂ ଏଭଳିକି ଲଜିଷ୍ଟିକ୍ସ କିମ୍ବା ଉପକରଣରେ ଛୋଟିଆ ବିଭ୍ରାଟ ପରିଚାଳନାକୁ ପ୍ରଭାବିତ କରିପାରେ। ଏହି ଜଟିଳ ଓ ଦ୍ରୁତ ଗତିରେ ବଦଳୁଥିବା ଦୁନିଆର ପ୍ରବନ୍ଧକମାନେ ପରିଚାଳନା, ଶକ୍ତି, ଯୋଗାଣ ଶୃଙ୍ଖଳ ଓ ଡିଜିଟାଲ ବ୍ୟବସ୍ଥାକୁ ନିଶ୍ଚିତ ବୁଝିବା ଦରକାର।''

ନ୍ୟାସନାଲ ଏଜୁକେସନ ଟେକ୍ନୋଲୋଜି ଫୋରମ (ଏନଇଏଫଟି)ର ଅଧ୍ୟକ୍ଷ ଡକ୍ଟର ଅନିଲ ସହସ୍ରବୁଦ୍ଧେ କହିଛନ୍ତି ଯେ, 'ଭାରତର ଭିତିଭୂମି ଓ ଡିଜିଟାଲ ଅଭିଯାନ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରୁଛି ଯାହା କୋଭିଡ ସମୟରେ ଶିକ୍ଷା ଜାରି ରହିଥିଲା ଏବଂ ଡିଜିଟାଲ କାରବାର ଓ ପରିଚାଳନା ନବସୃଜନକରେ ଦେଶକୁ ଅଗ୍ରଣୀ ଭାବେ ଉପସ୍ଥାପିତ କରିଥିଲା।

ପିଓଏମଏସ ଇଣ୍ଡିଆ ଚାପ୍ଟରର ସଭାପତି ପ୍ରଫେସର ସଂଜୀବ ଏ ଜର୍ଜ କହିଛନ୍ତି ଯେ, 'ଭୂରାଜନୈତିକ, ଜଳବାୟୁ ପରବର୍ତନ ଓ ଦ୍ରୁତ ଗତିରେ ବଦଳଥିବା ପ୍ରଯୁକ୍ତି ବିଶ୍ୱ ଯୋଗାଣ ଶୃଙ୍ଖଳରେ ପରିବର୍ତନ ଆଣିଛି। ଆମର ଗୁରୁତ୍ୱ ବ୍ୟୟ ଓ ଦକ୍ଷତାଠାରୁ ଆଗକୁ ବଢ଼ି ନେଟ-ଜିରୋଟିଭି, ସ୍ଥାୟୀ ଏବଂ ସ୍ଥିର ଭବିଷ୍ୟତ ଉପରେ ରହିବା ଦରକାର ଯାହା ସାମାଜିକ, ଅର୍ଥନୈତିକ ଓ ପରିବେଶ ଦୃଷ୍ଟିକୋଣକୁ ସମନ୍ୱିତ କରୁଛି।''




# ଜାତୀୟ ସ୍ତରୀୟ ବ୍ୟାଣ୍ଡ ଚମ୍ପିଅନସିପ୍‌ରେ ଓଡ଼ିଶାର ଟିମ୍ ବିଜୟୀ




**ଭୁବନେଶ୍ୱର, ୧୫।୧୨ (ନି.ପ୍ର):** ପୁଣେଠାରେ 'ଦ ଟୋରିନ୍ସ ଇଣ୍ଡିଆ' ଦ୍ୱାରା ଆୟୋଜିତ ଜାତୀୟ ସ୍ତରୀୟ ବିଦ୍ୟାଳୟ ବ୍ୟାଣ୍ଡ ପ୍ରତିଯୋଗିତାରେ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ମଦର୍ସ ପବ୍ଲିକ ସ୍କୁଲର ବ୍ୟାଣ୍ଡଗ୍ରୁପ 'ଦ ଟାଇରାଣ୍ଟସ୍' ଚମ୍ପିଅନ୍ ଟ୍ରଫି ଜିଣି ଇତିହାସ ସୃଷ୍ଟି କରିଛନ୍ତି। ଗତ ୭ ତାରିଖରେ ଆୟୋଜିତ ଏହି ବ୍ୟାଣ୍ଡ ପ୍ରତିଯୋଗିତାରେ ସମଗ୍ର ଦେଶରୁ ପ୍ରାୟ ୧୨ଟି ବିଦ୍ୟାଳୟ ସହିତ ପ୍ରତିଯୋଗିତା କରି ମଦର୍ସ ପବ୍ଲିକ ସ୍କୁଲର 'ଦ ଟାଇରାଣ୍ଟସ୍' ବିଜୟୀ ହୋଇଥିଲା। ଏହାପୂର୍ବରୁ ନଭେମ୍ବର ମାସରେ କୋଲକାତାଠାରେ ଆୟୋଜିତ ପୂର୍ବଜୋନ ଚମ୍ପିଅନସିପ୍ ହାସଲ କରିବା ପରେ 'ଦ ଟାଇରାଣ୍ଟସ୍' ଜାତୀୟ ସ୍ତର ଇଭେଣ୍ଟ ପାଇଁ ଯୋଗ୍ୟତା ହାସଲ କରିଥିଲା। ଗ୍ରୁପର ଏହି ଉଲ୍ଲାସମୟ ବିଜୟ ସହିତ ଆନ୍ୟା ବ୍ରହ୍ମାଙ୍କୁ ଶ୍ରେଷ୍ଠ ଡ୍ରମର ପୁରସ୍କାରରେ ସମ୍ମାନିତ କରାଯାଇଥିବା ବେଳେ ଆହରଭ ବ୍ରହ୍ମାଙ୍କୁ ଶ୍ରେଷ୍ଠ ବଂଶୀବାଦକ ପୁରସ୍କାରରେ ସମ୍ମାନିତ ହୋଇଥିଲେ।

# ସେଲ୍‌ରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ



**ରାଉରକେଲା, ୧୫।୧୨ (ନି.ପ୍ର):** ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଡିସେମ୍ବର ୧୪ ତାରିଖରେ ଅବଶିଷ୍ଟ ଦେଶବାସୀଙ୍କ ସହ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନରେ ସାମିଲ ହୋଇଛି। ଏହି ଦିବସ ପାଳନ ଉପଲକ୍ଷେ ଶକ୍ତି ପରିଚାଳନା ବିଭାଗ (ଇ ଏମ ଡି) ଦ୍ୱାରା ବିଭାଗୀୟ ସମ୍ମିଳନୀ କକ୍ଷରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇ ଏମ ଡି ବିଭାଗ ର ସିଜିଏମ ଶ୍ରୀ ପି.ଏସ୍. କାନ୍ନନ ଅଧ୍ୟକ୍ଷତା କରିଥିଲେୟ ଏହି ଅବସରରେ ଇଏମଡି ବିଭାଗର ଜିଏମ ସନ୍ତୋଷ ଖାଖା, କେ.କେ. ବାର୍ଲାଙ୍କ ସମେତ ବିଭାଗର ବହୁ ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ। ଉଲ୍ଲେଖନୀୟ ଯେ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟର ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବିଇଇ) ମାର୍ଗଦର୍ଶନରେ ଶକ୍ତି ସଂରକ୍ଷଣ ଏବଂ ଶକ୍ତି ଦକ୍ଷତାର ଗୁରୁତ୍ୱପୂର୍ଣ୍ଣ ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ସାରା ଭାରତରେ ଡିସେମ୍ବର ୧୪ ତାରିଖରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ କରା ଯାଉଅଛି।

ସମାବେଶକୁ ସମ୍ବୋଧିତ କରି ଶ୍ରୀ କାନ୍ନନ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧି ସୁନିଶ୍ଚିତ କରିବାରେ ଶକ୍ତି ସଂରକ୍ଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହିତ ଅଭିନବ ତଥା ବ୍ୟବସ୍ଥିତ ପଦକ୍ଷେପ ମାଧ୍ୟମରେ ଶକ୍ତି ବ୍ୟବହାର ଓ କାର୍ବନ ଫୁଟ ପ୍ରିଣ୍ଟ ହ୍ରାସ କରିବା ପ୍ରତି ଆରଏସପିର ପ୍ରତିବଦ୍ଧତାକୁ ପୁଣିଥରେ ଦୋହରାଇ ଥିଲେ। ସେ ଏହି ଦିବସ ପାଳନ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସମୟରେ ଏକ ସଚେତନତା ଅଧିବେଶନ ମଧ୍ୟ ଆୟୋଜନ କରା ଯାଇଥିଲା, ଯେଉଁଥିରେ ଇଏମଡି ବିଭାଗର ଡିଜିଏମ ଶ୍ରୀ ବି ପି ପାଣ୍ଡେ ଶକ୍ତି ସଂରକ୍ଷଣ ଉପରେ ଏକ ବ୍ୟାପକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ।

# ଫୋନପେ ୱେଲଥ ପକ୍ଷରୁ 'ଦୈନିକ ଏସଆଇପି' ର ଶୁଭାରମ୍ଭ

**ଭୁବନେଶ୍ୱର, ୧୫।୧୨ (ନି.ପ୍ର):** ଫୋନପେ ୱେଲଥ ବ୍ରୋକିଂ ପ୍ରାଇଭେଟ ଲିମିଟେଡ (ଫୋନପେ ୱେଲଥ) ପକ୍ଷରୁ ମ୍ୟୁଚୁଆଲ ଫଣ୍ଡରେ ଏହାର ଦୈନିକ ଏସଆଇପି (ସିଷ୍ଟମେଟିକ ଇନଭେଷ୍ଟମେଂଟ ପ୍ଲାନ) ଫିଚରର ଶୁଭାରମ୍ଭ କରାଯାଇଛି। ଏହା ୟୁଜରମାନଙ୍କୁ ଫୋନପେ ଆପ ମାଧ୍ୟମରେ ପ୍ରତିଦିନ ମାତ୍ର ଟ.୧୦ ଭଳି କମ୍ ରାଶିରୁ ସିଧାସଳଖ ବିନିଯୋଗ କରିବାକୁ ସକ୍ଷମ କରିବ। ଏହା ସମ୍ଭାବ୍ୟ ବିନିଯୋଗକାରୀ ମାନଙ୍କୁ ସେମାନଙ୍କର ଦୈନିକ ସଂଚୟକୁ ଅତି ସହଜରେ ବିନିଯୋଗରେ ପରିଣତ କରିବାକୁ ସଶକ୍ତ କରିବ ଏବଂ ଅଧିକ ସଂଖ୍ୟକ ଭାରତୀୟଙ୍କୁ ସମୟକ୍ରମେ ସମ୍ପତି ବୃଦ୍ଧି କରିବାରେ ସାହାଯ୍ୟ କରିବ। ଏହି ସୁବିଧା ସେହି ବ୍ୟକ୍ତିବିଶେଷଙ୍କ ପାଇଁ ବିଶେଷ ଲାଭଦାୟକ ଅଟେ, ଯେଉଁମାନଙ୍କର ରୋଜଗାର ଏବଂ ସଂଚୟ ଦୈନିକ ହୋଇଥାଏ। ଏହି ସୁବିଧା ସେମାନଙ୍କ ପାଇଁ ମ୍ୟୁଚୁଆଲ ଫଣ୍ଡ ବିନିଯୋଗକୁ ଅତ୍ୟନ୍ତ ସହଜ ଏବଂ ସୁଲଭ କରିଥାଏ, ଏବଂ ଏହା ହିଁ ସେମାନଙ୍କର ଆର୍ଥିକ ସମ୍ପତି ଗଠନ ଦିଗରେ ପ୍ରଥମ ପଦକ୍ଷେପ।

ଏହି ଶୁଭାରମ୍ଭ ସମ୍ପର୍କରେ ଶେୟାର.ମାର୍କେଟ (ଫୋନପେ ୱେଲଥ)ର ଇନଭେଷ୍ଟମେଂଟ ପ୍ରଡକ୍ଟ ହେଡ ନୀଳେଶ ଡି. ନାୟକ କହିଛନ୍ତି, 'ଦୈନିକ ଏସଆଇପି ସହିତ, ଆମେ ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ ବିନିଯୋଗକୁ ଅଧିକ ଅଭ୍ୟାସଗତ କରୁଛୁ। ଦୈନିକ ବିନିଯୋଗ ମାଧ୍ୟମରେ, ବିନିଯୋଗକାରୀମାନେ ଟଙ୍କା-ଖର୍ଚ୍ଚ ହାରାହାରିରୁ ଉପକୃତ ହୁଅନ୍ତି, ଯାହା ସ୍ୱଳ୍ପକାଳୀନ ବଜାର ଅସ୍ଥିରତାକୁ ଦୂର କରିବାରେ ସାହାଯ୍ୟ କରେ। ପ୍ରତିଦିନ ମାତ୍ର ଟ.୧୦ ର ବିନିଯୋଗ ମଧ୍ୟ ଶୃଙ୍ଖଳିତ, ଦୀର୍ଘକାଳୀନ ବିନିଯୋଗକୁ ଉତ୍ସାହିତ କରିଥାଏ ଏବଂ ଦୀର୍ଘକାଳୀନ ସମ୍ପତି ସୃଷ୍ଟିରେ ସହାୟକ ହୋଇଥାଏ। ପ୍ରଡକ୍ଟ ସହିତ ଆମର ଲକ୍ଷ୍ୟ ହେଉଛି ବିନିଯୋଗକୁ ସରଳ କରିବା ଏବଂ ପ୍ରତ୍ୟେକ ଭାରତୀୟଙ୍କୁ ଦେଶର ଅଭିବୃଦ୍ଧି କାହାଣୀରେ ଅଂଶଗ୍ରହଣ କରିବାରେ ସାହାଯ୍ୟ କରିବା।




ଦୈନିକ ଏସଆଇପି ମୁଖ୍ୟ ଫିଚରଗୁଡ଼ିକ ମଧ୍ୟରେ ରହିଛି ପ୍ରତିଦିନ ମାତ୍ର ସର୍ବନିମ୍ନ ଟ.୧୦ ରୁ ଆରମ୍ଭ କରି ଯେକୌଣସି ୟୁଜର ନିୟମିତ ଅବଦାନ ମାଧ୍ୟମରେ ସମ୍ପତି ଗଠନ ଆରମ୍ଭ କରିପାରିବେ। ନିୟମିତ ଏବଂ ସ୍ୱୟଂଚାଳିତ ଦୈନିକ ବିନିଯୋଗ ପାଇଁ ଫୋନପେ ଆପରେ ୟୁପିଆଇ (ୟୁନିଫାଇଡ ପେମେଂଟ ଇଂଟରଫେସ) ଅଟୋପେ ମାଧ୍ୟମରେ ତୁରନ୍ତ ଏକ ଦୈନିକ ଏସଆଇପି ଆରମ୍ଭ କରିପାରିବେ। ୟୁଜରମାନେ ଇକ୍ୱିଟି ଫଣ୍ଡ, ଗୋଲ୍ଡ ଫଣ୍ଡ, ମଲ୍ଟି-ଆସେଟ ଫଣ୍ଡ ଭଳି ବିଭିନ୍ନ ଶ୍ରେଣୀରୁ ମନୋନୀତ ମ୍ୟୁଚୁଆଲ ଫଣ୍ଡ ବାଛିପାରିବେ, ଯାହା ବିଭିନ୍ନ ପ୍ରକାରର ବିନିଯୋଗ ଆବଶ୍ୟକତା ଏବଂ ରିସ୍କ ଗ୍ରହଣ କରିବାର କ୍ଷମତା ପୂରଣ କରିବା ପାଇଁ ପରିକଳ୍ପିତ ହୋଇଛି। ଫୋନପେ ଆପ ବ୍ୟବହାର କରୁଥିବା ସମ୍ଭାବ୍ୟ ବିନିଯୋଗକାରୀ ମାନେ ସେମାନଙ୍କର ସୁବିଧା ଏବଂ ବ୍ୟକ୍ତିଗତ ବିନିଯୋଗ ଲକ୍ଷ୍ୟ ଆଧାରରେ ପରିମାଣକୁ ବୃଦ୍ଧି କିମ୍ବା ହ୍ରାସ କରି ସେମାନଙ୍କର ଅବଦାନକୁ କଷ୍ଟମାଇଜ କରିବାର ବିକଳ୍ପ ପାଇଛନ୍ତି। ଯଦି କୌଣସି ବିନିଯୋଗକାରୀ ଅନୁଭବ କରନ୍ତି ଯେ ସେମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ବିନିଯୋଗ ଜାରି ରଖିପାରିବେ ନାହିଁ, ତେବେ ସେମାନେ ସହଜରେ ସେମାନଙ୍କର ଏସଆଇପି ବନ୍ଦ କରିଦେଇପାରିବେ ଏବଂ ବିନିଯୋଗ କରାଯାଇଥିବା ଅର୍ଥକୁ ବୃଦ୍ଧି ପାଇବାକୁ ଦେଇପାରିବେ।

# ସରକାରୀ ଇ-ମାର୍କେଟପ୍ଲେସ୍ ଉପରେ ଯୋଗାଯୋଗ ଅଧିବେଶନ ଆୟୋଜିତ

**ରାଉରକେଲା, ୧୫।୧୨ (ନି.ପ୍ର):** ରାଉରକେଲା ଇସ୍ପାତ କାରଖାନା (ଜଝଚ)ର ସାମଗ୍ରୀ ପରିଚାଳନା (ଏମଏମ) ବିଭାଗରେ କ୍ରେତା ଏବଂ ବିକ୍ରେତାଙ୍କ ପାଇଁ ସରକାରୀ ଇ-ମାର୍କେଟପ୍ଲେସ୍ (ଏରଗ) ଉପରେ ଏକ ଯୋଗାଯୋଗ ଅଧିବେଶନ ଡିସେମ୍ବର ୧୧ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏରଗର ପ୍ରମୁଖ ପ୍ରକ୍ରିୟା ଏବଂ କାର୍ଯ୍ୟକାରିତା ବିଷୟରେ ଅଂଶଗ୍ରହଣକାରୀଙ୍କୁ ସଚେତନ କରାଯାଇଥିଲା। ଏମଏମ ବିଭାଗର ପିଆଇଭିଡ଼ି



ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏମଏମ, ପ୍ରକଳ୍ପ ଏବଂ ସିସି (କାର୍ଯ୍ୟ) ବିଭାଗର ଅଧିକାରୀ ଏବଂ ଏମ-ଜଙ୍କସନ୍ ଏବଂ ଭେଣ୍ଡର ପ୍ରତିନିଧି ଏହିଭଳି ପ୍ରାୟ ୧୦୦ ଜଣ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ।

ଏମଏମ ପର୍ଚ୍ଚେଜ ବିଭାଗର ସିଜିଏମ ଶ୍ରୀ ଟି. ବିନୋଦ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ ଏବଂ ପୂର୍ବାହ୍ନ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ସନ୍ଧ୍ୟା ଅଧିବେଶନରେ ସିସିଡବ୍ଲୁ ବିଭାଗର ସିଜିଏମ ଶ୍ରୀ ଆଲୋକ କୁମାର ବେହେରା ଅଧ୍ୟକ୍ଷତା କରିଥିଲେୟ ଉଭୟ ଅଧିବେଶନ ଓଡ଼ିଶା ପାଇଁ ଏରଗ ପ୍ରଶିକ୍ଷକ ଶ୍ରୀ ଆନନ୍ଦ କିଶୋର ମିଶ୍ରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏମଏମ ପର୍ଚ୍ଚେଜ ବିଭାଗର ଜିଏମ ଶ୍ରୀ ଅସୀମ ଅପୂର୍ବ, ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ। ଏମଏମ ପର୍ଚ୍ଚେଜ ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଏମ୍.ସି. କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆଦାନୀ ଫାଉଣ୍ଡେସନ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର

**ଧାମରା, ୧୫।୧୨ (ନି.ପ୍ର):** ଆଦାନୀ ଧମାରା ପୋର୍ଟର ସିଏସ୍ଆର୍ ବିଭାଗ ଆଦାନୀ ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ କିଆମିରାସ୍ଥିତ ଏପିଏସ୍‌ପିଏସ୍ ଉଚ୍ଚ ବିଦ୍ୟାଳୟରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଶିବିରକୁ ମଙ୍ଗଳପୁର ପଞ୍ଚାୟତର ସରପଞ୍ଚ ପୁଷ୍ପାଳି ଲେଙ୍କା ଅନ୍ୟାନ୍ୟ ଅତିଥିମାନଙ୍କ ସହ ଉପସ୍ଥିତ ରହି ସମସ୍ତ ଶିବିର କାର୍ଯ୍ୟ ତଦାରଖ କରିଥିଲେ। ଅତିଥିମାନଙ୍କ ମଧ୍ୟରେ ଆଦାନୀ ଫାଉଣ୍ଡେସନ ଅଧିକାରୀମାନେ ତଥା ସ୍ଥାନୀୟ ଗ୍ରାମର ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଶିବିରରେ ବିଶେଷଜ୍ଞ ଡଃ ଅର୍ଜୁନ ପଣ୍ଡା (ମେଡିସିନ୍), ଡଃ ବି.ପି ସାହୁ (ମେଡିସିନ୍), ଡଃ ତାପସ ନାୟକ (ଶିଶୁରୋଗ ବିଶେଷଜ୍ଞ), ଡଃ ଶୟନ ନାୟକ (ଚର୍ମ), ଡଃ ଶାଶ୍ୱତ କୁମାର ସାମଲ (ଅର୍ଥୋପେଡିକ୍) ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ସ୍ଥାନୀୟ ମଙ୍ଗଳପୁର ଗ୍ରାମପଞ୍ଚାୟତର ପ୍ରାୟ ୩୩୨ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ନିଃଶୁଳ୍କ ଔଷଧ ବଣ୍ଟନ କରାଯାଇଥିଲା। ଏଥି ମଧ୍ୟରୁ ୧୦୪ ଜଣ ପୁରୁଷ, ୧୬୨ ମହିଳା ଏବଂ ୬୬ ଜଣ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଆଦାନୀ ଫାଉଣ୍ଡେସନର ଏହି ପଦକ୍ଷେପ ସ୍ଥାନୀୟ ଅଞ୍ଚଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁଗମତାକୁ ଉନ୍ନତ କରିବା ଦିଗରେ ପ୍ରତିବଦ୍ଧତା ଏବଂ ସମୁଦାୟର କଲ୍ୟାଣକୁ ସମର୍ଥନ କରିବା ପାଇଁ ଏହାର ନିର'ର ପ୍ରୟାସକୁ ପ୍ରମାଣିତ କରିଆସୁଅଛି।

# କାନାରା ବ୍ୟାଙ୍କ ପକ୍ଷରୁ ଜାତୀୟ-ସ୍ତରୀୟ ବ୍ୟବସାୟ କୌଶଳ ବୈଠକ

**ପୁରୀ, ୧୫।୧୨ (ନି.ପ୍ର):** କାନାରା ବ୍ୟାଙ୍କ ଦ୍ୱାରା ପବିତ୍ର କ୍ଷେତ୍ର ପୁରୀରେ ୧୨ ଡିସେମ୍ବର ଠାରୁ ୧୪ ଡିସେମ୍ବର ପର୍ଯ୍ୟନ୍ତ ଜାତୀୟ-ସ୍ତରୀୟ ବ୍ୟବସାୟ କୌଶଳ ବୈଠକ (ନ୍ୟାସନାଲ୍ ଲେଭେଲ୍ ବିଜନେସ୍ ଷ୍ଟ୍ରାଟେଜି ମିଟ୍) ଆୟୋଜିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କର ମ୍ୟାନେଜିଂ ଡିରେକ୍ଟର ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେ. ସତ୍ୟନାରାୟଣ ରାଜୁଙ୍କ ସହିତ ବ୍ୟାଙ୍କର ସମସ୍ତ ଚାରିଜଣ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ୨୫୦ ଜଣ ବରିଷ୍ଠ ଅଧିକାରୀ ଏହି ବୈଠକ ଅଂଶଗ୍ରହଣ କରିଥିଲେ।



ଏହି ଅବସରରେ ବ୍ୟାଙ୍କର ଏମ୍ଡି ଓ ସିଇଓ ସହିତ ଶୀର୍ଷ ଅଧିକାରୀମାନେ ପୁରୀ ଶ୍ରୀମନ୍ଦିରରେ ପବିତ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେୟ ବ୍ୟାଙ୍କର କର୍ପୋରେଟ୍ ସୋସିଆଲ୍ ରେସ୍ପନ୍ସିବିଲିଟି (CSR) ପଦକ୍ଷେପର ଅଂଶ ସ୍ୱରୂପ, ଏମ୍‌ଡି ଓ ସିଇଓ କେ. ସତ୍ୟନାରାୟଣ ରାଜୁ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ଏକ ବୃହ୍ ଏଲ୍ଇଡି ଡିସପ୍ଲେ ବୋର୍ଡ ଦାନ କରିଛନ୍ତି। ଏହି ଏଲ୍ଇଡି ଡିସପ୍ଲେ ମାଧ୍ୟମରେ ପୂଜା ସମୟସୂଚୀ, ଉତ୍ସବ ସମ୍ବନ୍ଧୀୟ ସୂଚନା ଓ ଭକ୍ତମାନଙ୍କ ପାଇଁ ଆବଶ୍ୟକୀୟ ତଥ୍ୟ ପ୍ରଦର୍ଶିତ ହେବ, ଯାହା ଭକ୍ତମାନଙ୍କ ସୁବିଧାରେ ଉପକୃତ ହେବୟ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଓଏସଡି ହେମନ୍ତ ପାଢୀ ,ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ବେହେରା କାନାରା ବ୍ୟାଙ୍କର ଏହି ସେବାର ପ୍ରଶଂସା କରିଥିଲେ।

ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ଶ୍ରୀ ରାଜୁ ବ୍ୟାଙ୍କ ରାଜ୍ୟର ସମସ୍ତ ୩୦ ଗୋଟି ଜିଲ୍ଲାରେ ଏହାର ଶାଖା ନେଟୱାର୍କ୍ ମାଧ୍ୟମରେ ସେବା ପ୍ରଦାନ କରି ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ନିଜକୁ ସାମିଲ କରିପାରିଛି ବୋଲି କହିଥିଲେ। ଏହି ଜାତୀୟ-ସ୍ତରୀୟ କାର୍ଯକ୍ରମ ମାଧ୍ୟମରେ କାନରା ବ୍ୟାଙ୍କ ଆଗାମୀ ବ୍ୟବସାୟ ଯୋଜନା, ସେବା ଗୁଣାତ୍ମକତା ବୃଦ୍ଧି ଏବଂ ଗ୍ରାହକ କେନ୍ଦ୍ରିକ ଦୃଷ୍ଟିକୋଣକୁ ଆହୁରି ସୁଦୃଢ଼ କରିବାର ଲକ୍ଷ୍ୟ ନିର୍ଦ୍ଧାରଣ କରିଛି।

# ଶ୍ୟାମ ମେଟାଲିକ୍ସ ପକ୍ଷରୁ ଓଡ଼ିଶାରେ ଏସଇଏଲ ଟାଇଗର ରୁଫିଂ ଶୀଟ୍ସ ରେଞ୍ଜର ଶୁଭାରମ୍ଭ

**ଗୋପାଳପୁର, ୧୫।୧୨ (ନି.ପ୍ର) :** ଭାରତର ଏକ ନେତୃତ୍ୱଶୀଳ ସଂଯୁକ୍ତ ଧାତୁ ଉତ୍ପାଦକ କମ୍ପାନୀ, ଶ୍ୟାମ୍ ମେଟାଲିକ୍ସ ଏଣ୍ଡ ଏନର୍ଜି ଲିମିଟେଡ୍ (ଏସଏମଇଏଲ) ପକ୍ଷରୁ ଏହାର ପ୍ରିମିୟମ୍ ରୁଫିଂ ରେ ଏସଇଏଲ୍ ଟାଇଗର୍ ରୁଫିଂ ଶୀଟ୍ସ ର ଶୁଭାରମ୍ଭ କରାଯାଇଛି। ଏହାର ଫ୍ଲାଗଶିପ ବ୍ରାଣ୍ଡ ଏସଇଏଲ୍ ଟାଇଗର୍ ଅନ୍ତର୍ଗତ, କମ୍ପାନୀ ଓଡ଼ିଶାର ଆହ୍ୱାନପୂର୍ଣ୍ଣ ପାଣିପାଗ ଅବସ୍ଥାନୁସାରେ ତିନୋଟି ନୂତନ ଉତ୍ପାଦ ଯଥା ଏସଇଏଲ ଟାଇଗର ରୟାଲ, ଏସଇଏଲ ଟାଇଗର ଏଲିଟ, ଏବଂ ଏସଇଏଲ ଟାଇଗର ଆଲ୍ଫାର ଶୁଭାରମ୍ଭ କରିଛି। ପ୍ରତ୍ୟେକ ଉତ୍ପାଦକୁ ଶକ୍ତି, ସ୍ଥାୟୀତ୍ୱ ଏବଂ ଷ୍ଟାଇଲର ମିଶ୍ରଣ କରି ପ୍ରସ୍ତୁତ କରାଯାଇଛି, ଯାହା ଘରମାଲିକ, ବିଲ୍ଡର ଏବଂ କଂଟ୍ରାକ୍ଟରମାନଙ୍କ ପାଇଁ ଉପଯୁକ୍ତ। ସେମାନେ ଏକ ଦୀର୍ଘସ୍ଥାୟୀ ରୁଫିଂ ସମାଧାନ ଖୋର୍ଜ ଯାହା ଯାହା ଏହି ଅଂଚଳର ଭାରୀ ବର୍ଷା ଓ ଆର୍ଦ୍ର ସମୁଦ୍ରତଟ ଜଳବାୟୁ ସହିତ ମୁକାବିଲା କରିପାରିବ।

ଏହି ଉଦଘାଟନ ଅବସରରେ ଶ୍ୟାମ ମେଟାଲିକ୍ସ ଏଣ୍ଡ ଏନର୍ଜି ଲିମିଟେଡର ସିଓ, ଶ୍ରୀ ନିର୍ମଳ ଉଦୟ କହିଛନ୍ତି, 'ଓଡ଼ିଶାରେ ବୃଦ୍ଧି ପାଇଁ ଅପାର ସମ୍ଭାବନା ଅଛି, ଏବଂ ଏହି ବଜାରରେ ଆମର ପ୍ରବେଶ ଶ୍ୟାମ୍ ମେଟାଲିକ୍ସ ର ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ମାଇଲଖଂଟକୁ ଚିହ୍ନିତ କରୁଛି। ରାଜ୍ୟ ସାରା ଦ୍ରୁତ ଶିଳ୍ପାୟନ ଏବଂ ଅନେକ ଶିଳ୍ପ ପ୍ରତିଷ୍ଠା ସହିତ, ଏହି ପଦକ୍ଷେପ ବ୍ୟବସାୟ ପାଇଁ ଦୃଢ଼




ଏବଂ ଦକ୍ଷ ଶିଳ୍ପ ଭିତିଭୂମି ବିକାଶ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। ଶ୍ୟାମ ମେଟାଲିକ୍ସର ଏସଇଏଲ ଟାଇଗର ରୁଫିଂ ରେଞ୍ଜ, ଓଡ଼ିଶାର ସବୁଠାରୁ କଠିନ ଜଳବାୟ ଜନିତ ଆହ୍ୱାନକୁ ମୁକାବିଲା କରିବା ସହିତ ଅତୁଳନୀୟ ଗୁଣବତା ଏବଂ ମୂଲ୍ୟ ପ୍ରଦାନ କରିବା ପାଇଁ ନିର୍ମାଣ କରାଯାଇଛି। ଏହି ନୂତନ ପ୍ରସ୍ତାବଗୁଡ଼ିକ ସହିତ, ଆମେ କେବଳ ଉତ୍ପାଦ ଶୁଭାରମ୍ଭ କରୁନାହୁଁ; ଆମେ ଦୃଢ଼ ଶିଳ୍ପ କମ୍ପ୍ଲେକ୍ସ ସୃଷ୍ଟିକୁ ସକ୍ଷମ କରୁଛୁ, ଦୀର୍ଘକାଳୀନ ସହଭାଗୀତା ନିର୍ମାଣ କରୁଛୁ, ଏବଂ ସ୍ଥାୟୀ, ନିର୍ଭରଯୋଗ୍ୟ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ରୁଫିଂ ସମାଧାନ ସହିତ ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଧାଣ କରୁଛୁ।

ଏହି ଶୁଭାରମ୍ଭ ପୂର୍ବ ଭାରତରେ ଶ୍ୟାମ ମେଟାଲିକ୍ସର ଗୁରୁତ୍ୱପୂର୍ଣ୍ଣ ବିସ୍ତାରକୁ ଚିହ୍ନିତ କରିଛି ଏବଂ ନବସୃଜନ, ଗୁଣବତା ଏବଂ ଗ୍ରାହକଙ୍କ ବିଶ୍ୱାସ ପ୍ରତି ଏହାର ବିଶ୍ୱସ୍ତତାକୁ ଉଲ୍ଲେଖ କରେ। ଏସଇଏଲ ଟାଇଗର ରୁଫିଂ ରେ କମ୍ପାନୀର ଉତ୍ପାଦନ ଉତ୍କର୍ଷତା ଏବଂ ଇସ୍ପାତ ଏବଂ ଧାତୁ ଶିଳ୍ପରେ ନେତୃତ୍ୱର ପ୍ରତୀକ ଭାବରେ ଠିଆ ହୋଇଛି।

ଉତ୍ପାଦ ମୁଖ୍ୟଆକର୍ଷଣ: ଏସଇଏଲ ଟାଇଗର ରୟାଲ: ସୁପର ପ୍ରିମିୟମ କଲର-କୋଟେଡ ରୁଫିଂ ଶୀଟ୍ସ, ଯାହା ସୌନ୍ଦର୍ଯ୍ୟ ଏବଂ କାର୍ଯ୍ୟକ୍ଷମତାକୁ ନୂଆ ରୂପ ଦିଏ। ଏସଇଏଲ ଟାଇଗର ଏଲିଟ: ଲୋକପ୍ରିୟ କଲର-କୋଟେଡ୍ ଶୀଟ୍ସ ଯାହା ସ୍ଥାୟୀତ୍ୱ ଏବଂ ମୂଲ୍ୟର ଉପଯୁକ୍ତ ସନ୍ତୁଳନ ପ୍ରଦାନ କରେ। ଏସଇଏଲ ଟାଇଗର ଆଲଫା : ଗ୍ୟାଲ୍ଭାଲୁମ୍ କର୍ରୁଗେଟେଡ୍ ଶୀଟ୍ସ, ଯାହା ଦୃଢ଼ ସୁରକ୍ଷା ଏବଂ ଦୀର୍ଘସ୍ଥାୟୀତା ପାଇଁ ନିର୍ମିତ।

ଏହି କାର୍ଯ୍ୟକ୍ରମରେ ପ୍ରମୁଖ ସ୍ଥପତି, ଡିଲର, ଠିକାଦାର ଏବଂ ଶିଳ୍ପ ଅଂଶୀଦାରମାନେ ଅଂଶଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମ ସାଂସ୍କୃତିକ ପ୍ରଦର୍ଶନ ସହିତ ଏହି ଅଂଚଳର ସ୍ପନ୍ଦନଶୀଳ ପରିଚୟ ସହିତ ବ୍ରାଣ୍ଡର ଦୃଢ଼ ସମ୍ପର୍କକୁ ଉଜ୍ଜ୍ୱଳ କରିଥିଲା। ଏହି ଶୁଭାରମ୍ଭ ସହିତ, ଶ୍ୟାମ ମେଟାଲିକ୍ସ ସମଗ୍ର ଭାରତରେ ଏସଇଏଲ ଟାଇଗରର ଉପସ୍ଥିତି ବିସ୍ତାର କରିବା, ନୂତନତ୍ୱ, ଉତ୍କୃଷ୍ଟ ଗୁଣବତା ଏବଂ ଗ୍ରାହକ-ପ୍ରଥମ ମୂଲ୍ୟବୋଧ ମାଧ୍ୟମରେ ଦୃଶ୍ୟମାନତା ଏବଂ ବଜାର ନେତୃତ୍ୱକୁ ଆଗେଇ ନେବା ଦିଗରେ ଏହାର ଯାତ୍ରା ଜାରି ରଖିଛି।



## କଲ୍ୟାଣ ଜୁଏଲର୍ସର ନୂଆ ସୋ'ରୁମ୍ ଉଦଘାଟିତ

**କଟକ, ୧୫।୧୨ (ନି.ପ୍ର) :** ବଲିଉଡ ସୁପରଷ୍ଟାର ଅକ୍ଷୟ କୁମାର କଟକ ଆସି ସିଡିଏ ସେକ୍ଟର-୧ ଜୁଡିସିଆଲ ଏକାଡେମୀ ନିକଟରେ ସୁପ୍ରତିଷ୍ଠିତ କଲ୍ୟାଣ କୁଏଲର୍ସର ନୂଆ ସୋ'ରୁମ୍କୁ ଅଭିନେତା ଅକ୍ଷୟ କୁମାର ଉଦ୍ଘାଟନ କରିଥିଲେ। କଟକରେ ଏହା କଲ୍ୟାଣ ଜୁଏଲର୍ସର ପ୍ରଥମ ସୋ'ରୁମ୍ ଏବଂ ଓଡ଼ିଶାରେ ୧୧ ତମ ସୋ'ରୁମ୍ ହେବାକୁ ଯାଉଛି। ଜ୍ୱେଲର୍ସ ଦୋକାନ ୮ହଜାର ବର୍ଗଫୁଟ ପରିମିତ ସ୍ଥାନରେ ଅବସ୍ଥିତ ଏହି ଭବ୍ୟ ସୋ'ରୁମରେ ସୁନା, ପୋଲ୍କି ଏବଂ ହୀରା ଗହଣାର ବିପୁଳ ସମ୍ଭାର ସ୍ଥାନ ପାଇଛି। ତାହା ସହିତ ଏହି ସୋ'ରୁମ୍ରେ ଅନକଟ୍,ବହୁ ମୂଲ୍ୟବାନ ଏବଂ ପ୍ଲାଟିନମ୍ ଅଳଙ୍କାର ବର୍ଗମାଳା ରହିଛି। ଏହି ଅବସରରେ କଲ୍ୟାଣ ଜୁଏଲର୍ସର ବ୍ରାଣ୍ଡ୍ ଆମ୍ବାସାଡର ବିଗ୍ 'ବି' ଅମିତାଭ ବଚ୍ଚନ କହିଛନ୍ତି, କଲ୍ୟାଣ ଜୁଏଲର୍ସର ସମସ୍ତ ଗହଣା ବିଆଇଏସ୍ ହଲ୍ମାର୍କଯୁକ୍ତ। ଗ୍ରାହକଙ୍କ ଉପସ୍ଥିତିରେ ଗହଣାଗୁଡ଼ିକୁ କାରାଟ୍ ଆନାଲାଇଜରରେ ପରୀକ୍ଷା ନିରୀକ୍ଷା କରାଯାଇ ତାହାର ଶୁଦ୍ଧତା ସୁନିଶ୍ଚିତ କରାଯାଉଛି। ଗ୍ରାହକ ଦେଉଥିବା ଅର୍ଥର ଉପଯୁକ୍ତ ମୂଲ୍ୟ ଓ ଶୁଦ୍ଧତା ଏହା ପ୍ରଦାନ କରୁଛି। ଏଥିସହିତ କଲ୍ୟାଣ ଜୁଏଲର୍ସ ତାହାର ସମସ୍ତ ଗହଣା ନିମନ୍ତେ ସଠିକ୍ ବ୍ୟବହାର ଓ ପରିଚାଳନା କ୍ଷେତ୍ରରେ ଆଜୀବନ ମାଗଣା ରକ୍ଷଣାବେକ୍ଷଣ ପ୍ରତିଶ୍ରୁତି ଦେଉଛି। ଏହି ସୋ' ରୁମ୍




ଉଦଘାଟନ ଅବସରରେ ଗ୍ରାହକଙ୍କ ପାଇଁ ସୁନା ଗହଣା ଗଢା ମଜୁରୀ ଉପରେ ଗ୍ରାମ୍ ପିଛା ୧୫୦୦ ଟଙ୍କା ରିହାତି ରଖାଯାଇଛି ବୋଲି ଏହି ସୋ'ରୁମର ଫ୍ରାଞ୍ଚାଇଜି ଏସଜିବିଏଲ ଗ୍ରୁପ୍ ପକ୍ଷରୁ କୁହାଯାଇଛି। ଆଜିର ଉଦଘାଟନ ଉତ୍ସବରେ କଟକ ବାରବାଟି ବିଧାୟିକା ସୋଫିଆ। ଫିରଦୋସ, କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, କଟକ ମେୟର ସୁବାସ ସିଂହ, ରଞ୍ଜନ ବିଶ୍ୱାଳଙ୍କ ସହିତ ସହରର ଅନେକ ମାନ୍ୟ ଗନ୍ୟ ଅତିଥି ମାନେ ଉପସ୍ଥିତ ଥିଲେ।

## ପୁରୀ ବିଚ୍ ମାରାଥନ୍ ୫ମ ସଂସ୍କରଣ ଆୟୋଜିତ

**ପୁରୀ, ୧୫।୧୨ (ନି.ପ୍ର):** ଭୁବନେଶ୍ୱର ସାଇକେଲିଂ ଏବଂ ଆଡଭେଞ୍ଚର କ୍ଲବ (BCAC) ପକ୍ଷରୁ ଆଜି ପୁରୀ ବିଚ୍ ମାରାଥନ୍ ୫ମ ସଂସ୍କରଣ ଏମସିଏଲ ସହଯୋଗରେ ଏହାର ପ୍ରମୁଖ ଦୁଃସାହସିକ ଏବଂ ଏକ ଅଗ୍ରଣୀ ଉଦ୍ୟମ ଆୟୋଜନ କରିଥିଲା। ଏହି ପ୍ରକାରର ବିଚ୍ ମାରାଥନ୍ ହେଉଛି ପବିତ୍ର ପୁରୀର ବାଲୁକାମୟ ବେଳାଭୂମିରେ ମାରାଥନ୍ ଦୌଡ଼ର ଏକ ପ୍ରୟାସ। ମହିଳାମାନଙ୍କ ସମେତ ୧୦୦୦ ରୁ ଅଧିକ ଦୌଡ଼ାଳୀ ଏହି ଅନନ୍ୟ ମାରାଥନରେ ସେମାନଙ୍କର ଶାରୀରିକ ଶକ୍ତିକୁ ଚ୍ୟାଲେଞ୍ଜ କରିବା ଏବଂ ମାନସିକ ପ୍ରତିବନ୍ଧକକୁ ଦୂର କରିବା ପାଇଁ ଅଂଶଗ୍ରହଣ କରିଥିଲେ।

ପୁରୀ ବିଚ୍ ମାରାଥନ୍ ୨୦୨୫ କୁ ମଙ୍ଗଳା ନଦୀର ସମୁଦ୍ର ମୁହାଣରେ ଥିବା ସାମୁକା ବେଳାଭୂମିରୁ ସଞ୍ଜୀବ ପଣ୍ଡା, IPS ଅତିରିକ୍ତ ଡିଏଚ ତଥା ସଭାପତି BCAC, ଲଳିତ ଦାସ, IPS (ଅବସରପ୍ରାପ୍ତ), ଶ୍ରୀ ପ୍ରତୀକ ସିଂହ, IPS, ଅଜୟ କୁମାର ନନ୍ଦ, ସଚିବ BCACଙ୍କ ଦ୍ୱାରା ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ଏବଂ ଆମେରିକା ଏବଂ ୟୁଏସ୍ଏସ୍ଆରରୁ କିଛି ପ୍ରସିଦ୍ଧ ଧାବକ ଏବଂ ଉଦୀୟମାନ ଖେଳାଳିଙ୍କ ଏକ ବିଶାଳ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଧାବକମାନେ ହୋଲ୍ଡ-ଅପ୍ ଅଞ୍ଚଳରେ ଆରମ୍ଭ ସମୟ ପୂର୍ବରୁ ରିପୋର୍ଟ କରିଥିଲେ ଏବଂ ଜୁମ୍ବା ସହିତ ପ୍ରାକ୍ ବ୍ୟାୟାମ କରିଥିଲେ।

ପୁରୀ ବିଚ୍ ମାରାଥନରେ ଦୁଇ ପ୍ରକାରର ଦୌଡ଼ ପାଠ୍ୟକ୍ରମ ଥିଲା। ହାଫ୍-ମାରାଥନ୍ ପାଠ୍ୟକ୍ରମ ମଙ୍ଗଳା ନଦୀ ସମୁଦ୍ର ମୁହଁର ସାମୁକା ବେଳାଭୂମିରୁ ବାଲି ହାରଚଣ୍ଡି ବିଚ୍ ଏବଂ ଫେରିବା ପର୍ଯ୍ୟନ୍ତ ୧୦.୫ କିଲୋମିଟରର ଫେରିବା



ରୁଟ୍ ଭାବରେ ଡିଜାଇନ୍ କରାଯାଇଥିଲା। ୭ କିଲୋମିଟରର ମଜାଦାର ଦୌଡ଼ ଅଂଶଗ୍ରହଣକାରୀ ମାନେ ସମାନ ଆରମ୍ଭ ବିନ୍ଦୁରୁ ଆରମ୍ଭ କରି ବାଲି ହାରଚଣ୍ଡି ଆଡ଼କୁ ୩.୫ କିଲୋମିଟର ଦୂରତା ଅତିକ୍ରମ କରିଥିଲେ ଏବଂ ଏକ ୟୁ-ଟର୍ଣ୍ଣ ନେବା ପରେ ସମାନ ଆରମ୍ଭ ବିନ୍ଦୁକୁ ଫେରିଥିଲେ। ମହିଳା ମାନଙ୍କ ସମେତ ୧୦୦୦ ରୁ ଅଧିକ ଧାବକ ଏହି ଅନନ୍ୟ ବିଚ୍ ମାରାଥନରେ ଯୋଗ ଦେଇଥିଲେ ଏବଂ ସେମାନଙ୍କର ଦୃଢ଼ତା ଏବଂ ଦକ୍ଷତା ପରୀକ୍ଷା କରିଥିଲେ। ନିଶ୍ଚିତ ଭାବରେ, ଏହି ବିଚ୍ ମାରାଥନ୍ ଏକ କଷ୍ଟକର ମାରାଥନ୍ ଥିଲା, ଯେଉଁଠାରେ ଅଂଶଗ୍ରହଣକାରୀ ମାନଙ୍କୁ ପ୍ରତ୍ୟେକ ପଦକ୍ଷେପରେ ଭିନ୍ନ ଭିନ୍ନ ପ୍ରବୃତ୍ତି ସହିତ ବାଲିଆ। ବେଳାଭୂମିର ଅସମାନ ପୃଷ୍ଠରେ ଦୌଡ଼ିବାକୁ ପଡ଼ିଥାଏ। ନରମ ବାଲିଆ। ବେଳାଭୂମି ବ୍ୟତୀତ, ଅସମାନ ପୃଷ୍ଠ ସମଗ୍ର କୋର୍ସରେ ଧାବକମାନଙ୍କୁ ଏକ ପ୍ରକୃତ ଚ୍ୟାଲେଞ୍ଜ ପ୍ରଦାନ କରିଥିଲା। ଏପରି ଚ୍ୟାଲେଞ୍ଜିଂ ପରିସ୍ଥିତି ମଧ୍ୟ ଦୃଢ଼ ଆତ୍ମାର ଉନ୍ନତିକୁ ବାଧା ଦେଇପାରିଲା ନାହିଁ ଏବଂ ଉଦୀୟମାନ ଖେଳାଳିମାନଙ୍କ ଦ୍ୱାରା କିଛି ଉତ୍କୃଷ୍ଟ ପ୍ରଦର୍ଶନ ଦେଖିଲା। ବ୍ୟାଣ୍ଡ ଏବଂ ଦର୍ଶକଙ୍କ ପ୍ରଶଂସାର ସ୍ୱରରେ, ଧାବକ ମାନେ ଖାଲି ପାଦରେ ଏବଂ ସ୍ନିକର୍ସ ମାଧ୍ୟମରେ ସେମାନଙ୍କର ପସନ୍ଦର ପଥ ସମାପ୍ତ କରିଥିଲେ। BCAC ପ୍ରତି ୩.୫ କିଲୋମିଟରରେ ରୁଟରେ ପାଣି ଏବଂ ସହାୟତା ଷ୍ଟେସନର ବ୍ୟବସ୍ଥା କରିଛି, ଏବଂ ଧାବକମାନଙ୍କୁ ଉତ୍ସାହିତ କରିବା ପାଇଁ ସ୍ୱେଚ୍ଛାସେବକ ମାନେ ଉପସ୍ଥିତ ଥିଲେ। BCAC ବିଜେତା ଏବଂ ପୋଡିୟମ ଫିନିସରମାନଙ୍କ ପାଇଁ ନଗଦ ପୁରସ୍କାର ପାଇଁ ମଧ୍ୟ ବ୍ୟବସ୍ଥା କରିଛି। ପୁରସ୍କାର ବ୍ୟତୀତ, ଅଂଶଗ୍ରହଣକାରୀ ମାନେ ସଫଳତାର ସହ ସମାପ୍ତି ପରେ ଏକ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ଫିନିସର ପଦକ, ଇଭେଣ୍ଟ ଟି-ସାର୍ଟ ଏବଂ ଡିଜିଟାଲ୍ ପ୍ରମାଣପତ୍ର ପାଇଥିଲେ। ବିଭିନ୍ନ ବର୍ଗର ବିଜେତାମାନେ ମୋଟ ୨.୨ ଲକ୍ଷ ଟଙ୍କାର ପୁରସ୍କାର ପାଇଥିଲେ। ୨୧ କିଲୋମିଟର ହାଫ୍ ମାରାଥନ୍ ପାଇଁ ୫୦୦୦୦ ଟଙ୍କା ପ୍ରଥମ ପୁରସ୍କାର ଓଡ଼ିଶାର ଅଶୋକ ଦଣ୍ଡସେନାଙ୍କୁ ପ୍ରଦାନ କରାଯାଇଥିଲା - ଯିଏ ୦୧ ଘଣ୍ଟା ୧୬ ମିନିଟ୍ ୨୫ ସେକେଣ୍ଡ ସମୟ ସହିତ ଶେଷ କରିଥିଲେ। ଦ୍ୱିତୀୟ ପୁରସ୍କାର: ୩୦ ହଜାର ଟଙ୍କା ପଶ୍ଚିମ ବଙ୍ଗର ଅନୁପମ ମହତା - ସମୟ: ୦୧ ଘଣ୍ଟା ୧୬ ମିନିଟ୍ ୨୮ ସେକେଣ୍ଡ ତୃତୀୟ ପୁରସ୍କାର: ୨୦ ହଜାର ଟଙ୍କା: ଫୁଲଧର ନେତାମ ଛତିଶଗଡ଼ର - ୦୧ ଘଣ୍ଟା ୧୭ ମିନିଟ୍ ୦୬ ସେକେଣ୍ଡ ଶ୍ରୀ ରାଜେଶ ପାଟିଲ ଓଏଏସ, ସଚିବ ସମବାୟ, ଓଡ଼ିଶା ସରକାରଙ୍କ ସହିତ ଏସ୍ଜେ. ସଞ୍ଜିବ ପଣ୍ଡା, ଅତିରିକ୍ତ ଡିଜି ଅଫ୍ ପୋଲିସ ଏବଂ ଅଧ୍ୟକ୍ଷ BCAC, ଲଳିତ ଦାସ, IPS (ଅବସରପ୍ରାପ୍ତ), ଉପାଧ୍ୟକ୍ଷ BCAC, ଶ୍ରୀ ଅଜୟ ନନ୍ଦ, ସଚିବ BCAC, ଶ୍ରୀ ଶିବାସିସ୍ ମହାନ୍ତି, କୋଷାଧ୍ୟକ୍ଷ BCAC, ଶ୍ରୀ ସୁଶାନ୍ତ ତ୍ରିପାଠି, MCL ପକ୍ଷରୁ, BPCLର ଶ୍ରୀ ସୌମ୍ୟ ଜୈନ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## କୁସୁମୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଏନସିସି ଶୁଭାରମ୍ଭ



**କୁକୁଡ଼ାଖଣ୍ଡି, ୧୫/୧୨ (ନି.ପ୍ର) :** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ କୁସୁମୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପ୍ରଥମ ଥର ପାଇଁ ଏନସିସି(ଆର୍ମିୱିଙ୍ଗ) ଆରମ୍ଭ ହୋଇଛି। ଛାତ୍ରଛାତ୍ରୀଙ୍କ ଶାରୀରିକ ଓ ମାନସିକ ପ୍ରଗତି, ଶୃଙ୍ଖଳା, ନୀତି ନିଷ୍ଠା ଓ ଦେଶସେବାର ମୂଲ୍ୟବୋଧ ଗିବା ପାଇଁ ଏନ୍ସିସି ଏକ ଉତ୍କୃଷ୍ଟ ମାଧ୍ୟମ। ୧୦(ଓଡ଼ିଶା) ବାଟାଲିୟନର କମାଣ୍ଡିଙ୍ଗ୍ ଅଫିସର ଲେଫ୍ଟନେଂଟ କର୍ଣ୍ଣଲ ନିତିନ ସହାୟିଙ୍କ ତତ୍ୱାବଧାନରେ ଏହି ସ୍କୁଲରେ ଏନ୍ସିସି ଆରମ୍ଭ ହୋଇଛି। ଏହି ଅବସରରେ କ୍ୟାପଟେନ ସାଇ ପ୍ରସାଦ ପାତ୍ର ଏବଂ କ୍ୟାପେଟନ ଶରତ ଗୌଡ଼ ଛାତ୍ରଛାତ୍ରୀଙ୍କୁ କ୍ୟାଡ଼େଟ ଭାବେ ଯୋଗଦେବା,ଶିକ୍ଷଣ ପ୍ରଣାଳୀ ବିଷୟରେ ସୂଚନା ଦେଇଥିଲେ। ବିଦ୍ୟାଳୟର ଏଏନ୍ଓ ଅମ୍ବିକା ପ୍ରସାଦ ଦାଶଙ୍କ ପରିଚାଳନାରେ ପ୍ରଥମ ବର୍ଷ ପାଇଁ ସମୁଦାୟ ୨୫ ଜଣଙ୍କୁ ଏନ୍ସିସି କ୍ୟାଡ଼େଟ ଭାବେ ଚୟନ କରାଯାଇଛି। ସେଥି ମଧ୍ୟରୁ ୧୩ ଜଣ ବାଳକ ଓ ୧୨ଜଣ ବାଳିକା ରହିଛନ୍ତି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମ ଭାବନାକୁ ଜାଗ୍ରତ କରିବା ପାଇଁ ଏନ୍ସିସି ସହାୟକ ହେବ ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ସୁଦର୍ଶନ ସେଠୀ ମତପ୍ରଦାନ କରିଥିଲେ।

## ଜାତୀୟ ସ୍ତରୀୟ ମାର୍ଶାଲ କଳାରେ ବିଜେତାଙ୍କୁ ପ୍ରମାଣ ପତ୍ର ପ୍ରଦାନ

**ବାଲିଅନ୍ତା, ୧୫।୧୨ (ନି.ପ୍ର) :** ବାଲିଅନ୍ତା ବ୍ଲକ ଅଧୀନସ୍ଥ ବାଲକାଟି ଦୁଲାଦେଇ ମନ୍ଦିର ପରିସରରେ ରବିବାର ସନ୍ଧ୍ୟାରେ ଉମାକାନ୍ତ ମାର୍ଶାଲ ଆର୍ଟ ପକ୍ଷରୁ ତେଲେଙ୍ଗାନା ରାଜ୍ୟରେ ଅନୁଷ୍ଠିତ ଅନ ଲାଇନ ଜାତୀୟ ସ୍ତରୀୟ ବିଭିନ୍ନ ପ୍ରକାର ମାର୍ଶାଲ ପ୍ରତିଯୋଗୀତା ୨୦୨୫ ରେ ମୋଟ ୨୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥି ମଧ୍ୟରୁ ସ୍ୱର୍ଣ୍ଣ ୯ ରୌପ୍ୟ ୭ ଓ କାଂସ୍ୟ ୬ ପଦକ ହାସଲ ସହିତ ପ୍ରମାଣ ପତ୍ର ଅର୍ଜନ କରି ବାଲକାଟି ଅଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି । ଅନୁଷ୍ଠାନ ପକ୍ଷରୁ ପ୍ରଶିକ୍ଷକ ଉମାକାନ୍ତ ବେହେରାଙ୍କ ଆୟୋଜନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଆ। ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଗୀତିକାର ତଥା ସଂଳାପକାର ଡ ରଜନୀ ରଞ୍ଜନ ଦାଶ, ସମ୍ମାନୀତ ଅତିଥି ଭାବେ



ସମାଜସେବୀ ସୁବ୍ରତ କୁମାର ମହାନ୍ତି, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ସୁଚିତ୍ର ଜେନା, ସନ୍ତୋଷ କୁମାର ଜେନାଙ୍କ ସହ ବିଜେତାଙ୍କ ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ।

## ଲାମକୋକ୍ ଚୋରି ଅଭିଯୋଗରେ ୧୩ ଟ୍ରକ ଅଟକ

**ପାରାଦୀପ, ୧୫।୧୨ (ନି.ପ୍ର):** ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ। ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ଯାଜପୁର ସ୍ଥିତ ଜିନ୍ଦଲ କୋକ୍ ଲିମିଟେଡ୍ରୁ ଲାମକୋକ୍ ହାଜିରା ପ୍ଲାଣ୍ଟକୁ ପାରାଦୀପ ବନ୍ଦର ଦେଇ ସମୁଦ୍ର ପଥରେ ପଣ୍ୟବାହୀ ଜାହାଜ ମାଧ୍ୟମରେ ନିୟମିତ ଭାବେ ପଠାଇଥାନ୍ତି। ଏଣୁ ଇଷ୍ଟର୍ଣ୍ଣ ଷ୍ଟିଭେଡୋରସ୍ଙ୍କୁ ପରିବହନ କାର୍ଯ୍ୟରେ ଜିନ୍ଦଲ କୋକ୍ ଲିମିଟେଡ୍ ପ୍ଲାଣ୍ଟରୁ ପାରାଦୀପ ପୋର୍ଟ ପ୍ଲଟ ପର୍ଯ୍ୟନ୍ତ ନିୟୋଜିତ କରିଛନ୍ତି। ଗତ ଦୁଇ ତିନି ଦିନ ମଧ୍ୟରେ ୧୩ ଟି ଟ୍ରକ୍କୁ ସନ୍ଦେହ ହେତୁ ଖଲାସ୍ ବନ୍ଦ ରଖାଯାଇଅଛି। ଆଜି ସୋମବାର ଦିନ ଦିନ ୧୧ ଟା ସମୟରେ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ। ପ୍ରାଇଭେଟ ଲିମିଟେଡ୍ ର ଅଧିକାରୀ ସ୍ମୃତି ରଞ୍ଜନ ସାମନ୍ତରାୟ,



ସିକ୍ୟୁରିଟି ଇନଚାର୍ଜ କାମେଶ୍ୱର ଶର୍ମା ଓ ଟ୍ରାସପୋର୍ଟ ପ୍ରତିନିଧ ପ୍ରଭାତ ସାଇଁ ଏବଂ ଓଏସଏଲ ଷ୍ଟିଭେଡୋରସ୍ର ପ୍ରତିନିଧ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଉପସ୍ଥିତିରେ ଉକ୍ତ ସନ୍ଦେହଜନକ ଟ୍ରକଗୁଡିକରୁ ପାଲ ଖୋଲାଯାଇଥିଲା, ଟ୍ରକ ନଂ ଓଡି୦୪କ୍ୟୁ-୦୦୫୪, ଓଡି୦୬ଜେଡ - ୧୦୯୫, ଓଡି୦୫କ୍ୟୁ-୯୫୨୭ ର ପାଲ ଖୋଲାଯିବା ପରେ ସେଥିରୁ ପ୍ରଚୁର ପରିମାଣରେ ଧୂଳି, ପାଉଁଷ ଓ ପାଣି ଭିଜା କାର୍ଗୋ ମିଳିଥିଲା। ଉକ୍ତ ଗାଡିରେ ନିୟୋଜିତ ଥିବା ଡ୍ରାଇଭର ବିଜୟ ନେହା, ବିଜୟ ଖଟୁଆ। ଓ ସୁମନ ଦେହୁରୀଙ୍କୁ ପଚାରିବାରୁ ସେମାନେ ଗାଡିରୁ ଲାମକୋକ୍ ବାହାର କରି ବିକ୍ରୟ କରିଛନ୍ତି ଓ ତାହା ବଦଳରେ ସେହି ପରିମାଣରେ ଧୂଳି, ପାଉଁଷ ଓ ପାଣି ମିଶ୍ରଣ କରିଛନ୍ତି । ଡ୍ରାଇଭରଙ୍କ କହିବା ଅନୁଯାୟୀ ଏଥରେ ତାଙ୍କର ମାଲିକମାନଙ୍କ ସଂପୃକ୍ତି ରହିଛି। ତେବେ ଏହି ଘଟଣାକୁ ନେଇ ପାରାଦୀପ ଆଦର୍ଶ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ବାଇକ ଧକ୍କାରେ ଦୁଇ ଗୁରୁତର

**ଯୋଡ଼ା, ୧୫/୧୨ (ନି.ପ୍ର) :** କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ଅନ୍ତର୍ଗତ କାଟେସାହି ନିକଟରେ ସୋମବାର ଏକ ଅଜଣା ଲେରୋ ବାଇକ କୁ ସାମ୍ନା ପଟୁ ଧକ୍କା ଦେବାରୁ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ ସୋମବାର ପ୍ରାୟ ୧.୩୦ ଘଟିକା ସମୟ ରେ ବାଇକ ନମ୍ବର (ଓଡ଼ି୦୯ତ୨୩୧୪) ରେ ୨ ଜଣ ଚୋରମାଳଦା ରୁ କାଟେସାହି ଅଭିମୁଖେ ଫେରୁଥିବା ବେଳେ ଏକ ଅଜଣା ଲେରୋ ଗାଡି ଦ୍ରୁତଗତି ରେ ନିୟନ୍ତ୍ରଣ ହରାଇ ସାମ୍ନା ପଟୁ ବାଇକ କୁ ଧକ୍କା ଦେଇ ସେଠାରୁ ଚୋରମାଳଦା ରାସ୍ତା ରେ ଫେରାର ମାରିଛି। ଯାହା ଫଳରେ ଘଟଣା ସ୍ଥଳରେ ହିଁ ୨ ଜଣ ଗୁରୁତର ଅବସ୍ଥାରେ ପଡିରହିଥିଲେ। ଘଟଣା ର କିଛି ସମୟ ପରେ ସେହି ରାସ୍ତା ଦେଇ ସ୍ଥାନୀୟ ଲୋଇଡାପଦା ସରପଞ୍ଚ ବିଲାସିନି ଓରାମ ଯାଉଥିବା ବେଳେ ନଜର ପଡିବାରୁ ସ୍ଥାନୀୟ ଲୋକଙ୍କ ସହଯୋଗ ରେ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ତୁରନ୍ତ ଉଦ୍ଧାର କରି ଆମ୍ବୁଲାନ୍ସ ମାଧ୍ୟମରେ ଯୋଡ଼ା ଟାଟା ମେଡିକାଲ କୁ ସ୍ଥାନାନ୍ତରିତ କରିଥିଲେ। ମେଡିକାଲ ରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଦେଖି ଡକ୍ଟର ତାଙ୍କୁ ପ୍ରାଥମିକ ଚିକିତ୍ସା କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ରେଫର କରିଛନ୍ତି। ତେବେ ଦୁର୍ଘଟଣାରେ ଆହତ ହୋଇଥିବା ୨ ଜଣ କାଟେସାହି ଗ୍ରାମ ନାୟବାଦୀ ଅଞ୍ଚଳର ରୂପେଶ ମୁଣ୍ଡା ଏବଂ ଅଜୟ ମୁଣ୍ଡା ବୋଲି ଜଣା ପଡିଛି। ଖବର ପାଇ ପୋଲିସ ଗାଡି ଟିକୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିବା ଜଣାପଡିଛି।

## ପିପିଲି ବ୍ଲକରେ ଅଭିଯୋଗ ଶୁଣାଣି ଶିବିର

**ପିପିଲି, ୧୫।୧୨ (ନି.ପ୍ର):** ପିପିଲି ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପୁରୀ ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣୀରେ ମୋଟ ୨୨ଟି ଅଭିଯୋଗ ହୋଇଥିଲା। ଅଭିଯୋଗ ମଧ୍ୟରେ ପିପିଲି ତହସିଲ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବେଆଇନ ବାଲି ଚୋରାଚାଲାଣ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ସରକାରଙ୍କର କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଛି। ଏହି ବାଲି ଚୋରାଚାଲାଣ ରୋକିବା ପାଇଁ ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ ଜିଲ୍ଲାପରିଷଦ ଧରଣୀଧର ସାହୁ ଓ ସୁଶାନ୍ତ ମଲ୍ଲିକ ,ପୂର୍ବତନ ସରପଂଚ ପ୍ରକାଶ ଧଳ ପ୍ରମୁଖ ଅଭିଯୋଗ ଆଣିଥିଲେ। ସେହିପରି ରାଜ୍ୟ କତା ଉତ୍ପାଦନ ଓ ରୁପାଙ୍କନ କେନ୍ଦ୍ର ତେଇଶିପୁର ଠାରେ ଥିବା ବେଳେ ତାହା



ଏବେ ଏକ ପ୍ରକାରର କାର୍ଯ୍ୟ ନହୋଇ ବନ୍ଦ ହୋଇ ପଡିରହିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସବସେଣ୍ଟରର ଗୃହ ନିର୍ମାଣ ସରିଥିଲେ ସୁଧା ସେଠାରେ ସବସେଣ୍ଟର ଖୋଲା ନଯାଇ ଭଡାଘରେ ଚାଲୁଛି। ତେଇଶିପୁର ସେବା ସମବାୟ ସମିତିର ଅଫିସ ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ସୁଧା କାର୍ଯ୍ୟ ନହୋଇ ପଡିରହିଛି। ସୋଲଣୀ କୁସାଦା ବ୍ରିଜ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ସହ ସାତଶଂଖ ବଳଙ୍ଗା ରାସ୍ତା ପୂର୍ତ୍ତବିଭାଗ ଅଧିନରେ ନିର୍ମାଣ ଚାଲୁଥିବା ବେଳେ ତାହା ଅତି ନିମ୍ନମାନର କାର୍ଯ୍ୟ ଚାଲୁଥିବା ନେଇ ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ ଅଭିଯୋଗ କରିଥିଲେ। ସେହିପରି କଂଟି ପଞ୍ଚାୟତ ର ପୁର୍ବତନ ସରପଂଚ ପ୍ରକାଶ ଧଳ ଅଭିଯୋଗ କରିଥିଲେୟ ବେଆଇନ ମୋରମ ଓ ମାଟି ଖନନ ପାଇଁ ପୁରା ଗାଁ ଏବେ ବିପଦରେ ରହିଛି। ମାଇନ୍ସ ବିଭାଗକୁ ଏସମ୍ପର୍କରେ ଅଭିଯୋଗ କଲେ ସୁଧା ସେ କର୍ଣ୍ଣପାତ କରୁନଥିବା କହିଥିଲେ। ବେଆଇନ ଚୋରାଚାଲାଣ କାରବାର କୁ ତୁରନ୍ତ ବନ୍ଦ କରିବା ପାଇଁ ସେ ଅଭିଯୋଗ କରିଥିଲେ। ଅନ୍ୟ ଅଭିଯୋଗ ମଧ୍ୟରେ ମହିଳା ମହାସଂଘ ଗୃହ ନିର୍ମାଣ ପାଇଁ ଟେଣ୍ଡର ସରିଛି ସ୍ଥାନ ନିରୂପଣ ହୋଇ ପାରୁନଥିବାରୁ ନିର୍ମାଣ କାର୍ଯ୍ୟ ହୋଇପାରୁ ନାହିଁ ,ଭୂମିହୀନ ଲୋକମାନଙ୍କ ଜମିପଟ୍ଟା ଓ ଗୃହ ଯୋଗାଇଦେବା ,ଆବାସ ଯୋଜନାରେ ଗୃହ ମିଳିବା ଆଦି ବିଭିନ୍ନ ବିଭାଗରୁ ମୋଟ ୨୨ଟି ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ପୂର୍ତ୍ତବିଭାଗ କୌଣସି ଅଧିକାରୀ ଉପସ୍ଥିତ ନଥିବାରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ବେହେରା ସେମାନଙ୍କ ଉପରେ କାରଣ ଦର୍ଶାଅ ନୋଟିସ ଜାରୀ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣିରେ ପୁରୀ ଜିଲ୍ଲା ଅତିରିକ୍ତ ଏସ୍ପି ସଚିନ ପଟେଲ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ,ପିପିଲି ଏସଡିପିଓ ଦେବାଶିଷ ମିଶ୍ର, ତହସିଲଦାର ହୃଷିକେଶ ତ୍ରିପାଠୀ,ବିଡିଓ ସରୋଜ କୁମାର ରାଉତ ପ୍ରମୁଖ ଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହିଥିବା ନେଇ ଜିଲ୍ଲାପାଳ ଅଭିଯୋଗ ଜନଶୁଣାଣୀ ଅଧିକାରୀ ତଥା ଡ଼େପୁଟି କଲେକ୍ଟର ବିବେକାନନ୍ଦ ସାହୁ ସୁଚନା ଦେଇଛନ୍ତି।

## ଧାନର ମାନକୁ ନେଇ ଚାଷୀଙ୍କ ପ୍ରତିବାଦ

**ରାଜସୁନାଖଳା, ୧୫।୧୨ (ନି.ପ୍ର):** ଏ ବର୍ଷ ଲଗାଣ ବର୍ଷା ଲାଗି ରହିଥିବା ଯୋଗୁଁ ଚାଷୀକୁଳ କ୍ଷତିଗ୍ରସ୍ତ ହୋଇଛନ୍ତି। ତାହା ସାଙ୍ଗକୁ ଧାନରେ ପୋକ ଲାଗି ଧାନ ପ୍ରାୟ ନଷ୍ଟହୋଇଛି। ଯାହା ଫଳରେ ଚାଷୀମାନେ ମୁଣ୍ଡରେ ହାତ ଦେଇଛନ୍ତି। ଅପର ପକ୍ଷେ ମଣ୍ଡିରେ ଧାନ କଟ୍ନି ଛଟନିରେ ଧାନ ବିକିବା ପାଇଁ ଚାଷୀମାନେ ମିଲରଙ୍କ ନିକଟରେ ମୁଣ୍ଡ ନୁଆଁଇଛନ୍ତି। ବସ୍ତା ବାବଦକୁ ୭୦୦ ଗ୍ରାମ କଟିଲେ କଟନି ଛଟନିରେ ଧାନ ଉଠା ଯାଉଛି।



ସୂଚନା ଅନୁଯାୟୀ, ନୟାଗଡ ଜିଲ୍ଲା ରଣପୁର ବ୍ଲକର ସୁର୍କାବାଡ଼ି ଗ୍ରାମପଞ୍ଚାୟତର ଠଣାପଲ୍ଲୀ ଗ୍ରାମରେ ଚାଷୀମାନଙ୍କର ଧାନ ଫସଲ ନଷ୍ଟ ହୋଇଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏନେଇ ଠଣାପଲ୍ଲୀ ଗ୍ରାମର ଚାଷୀମାନେ ବ୍ୟାକୁଳ ହୋଇ ବ୍ଲକ କୃଷି ଅଧିକାରୀ ଓ ଇନସ୍ୟୁରାନ୍ସ କମ୍ପାନୀ ପାଖରେ ଅଭିଯୋଗ କରିଅଛନ୍ତି। ଧାନ ପୋକ ଲାଗି ନଷ୍ଟ ହୋଇଛି ଫସଲୟ କୃଷି ଅଧିକାରୀ ଓ ଇନସ୍ୟୁରାନ୍ସ କମ୍ପାନୀ ଚାଷୀ ମାନଙ୍କୁ ଚାଷ ପାଇଁ ଇନସ୍ୟୁରାନ୍ସ ବାବଦରେ କ୍ଷତି ପୂରଣ ପାଇଁ ଦାବୀ କରିଅଛନ୍ତି। ଏନେଇ ଆଜି ତଦନ୍ତକରିବା ପାଇଁ ଜିଲ୍ଲା କୃଷି ଅଧିକାରୀ ପବିତ୍ର ମୋହନ ସାହୁ, ବ୍ଲକ କୃଷି ଅଧିକାରୀ ଅର୍ପିତା ସାହୁ, ସହ କୃଷି ଅଧିକାରୀ ପ୍ରସାଦ ପୁରୁଷୋତ୍ତମ ସାହୁ, କୃଷି ଏଭରସୋର ଧନେଶ୍ୱର ପାଇକରାୟ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ। ଇନସ୍ୟୁରାନ୍ସ କମ୍ପାନୀର ଜିଲ୍ଲା କୋଡିନେଟର ଅମ୍ବିକା ପ୍ରସାଦ ସାହୁ, ବ୍ଲକ କୋଡିନେଟର ମନୋଜ କୁମାର ଦାସ, କୃଷକ ସାଥି, ସୁର୍କାବାଡ଼ି ସରପଞ୍ଚ, ସମିତିସଭ୍ୟ ଏବଂ ସମବାୟ ସେବା ସମିତିର ସଭାପତି ପ୍ରମୋଦ କୁମାର ବଳିଆରସିଂହ ପ୍ରମୁଖ ଉପସ୍ଥିତ ରହିଥିଲେ। କୃଷି ଅଧିକାରିଣୀଙ୍କ ସମ୍ମୁଖରେ ଇନସ୍ୟୁରାନ୍ସ କମ୍ପାନୀର କର୍ମଚାରୀ ମାନେ ବିଲରୁ ଧାନ କାଟି ଧାନ ମେଣ୍ଟା ଧାନର ମାନ ଦେଖିଥିଲେ। ପରେ ଓଜନ କରିଥିଲେ ସରକାରୀ ନିୟମ ଅନୁସାରେ ଧାନର ମାନ ଓ ଓଜନର ପରିମାଣ କମିଛି ବୋଲି ଇନ୍ସୁରାନ୍ସ କମ୍ପାନୀର କର୍ମଚାରୀ ମାନେ କହିଥିଲେ। ଇନ୍ସୁରାନ୍ସ କିଛି ଚାଷୀ ମାନଙ୍କୁ ମିଳିବ ବୋଲି ପ୍ରତିଶୃତି ଦେଇଥିଲେ। ଅପର ପକ୍ଷେ ଧାନର ମାନ ଓ ଓଜନର ପରିମାଣ କମ ହଉଚି ବୋଲି ଚାଷୀର ଭେଳା ବୁଡିଯାଉଛି। ମଣ୍ଡିରେ ସେହି ଧାନ ଦେଇପାରିବ ନାହିଁ ଯଦି ଚାଷୀ ମାନେ ଧାନ ମଣ୍ଡିରେ ଦିଅନ୍ତି ସେପଟେ ମିଲର ମାନେ ଏଫ କ୍ୟୁ ମାନର ଡରାଣ ଦେଖାଇ ଧାନ କଟନୀ ଛଟଣି କରି ଚାଷୀ ମାନଙ୍କୁ ଶୋଷଣ କରୁଥିବା ଚିନ୍ତାରେ ରହୁଛନ୍ତି ଚାଷୀକୂଳ। ସେବା ସମବାୟ ସଭାପତି ତଥା ଚାଷୀ ପ୍ରମୋଦ କୁମାର ବଳିୟାରସିଂହ କହିଛନ୍ତି ଇନ୍ସୁରାନ୍ସ କମ୍ପାନୀ, କୃଷି ଅଧିକାରୀ ଏବଂ ରାଜ୍ୟ ସରକାର ଆମ ଠଣାପଲ୍ଲୀ ଗ୍ରାମର ଚାଷୀ ମାନଙ୍କୁ ଇନ୍ସୁରାନ୍ସ ଟଙ୍କା ପ୍ରଦାନ କରି ଚାଷୀ ମାନଙ୍କ ଋଣ ଛାଡ଼ କରିବା ପାଇଁ ଅନୁରୋଧ କହିଛନ୍ତି।

## ମା'ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

**କଟକ, ୧୫।୧୨ (ନି.ପ୍ର):** ସ୍ଥାନୀୟ ଦରଘା ବଜାର, ହାତୀପୋଖରୀ ଛକ ସ୍ଥିତ ମା'ସରସ୍ୱତୀ ଶିକ୍ଷା ମନ୍ଦିରର ଊନବିଂଶ ବାର୍ଷିକ ଖେଳକୁଦ ସମାରୋହ ସ୍ଥାନୀୟ ସୟିଦ ସେମିନାରୀ ସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ସଭାପତି ବଂଶୀଧର ଜେନାଙ୍କ ସଭାପତିତ୍ୱରେ



ଆୟୋଜିତ ଉଦଘାଟନୀ ସମାରୋହରେ ଶିକ୍ଷା ବିସ୍ତାର ସମିତି ଓଡ଼ିଶାର ମାର୍ଗ ଦର୍ଶକ ରାଜଧାନୀ କଲେଜର ଅଧ୍ୟାପକ ଡଃ ବିଭୂତି ଭୂଷଣ ମହାପାତ୍ର ଊନବିଂଶ ବାର୍ଷିକ କ୍ରୀଡ଼ାକୁ ଉଦ୍ ଘାଟନ କରିଥିଲେ। ସୟିଦ ସେମିନାରୀ ସ୍କୁଲର ବରିଷ୍ଠ କ୍ରୀଡ଼ା ଶିକ୍ଷକ ଏସ୍.କେ. ସଲାଉଦ୍ଦୀନ (ଡକ୍ଟର ସାର୍) ମୁଖ୍ୟ ଅତିଥି, କ୍ରୀଡ଼ା ପରିଚାଳକ ସଂଗ୍ରାମ କେଶରୀ ପାଢ଼ୀ ସମ୍ମାନୀତ ଅତିଥି ଯୋଗ ଦେଇଥିଲେ। ଉତ୍ତମ ଶିକ୍ଷା ସହିତ ସୁସ୍ଥ ଓ ନିରାମୟ ଜୀବନ ବିତାଇବାକୁ ହେଲେ ଦୈନିକ କିଛି ସମୟ ଶାରୀରିକ, ଯୋଗ ଓ ଖେଳକୁଦ କରିବା ଉପରେ ନିମନ୍ତ୍ରିତ ଅତିଥି ମାନେ ବକ୍ତବ୍ୟ ପ୍ରଦାନ କାରିଥିଲେୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବଟକୃଷ୍ଣ ଦାସ ସ୍ୱାଗତ ଭାଷଣ ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କାରିଥିଲେ। ଉଦ୍ ଯାପନ ସମାରୋହରେ ଉଦ୍ ଯାପକ ଭାବେ ଶିକ୍ଷା ବିସ୍ତାର ସମିତି ଓଡ଼ିଶାର ସଭାପତି ରାଜ କିଶୋର ବେହେରା, ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସୟିଦ ସେମିନାରୀ ସ୍କୁଲର ବରିଷ୍ଠ ଶିକ୍ଷକ ମହମ୍ମଦ ମୋହିନ୍ ଉଦ୍ଦୀନ ଓ ସମ୍ମାନୀତ ଅତିଥି ଭାବେ ଆଦର୍ଶ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଦରଘା ପାଟଣାର ସମ୍ପାଦକ ସୁରେଶ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ।

## ଜେଏସଡବ୍ଲୁର ନିଯୁକ୍ତି ପ୍ରହସନ : କମ୍ପାନୀ ଫାଟକ ସମ୍ମୁଖରେ ଧାରଣା ଚେତାବନୀ

**ପାରାଦୀପ, ୧୫।୧୨ (ନି.ପ୍ର):** ପାରାଦୀପ ନିକଟରେ ଜେଏସଡବ୍ଲୁ ର ନିର୍ମାଣଧୀନ ଷ୍ଟିଲ ପ୍ରକଳ୍ପ ଫାଟକ ଆଗରେ ଜାନୁଆରୀ ୨୬ ତାରିଖରେ ଜିଲ୍ଲାପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ ଓ ତାଙ୍କ ସମର୍ଥକ ମାନେ ଧାରଣା ଦେବା ନେଇ ଚେତାବନୀ ଦେଇଛନ୍ତି। ଏନେଇ ସ୍ଥାନୀୟ ଗଡ଼କୁଜଙ୍ଗ କୁଞ୍ଜବିହାରୀ ମନ୍ଦିର ଆଗରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ପିନାକୀ କହିଛନ୍ତି ଯେ ଢିଙ୍କିଆ। ଚାରିଦେଶରେ ନିର୍ମାଣଧିନ ଜେ.ଏସ୍.ଡବ୍ଲୁ କମ୍ପାନୀ ଜନମତକୁ ଉପେକ୍ଷା କରି ଆଇନ ର ଖୁଲମଖୁଲା ଉଲଂଘନ କରିଛି। ବିନା ପଲ୍ଲୀସଭା ଓ ଗ୍ରାମସଭାରେ ଏଠି ଶୀଳ୍ପ ପ୍ରତିଷ୍ଠା କୁ ଦୃଢ଼ ବିରୋଧ କରାଯାଇଛି। ଅଭିଯୋଗ ଅନୁଯାଇ ପ୍ରସ୍ତାବିତ ପ୍ରକଳ୍ପ



ପାଖରେ ମହାବାତ୍ୟାରୁ ଜନବସତିକୁ ରକ୍ଷା କରିଥିବା ବାଲି ଟିକିରା ସ୍ତୁପରୁ ବାଲି ଲୁଟ କରାଯାଉଛି। କମ୍ପାନୀକୁ ଆଇନଗତ ପରିବେଶ ମଞ୍ଜୁରୀ ନଥାଇ ସିମେଣ୍ଟ ପ୍ଲାଣ୍ଟ, ପାୱାର ପ୍ଲାଣ୍ଟ, ଷ୍ଟିଲ ପ୍ଲାଣ୍ଟ ଓ ଜେଟୀ ନାମରେ ଆଉ ଏକ ବନ୍ଦର ନିର୍ମାଣ କରିବାକୁ ଯାଉଛି କମ୍ପାନୀ। ସ୍ଥାନୀୟ ମତ୍ସ୍ୟଜୀବି ଏହି ପ୍ରକଳ୍ପରେ ପ୍ରଭାବିତ ହେବାକୁ ଯାଉଥିବା ବେଳେ ସେମାନଙ୍କୁ ଅଣଦେଖା କରାଯାଉଛି । ହଜାର ହଜାର ବନ୍ୟଜନ୍ତୁ ହରିଣ, ବାରହା, ବିଲୁଆ, ଠେକୁଆ। ମାନଙ୍କୁ ଲୁଚାଇ ମାରି ଦିଆଯାଉଛି । ସରକାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ ଦେଇଥିବା ଓ ସେଠାରୁ ତଦନ୍ତ ନିର୍ଦ୍ଦେଶ ଆସିଥିଲେ ସୁଦ୍ଧା ତଦନ୍ତ ହେଉନାହିଁ ବୋଲି ଅଭିଯୋଗ କରାଯାଇଛି। ସର୍ବୋପରି ପ୍ରକଳ୍ପ ପ୍ରଭାବିତ ପରିବାରର ଯୁବକ ମାନଙ୍କୁ ଭୁବନଶ୍ୱରରେ ଟ୍ରେନିଂ ଦେଇ ଖାଲି ଏକ ସାର୍ଟିଫିକେଟ ଧରାଇ ଦିଆଯାଇଛି। ନିଯୁକ୍ତି ନଦେଇ ଅନ୍ୟପଟେ ଅଲଗା ପିଲାଙ୍କୁ ନିଯୁକ୍ତି ଦେବାକୁ ମିଥ୍ୟା ପ୍ରତିଶ୍ରୁତି ଦେଇ କମ୍ପାନୀ ତାର ପ୍ରକଳ୍ପ କାର୍ଯ୍ୟ ଆଗେଇ ନେଉଛି। ତେଣୁ ସ୍ଥାନୀୟ ସିଦ୍ଧଗୁମ୍ଫା ଠାରୁ ଆସନ୍ତା ଜାନୁଆରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ଅନେକ ଲୋକ ମିଳିତ ଭାବେ ରାଲି କରି କମ୍ପାନୀ ଫାଟକ ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦେବେ ବୋଲି ସେ ଚେତାବନୀ ଦେଇଛନ୍ତି।

## ସଙ୍କୁରୁରେ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିର

**ବୁଗୁଡ଼ା, ୧୫/୧୨ (ନି.ପ୍ର) :** ବୁଗୁଡ଼ା ବ୍ଲକର ସଙ୍କୁରୁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୂତିକୃଷ୍ଣ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି



ଶିବିରରେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁନିଲ୍ କେରେକେଟା , କେ.ନୀଳମାଧବ ଆଚାରୀ, ସରପଞ୍ଚ ସୁଶାନ୍ତ କୁମାର ରାଉତ, ଏବିଡିଓ ଧର୍ମରାଜ ପରିଡା, ତହସିଲଦାର ତାପସ ରାଉତ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ଜ୍ୟୋତି ରଞ୍ଜନ ସାହୁ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭ୍ରାଂଶୁ ଶେଖର ରାଉତ,ସିଡିପିଓ ବବିତା କୁମାରୀ ପଣ୍ଡା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏମ.ଦେବାଶିଷ ଦୋରା, ବ୍ଲକ କୃଷି ଅଧିକାରୀ ହରପ୍ରିୟା ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଜନ ଶୁଣାଣି ଶିବିରରେ ୨୯ଟି ବ୍ୟକ୍ତିଗତ ଓ ୫ଟି ଗୋଷ୍ଠୀଗତ ଅଭିଯୋଗ ଦାଖଲ ହୋଇଥିଲା ବେଳେ ସେଥି ମଧ୍ୟରୁ ୨୯ ବ୍ୟକ୍ତିଗତ ଅଭିଯୋଗର ତତକ୍ଷଣା ସମାଧାନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବ୍ଲକ ସ୍ତରୀୟ ଅଧିକାରୀଙ୍କ ସମେତ ପଞ୍ଚାୟତବାସୀ ଉପସ୍ଥିତ ରହିଥିଲେ।

